READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

## ସାମ୍ବାଦିକ ଆବଶ୍ୟକ

ନିରପେକ୍ଷ ସାମ୍ବାଦିକତାରେ ବିଶ୍ୱାସ ରଖୁଥିବା ଓ ବାସ୍ତବ ତଥ୍ୟ ଲୋକଲୋଚନକୁ ଆଣିପାରିବା ଭଳି ଦକ୍ଷତା ଥିବା ବ୍ୟକ୍ତି ନିଜର ସବିଶେଷ ତଥ୍ୟ ସହିତ 'ଏକମାତ୍ର'ର ସାମ୍ବାଦିକ ହେବା ପାଇଁ ତୁରନ୍ତ ଯୋଗାଯୋଗ କରନ୍ତୁ।

E-mail: ekamaatra@gmail.com / Cell: 9338225930

ବର୍ଷ-୩ ସଂଖ୍ୟା-୧୫ ୨୨ - ୨୮ ଏପ୍ରିଲ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-15 22nd - 28th APRIL, 2019 BHUBANESWAR ₹ 5/- (8 Pages)

### ହାଇଟେକ୍ ପ୍ରଚାରରେ ଅଜସ୍ର ଟଙ୍କା ଖର୍ଚ୍ଚ

# ନେତାଙ୍କୁ ଭୋଟର ଭରସା

**ଭୁବନେଶ୍ୱର, (ତାରକ ମହାନ୍ତି) :** ରାଜ୍ୟରେ ୨୦୧୪ ମସିହାରେ ନିର୍ବାଚନ ଫଳାଫଳ ଯେଭଳି ହୋଇଥିଲା ୨୦୧୯ରେ ସେଭଳି ହେବା ନେଇ ସନ୍ଦେହ ଦେଖାଦେଲାଣି। ସେତେବେଳେ ଜନମତ ଏକପାଖିଆ ଭାବେ ଶାସକ ବିଜୁ ଜନତା ଦଳ ଖାତାକୁ ଯାଇଥିଲା ବେଳେ ବର୍ତ୍ତମାନ ଭୋଟରଙ୍କ ମତିଗତିରେ ପାର୍ଥକ୍ୟ ଦେଖିବାକୁ ମିଳୁଛି। ଚାରିଆଡେ ଏବେ ଯେଭଳି ରାଜନୈତିକ ବାତାବରଣ ସେଥିରେ ବିଜେଡି ଓ ବିଜେପି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚନ ଲଢୁଛନ୍ତି। କଂଗ୍ରେସ ଓଡ଼ିଶାରେ ହାତ ଟେକିଦେଲା ଭଳି ପରିସ୍ଥିତି। କାରଣ ରାଜ୍ୟର ନବୀନଙ୍କ ସରକାର ଓ



କେନ୍ଦ୍ରର ମୋଦି ସରକାର ଏଠାରେ ଯେଭଳି ପ୍ରଚାର କାର୍ଯ୍ୟକ୍ରମ ଚଳାଇଛନ୍ତି ସେଥିରେ କଂଗ୍ରେସର ଭୂମିକା ଗୌଣ ପଡିଯାଇଛି। ଆଶା କରାଯାଉଥିଲା ଚଳିତ ନିର୍ବାଚନରେ କଂଗ୍ରେସ ଏକ ବଡ ଦଳ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ଶାସନ ପରିବର୍ତ୍ତନରେ ଅଂଶୀଦାର ହେବ। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ କାଁ ଭାଁ ଆସନକୁ ଛାଡିଦେଲେ କେଉଁଠାରେ କଂଗ୍ରେସ ପ୍ରଭାବୀ ପ୍ରଚାର ହୋଇପାରୁନାହିଁ। ସଭା ସମିତି ହେଉ କିମ୍ବା ରୋଡ ଶୋ' କେଉଁଠାରେ ପିସିସି ସଭାପତି ନିର୍ବାଚନୀ ଯୋଦ୍ଧା ଭାବେ ଉଭା ହେବା ପରିଲକ୍ଷିତ ହେଉନାହିଁ। ନିଜ ନିର୍ବାଚନ କ୍ଷେତ୍ରକୁ ଛାଡିଦେଲେ ଜଣେ ଦଳ ସଭାପତି ରାଜ୍ୟର ସବୁ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଇଦାନରେ ଦମ୍ଭ ଦେଖାଇବା କଥା। କିନ୍ତୁ କଂଗ୍ରେସ ପରିପ୍ରେକ୍ଷୀରେ ଏହା ମଳିନ ପଡିଯାଇଛି। ସତେଯେମିତି କେଉଁ ଅଦୃଶ୍ୟ ଶକ୍ତି କଂଗ୍ରେସକୁ ଓଡ଼ିଶାରେ ଭୋଟ ଲଢ଼େଇରୁ ଦୂରେଇ ଯିବା ପାଇଁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ବାମପନ୍ଥୀ ଦଳମାନେ ରାଜ୍ୟର ଶାସନ କ୍ଷମତାକୁ ଆସିବାର କୌଣସି ସମ୍ଭାବନା ଦେଖା ଦେଉନାହିଁ। ଆଶା ଥିଲା କଂଗ୍ରେସ ସଭାପତି ରାହୁଲ ଗାନ୍ଧି ଓଡ଼ିଶାକୁ ବାରମ୍ବାର ଆସିବେ ଓ ଶାସକ ବିଜୁ ଜନତା ଦଳକୁ ପ୍ରତିହତ କଲାଭଳି ପଦକ୍ଷେପ ନେବେ। ପୂର୍ବାନୁମାନ କରାଯାଉଥିଲା ଯେ, ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଦାୟିତ୍ୱ ନେବା ପରେ ଓଡ଼ିଶା କଂଗ୍ରେସରେ ଘର କଳି ରହିବନାହିଁ। ପୁରୁଖା ନେତାଙ୍କ ସହିତ ନୂଆ ନେତାଙ୍କ ସମନ୍ୱୟରେ ନୂଆ ଏକ ସମୀକରଣ ଘଟିବ। କିନ୍ତୁ ଆଗୁଆ ଟିକଟ ଘୋଷଣା ➤ ପୃ-୬

# ସାବଧାନ

## ଅଙ୍କ ବିଗାଡ଼ିବେ ଲାଜୁଆ ଭୋଟର !



**ଭୁବନେଶ୍ୱର :** ୨୦୧୯ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟ ପ୍ରଚାର ଶେଷ ପରେ ଅନ୍ତିମ ପର୍ଯ୍ୟାୟ ମତଦାନ ପାଇଁ ଜୋରଦାର ପ୍ରଚାର ଚାଲିଛି। ସବୁ ରାଜନୈତିକ ଦଳର ମୁଖିଆ ତଥା ତୁଙ୍ଗ ନେତାମାନେ ବାରମ୍ବାର ସଭା ସମିତି ଓ ରୋଡ ଶୋ' କରୁଛନ୍ତି। ଉଚ୍ଚଶିକ୍ଷିତ ଭୋଟରମାନେ ସଚେତନ ନାଗରିକ ଭାବେ ବୁଝି ବିଚାରି ଭୋଟ ଦେଉଥିଲା ବେଳେ ଯେଉଁମାନେ ନିର୍ବାଚନୀ ଚିହ୍ନ ବା ଦଳ ଆଧାରରେ ଭୋଟ ଦେଉଛନ୍ତି ସେମାନଙ୍କ ଆଗରେ ଏ ସବୁର ଗୁରୁତ୍ୱ କମ୍ ବୋଲି ଦେଖିବାକୁ ମିଳୁଛି। କାରଣ ଦଳୀୟ ପ୍ରୀତି, ପ୍ରାର୍ଥୀଙ୍କ ସହ ସମ୍ପର୍କ ଆଧାରରେ ଏହି ଭୋଟରମାନେ ଭୋଟ ଦେବାକୁ ସ୍ଥିର କରିଥିଲା ବେଳେ ରାଜନୈତିକ ଦଳମାନେ ଏମାନଙ୍କ ଭୋଟକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରୁଥିବାର ଜଣାପଡିଛି। ବିଶେଷକରି ଶାସକ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ଏହି ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି। କଂଗ୍ରେସ ଯଦିଓ ନିର୍ବାଚନ ମଇଦାନରେ ଅଛି ତଥାପି ଭୋଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବା ଦିଗରେ ଖୁବ୍ ପଛରେ ପଡିଛି। ସଭାସମିତି ହେଉ କି ରୋଡ ଶୋ' କେଉଁଥିରେ କଂଗ୍ରେସ ପ୍ରଭାବୀ ଢଙ୍ଗରେ ଭୋଟ ପ୍ରଚାର କରିବା ଓ ଭୋଟରଙ୍କୁ ମେଳି କରିବା ଜଣାପଡୁନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଲୋକସଭା ଆସନ ଭୁବନେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରୋଡ ଶୋ' ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୋରଦାର ରୋଡ ଶୋ' କରି ରାଜଧାନୀ ଭୋଟରଙ୍କୁ ପୂର୍ବଭଳି ନିଜ ଦଳକୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜିତାଇବାକୁ ନିବେଦନ କରିଛନ୍ତି। ଯଦିଓ ଭୁବନେଶ୍ୱର (ଏକାମ୍ର, ମଧ୍ୟମ, ଉତ୍ତର) ବିଧାନସଭା କ୍ଷେତ୍ର ଗୁଡିକରେ ବିଜେଡିର ଦବ୍‌ଦବା ରହିଛି ତଥାପି ବିଜେପି ଏଠାରେ କିଛି କମ୍ ନୁହେଁ। ୨୦୦୯ ଓ ୨୦୧୪ ତୁଳନାରେ ସ୍ଥାନୀୟ ଭୋଟରଙ୍କ ମନ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଉଛି। ଏହି ଲୋକସଭା ଆସନରେ ବିଜେଡିର ଅନୁପ ପଟ୍ଟନାୟକ ପ୍ରାର୍ଥୀ ହୋଇଥିବା ବେଳେ ଆଇଏଏସ୍ ଚାକିରି ଛାଡି ବିଜେପିରେ ସାମିଲ ହୋଇଥିବା ଅପରାଜିତା ଷଡଙ୍ଗୀ ଭୋଟରଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି। ଅପରାଜିତା ସାଧାରଣ ନିର୍ବାଚନର ବହୁ ପୂର୍ବରୁ ଭୋଟରଙ୍କ ନିକଟରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ସହିତ ଭୋଟରଙ୍କ ସୁବିଧା ପାଇଁ ➤ ପୃ-୬

# ଚିଲିକା ହ୍ରଦ ବିକ୍ରି କରିବାକୁ କେନ୍ଦ୍ର ରଚୁଥିଲା ଷଡଯନ୍ତ୍ର: ନବୀନ

**ଭୁବନେଶ୍ୱର :** ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେପି ବିରୋଧରେ। ଚିଲିକାକୁ ନଷ୍ଟ କରିବା ପାଇଁ ବିଜେପି ଉଦ୍ୟମ କରୁଥିଲା ବୋଲି ନବୀନ ଅଭିଯୋଗ କରିଛନ୍ତି। ଚିଲିକାକୁ ବିକ୍ରୀ କରିଦେବା ପାଇଁ କେନ୍ଦ୍ର ବିଜେପି ସରକାରଙ୍କ ଉଦ୍ୟମକୁ ବିଜେଡି ଭଣ୍ଡୁର କରିଛି ବୋଲି ନବୀନ କହିଛନ୍ତି। ପୂର୍ବରୁ ସେ କେନ୍ଦ୍ରୀୟ ଅବହେଳା କଥା ଉଠାଇ କୋଇଲା ରୟାଲଟି, ରେଳପଥ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ପଦାକୁ ଆଣିଥିଲେ। ଏହାପରେ ପ୍ରଧାନମନ୍ତ୍ରୀଙ୍କ ଡବଲ ଇଞ୍ଜିନ୍ ପ୍ରସଙ୍ଗକୁ ନେଇ ନବୀନ ପାଲଟା ଆକ୍ରମଣ କରି ଓଡ଼ିଶାରେ ବିଜେପିର ଡବଲ ଇଞ୍ଜିନ୍ କିଏ ଓ କେ କେଉଁ ନିର୍ବାଚନ ମଣ୍ଡଳୀର ବୋଲି ପ୍ରଶ୍ନ କରିଥିଲେ। ପରେ ପୁଣି କହିଥିଲେ ଯେ, ବିଜେପିର ଦିଲ୍ଲୀ ଇଞ୍ଜିନ୍ ମେ'୨୩ରେ ଲାଇନ୍‌ଚ୍ୟୁତ୍ ହେବ। ୫ ରାଜ୍ୟରେ ଡବଲ ଇଞ୍ଜିନ ଥିଲା ବେଳେ ଗୋଟିଏ ଲେଖାଏଁ ଇଞ୍ଜିନ୍ ଲାଇନ୍‌ଚ୍ୟୁତ୍ ➤ ପୃ-୬



# ଝୁଲି ରହିଲା ପାଟକୁରା ନିର୍ବାଚନ

## ବେଦୁଙ୍କ ଦେହାନ୍ତ, ବିଜୟଙ୍କ ଭାଗ୍ୟ ଖରାପ

**ଭୁବନେଶ୍ୱର :** ଦୀର୍ଘ ୪୦ବର୍ଷ ଧରି କେନ୍ଦ୍ରାପଡ଼ା ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା ବରିଷ୍ଠ ବିଜେଡି ନେତା ତଥା ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ଦୀର୍ଘଦିନରୁ ଅସୁସ୍ଥ ଥିଲେ ବେଦପ୍ରକାଶ। ଅସୁସ୍ଥତା ସତ୍ତ୍ୱେ ୨୦୧୯ ସାଧାରଣ ନିର୍ବାଚନରେ ସେ ପାଟକୁରା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନ କରିଥିଲେ। ସେ ଏହି ନିର୍ବାଚନ ମଣ୍ଡଳୀରୁ ଗତ ୨୦୦୯ ଓ ୨୦୧୪ରେ ବିଧାୟକ ଭାବେ ନିର୍ବାଚିତ ହୋଇ ବିଧାନସଭାରେ ପାଟକୁରାକୁ ପ୍ରତିନିଧିତ୍ୱ କରିଥିଲେ। ଜଣେ ପୁରୁଖା ନେତା ଭାବେ ରାଜ୍ୟ ରାଜନୀତିରେ ସକ୍ରିୟ ଥିବା ବେଦପ୍ରକାଶ କେବଳ ପାଟକୁରା ନୁହେଁ କେନ୍ଦ୍ରାପଡାରୁ ୪ଥର ନିର୍ବାଚନ ଜିତି ବିଧାନସଭାକୁ ଯାଇଛନ୍ତି। ନିଜ ରାଜନୈତିକ ଜୀବନରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳରେ ସେ ରାଜ୍ୟ ସରକାରଙ୍କ ଅର୍ଥମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ ନିର୍ବାହ କରିଛନ୍ତି। ୮୨ ବର୍ଷିୟ ବେଦପ୍ରକାଶଙ୍କ



ମୃତ୍ୟୁ ପରେ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ପାଟକୁରା ବିଧାନସଭା ନିର୍ବାଚନ ବାତିଲ ହୋଇଯାଇଛି। ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ମତଦାନ ପୂର୍ବରୁ ପ୍ରାର୍ଥୀଙ୍କ ଦେହାନ୍ତ ଘଟିଲେ ନିର୍ବାଚନ ବାତିଲ ହୋଇଥାଏ। ତେଣୁ ଏଠାରେ ଲୋକସଭା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ହେବ। ପରବର୍ତ୍ତୀ ସମୟରେ ବେଦପ୍ରକାଶଙ୍କ ବଦଳରେ ଏଠାରୁ ବିଜେଡିର କିଏ ପ୍ରାର୍ଥୀ ➤ ପୃ-୬

# ଟଙ୍କିକିଆ ଚାଉଳର ଗୁମର ଖୋଲିଲେ ମୋଦି



**ଭୁବନେଶ୍ୱର :** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ଓଡିଶାରୁ ଯାହା ସଙ୍କେତ ଆସିଛି ପୁଣିଥର ଦିଲ୍ଲୀରେ ମୋଦି ସରକାର ଏବଂ ଓଡିଶାରେ ବିଜେପି ସରକାର ହେବା ନିଶ୍ଚିନ୍ତ। ଦେଶବାସୀ ସମସ୍ତେ ଚାହାନ୍ତି ଏକ ସଚ୍ଚୋଟ ଏବଂ ମଜବୁତ୍ ସରକାର । ସେଥିପାଇଁ ଓଡିଶାବାସୀ ବିଜେପିକୁ ସମର୍ଥନ କରୁଛନ୍ତି। ଓଡିଶାରେ ଥିବା ବିଜୁ ଜନତା ଦଳର ସରକାରର ମିଛ ଏବଂ ଠକାମିକୁ ଓଡିଶା ଲୋକମାନେ ଧରିସାରିଲାଣି । କେନ୍ଦ୍ର ଦେଉଥିବା ଅର୍ଥକୁ ଓଡିଶାରେ ଶାସନରେ ଥିବା ସରକାର ହଡପ କରୁଥିବା କଥା ଲୋକମାନେ ଜାଣିସାରିଲେଣି । ୧ ଟଙ୍କିକିଆ ଚାଉଳକୁ ନେଇ ବିଜୁ ଜନତା ଦଳ କରୁଥିବା ମିଛ ପ୍ରଚାରକୁ ଲୋକମାନେ ବୁଝିସାରିଲେଣି। ସମ୍ବଲପୁରର ଏହି ବିଶାଳ ଜନ ସମୁଦ୍ରକୁ ଦେଖି ଓଡିଶାରେ ଶାସନ ଗାଦିରେ ବସିଥିବା ଲୋକଙ୍କର ହୋସ ଉଡିଯାଇଛି। ଦେଶର ଚୌକିଦାରକୁ ଓଡିଆ ଲୋକଙ୍କର ଏତେ ଭଲ ପାଇବା ଏବଂ ସ୍ନେହ ଦେଖି ଓଡିଶାରେ ଶାସନ କରି ବଡ ବଡ ମହାଘୋଟାଲା କରିଥିବା ଲୋକମାନେ ଏବେ ଚିନ୍ତାରେ ପଡିଛନ୍ତି। ଓଡିଶାରେ ଏଥର ବିଜେପି ସରକାର ହେବା ନିଶ୍ଚିନ୍ତ ବୋଲି ସମ୍ବଲପୁରରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଖଣି ଏବଂ ଚିଟ୍‌ଫଣ୍ଡ ମାଫିଆଙ୍କୁ ଓଡିଶା ସରକାର ପ୍ରଶ୍ରୟ ଦେଉଛନ୍ତି। ଯାହାର କେବଳ ପିସିରେ ମନ, ତାଙ୍କର ସାଧାରଣ ଜନତାଙ୍କ କଥା କେମିତି ମନେପଡିବ। ଚିଟଫଣ୍ଡରେ ଯିଏ ବୁଡିଛନ୍ତି, ସେ କେମିତି ଲୋକଙ୍କ କଥା ବୁଝିବେ ବୋଲି ସମ୍ବଲପୁର ଠାରେ ବିଜୟ ସଂକଳ୍ପ ସଭାରେ ଯୋଗଦେଇ ପ୍ରଶ୍ନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସେହିପରି ୨୦ ବର୍ଷ ଧରି ଓଡିଶାର ଲୋକମାନେ ଆଖିବନ୍ଦ କରି ➤ ପୃ-୬

## ବକ୍ରବାଣୀ



ବାପୁହେ ଆଉ ଥରେ ଆସନ୍ତନି
ନେତାଙ୍କ ଲୋକ ସେବା ଦେଖନ୍ତନି
ସେମାନେ କେମିତି ଲଗାନ୍ତି ନିଆଁ
ଟିକଟ ଆଶାରେ ମାଙ୍କଡ ଡିଆଁ
ଗରୀବ ସେବାରେ ମନ ଆତୁର
ମିଛ କହିବାକୁ କେଡେ ଚତୁର
ସେବା କଥା କହି କେତେ କାନ୍ଦନ୍ତି
ଜିତିଗଲେ ସବୁ ଭୁଲି ଯାଆନ୍ତି
ସେବା କରିବାକୁ ବାଡିଆ ବାଡି
ମଦ ମାଂସ ଦେଇ ଛାଡନ୍ତି ରଡି।

—— ଟୁଟୁ

# ବିମୁଦ୍ରୀକରଣ ପରେ ଚାକିରି ହରାଇଛନ୍ତି ୫୦ଲକ୍ଷ

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ନଭେମ୍ବର ମାସରେ ଘୋଷଣା କରିଥିବା ବିମୁଦ୍ରୀକରଣ ପରେ ଚାକିରି କ୍ଷେତ୍ରରେ ଏହାର ପ୍ରଭାବ ଯଥେଷ୍ଟ ପଡିଥିଲା। ୨୦୧୬ ବିମୁଦ୍ରୀକରଣ ଠାରୁ ୨ ବର୍ଷ ମଧ୍ୟରେ ଦେଶର ୫୦ଲକ୍ଷ ଲୋକ ନିଜର ଚାକିରି ହରାଇଛନ୍ତି। ଏଭଳି ଏକ ଆଶ୍ଚର୍ଯ୍ୟ କରିବା ଭଳି ଏକ ରିପୋର୍ଟ 'ଷ୍ଟେଟ୍ ଅଫ୍ ୱର୍କିଂ ଫର ଇଣ୍ଡିଆ-୨୦୧୯'ରେ ପ୍ରକାଶ ପାଇଛି। ଏହି ରିପୋର୍ଟଟିକୁ ବେଙ୍ଗାଲୁରୁରେ ଥିବା ଅଜମି ପ୍ରେମଜୀ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ସଷ୍ଟେନେବୁଲ ଏମ୍ପ୍ଲୟମେଣ୍ଟ ପକ୍ଷରୁ ସାର୍ବଜନୀନ କରାଯାଇଛି। ତେବେ ଏହିସବୁ ଚାକିରି ହରାଇବା ପାଇଁ ଯେ କେବଳ ବିମୁଦ୍ରୀକରଣ ଦାୟୀ ସେକଥା ନିର୍ଦ୍ଦିଷ୍ଟ ଭାବେ ଏଥିରେ କୁହାଯାଇନାହିଁ। କେବଳ ବିମୁଦ୍ରୀକରଣ ପରେ ଲୋକମାନେ ଚାକିରି



ହରାଇବା ପ୍ରକ୍ରିୟା ଆରମ୍ଭ ହୋଇଥିଲା ଏବଂ ଗତ ୨ ବର୍ଷରେ ୫୦ ଲକ୍ଷ ଲୋକ ଚାକିରି ହରାଇଥିବା ଏଥିରେ କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଗତ ୨ବର୍ଷ ମଧ୍ୟରେ ପୁରୁଷଙ୍କ ଅପେକ୍ଷା ମହିଳାମାନେ ଅଧିକ ଚାକିରି ହରାଇଛନ୍ତି। ଲୋକମାନେ ଚାକିରି ହରାଇବା ଚିନ୍ତାର ବିଷୟ। ତେଣୁ ଏହା ବିମୁଦ୍ରୀକରଣ ଯୋଗୁଁ ହେଉ କିମ୍ବା ଅନ୍ୟ କାରଣରୁ ତଥାପି ସରକାର ଏହାକୁ ଗୁରୁତ୍ୱର ସହ ନେବା ଉଚିତ। ଏଥିସହ ଏହି ସମସ୍ୟାକୁ ମୁକାବିଲା କରିବାକୁ ତୁରନ୍ତ ନୂଆ ପଦକ୍ଷେପ ନେବା ଦରକାର। ଅବଶ୍ୟ ୨୦୧୧ ପରଠାରୁ ଦେଶରେ ବେକାରୀ ସମସ୍ୟା ଧିରେ ଧିରେ ବଢୁଥିଲା। ବିଶେଷକରି ଉଚ୍ଚ ଶିକ୍ଷିତ ଏବଂ ଯୁବଗୋଷ୍ଠୀ ଏହି ବେକାରୀ ତାଲିକାରେ ରହିଛନ୍ତି। କିନ୍ତୁ ଏହି ଦୁଇବର୍ଷ ମଧ୍ୟରେ ଉଚ୍ଚ ଶିକ୍ଷିତଙ୍କ ତୁଳନାରେ କମ୍ ଶିକ୍ଷିତ ଯୁବଗୋଷ୍ଠୀ ଚାକିରି ହରାଇବା ସହ କର୍ମକ୍ଷେତ୍ରରୁ ବିଚ୍ୟୁତ୍ ହୋଇଛନ୍ତି। ନିର୍ବାଚନ ମାହୋଲରେ ଏଭଳି ରିପୋର୍ଟ ସରକାରଙ୍କୁ ଅଡୁଆରେ ପକାଇ ଦେଇଛି। କିଛିଦିନ ତଳେ ସରକାରୀ ସୂତ୍ରରୁ ଲିକ୍ ହୋଇଥିବା ରିପୋର୍ଟରେ ମଧ୍ୟ ବେକାରୀ ସମସ୍ୟା ଉକ୍ରଟ ଥିବା କୁହାଯାଇଥିଲା। ୨୦୧୭-୧୮ରେ ବେକାରୀ ସମସ୍ୟା ୪୫ ବର୍ଷର ରେକର୍ଡ ଭାଙ୍ଗିଥିବା ମଧ୍ୟ ଏଥିରେ କୁହାଯାଇଥିଲା। ନ୍ୟାସନାଲ ସାମ୍ପଲ ➤ ପୃ-୬



## କେମିତି କଟିବ ଏ ସପ୍ତାହ

**ମେଷ** – ପରିବାରରେ ସାମାନ୍ୟ କଥାକୁ ନେଇ କଳହ ହୋଇପାରେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ଚାକିରି କ୍ଷେତ୍ରରେ ଲାଗିଥିବା ବିବାଦ ସମାଧାନ ହେବ। ବ୍ୟବସାୟୀମାନେ ଲାଭାବାନ୍ ହେବେ।

**ବୃଷ** – ଭାଗ୍ୟ ଉଜ୍ଜ୍ୱଳ ରହିବ। ନୂତନ ଯାନ କ୍ରୟ କରି ଖୁସି ଅନୁଭବ କରିବେ। ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ଜମିଜମା ବିବାଦ ଲାଗି ରହିବ।

**ମିଥୁନ** – ବିଦ୍ୟାର୍ଥୀମାନେ ପରିଶ୍ରମ କରି ସଫଳତା ପାଇବେ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତି ବଜାୟ ରହିବ। ମାନସିକ ସୁସ୍ଥତା ଅନୁଭବ କରିବେ।

**କର୍କଟ** – ବ୍ୟବସାୟୀମାନେ ଆଶାତୀତ ଲାଭବାନ୍ ହେବେ। ଚାରିଚକିଆ ଯାନ ପ୍ରତି ସତର୍କତା ରହିବେ। ଆର୍ଥିକ ସମସ୍ୟା ଦୂର ହେବ। ଦାମ୍ପତ୍ୟଜୀବନ ସୁଖମୟ ରହିବ। ଧନପ୍ରାପ୍ତିର ପ୍ରବଳ ଯୋଗ ରହିଛି।

**ସିଂହ** – ବିଦ୍ୟାର୍ଥୀମାନେ ପ୍ରଶଂସିତ ହେବେ। ରାଜନୈତିକ ବ୍ୟକ୍ତିମାନେ ଅସଫଳ ହେବେ। ବ୍ୟବସାୟରେ କ୍ଷତି ସହିବେ। ପୂଜାପାଠରେ ମନ ଅଧିକ ଲାଗିରହିବ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିପାରେ।

**କନ୍ୟା** – ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତିତ ରହିପାରନ୍ତି। ଗୃହରେ ମାଙ୍ଗଳିକ କାର୍ଯ୍ୟ ହେବାର ସୂଚନା ଅଛି। ନୂତନ କର୍ମରେ ଯୋଗ ଦେଇ ସଫଳତା ଲାଭ କରିବେ। ରାଜନୀତି କ୍ଷେତ୍ରରେ ବ୍ୟକ୍ତିଙ୍କୁ ଉଚ୍ଚପଦ ମିଳିପାରେ।

**ତୁଳା** – ଶାରୀରିକ ପୀଡା ଅନୁଭବ କରିବେ। ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ବ୍ୟବସାୟୀମାନେ ଅଧିକ ଲାଭବାନ୍ ହେବେ। କୋର୍ଟକଚେରୀ ମାମଲାରେ ସମାଧାନ ହେବ। ଆୟର ନୂତନ ରାସ୍ତା ପ୍ରସ୍ତୁତ କରିବେ।

**ବିଛା** – ବନ୍ଧୁଙ୍କ ସହ କଳହ ଉପୁଜିପାରେ। ବ୍ୟବସାୟରେ ଆଶାଠାରୁ ଅଧିକ ଲାଭବାନ୍ ହେବେ। ଜମି କିଣାବିକା ବ୍ୟବସାୟରେ ଲାଭ ହେବ। ଛାତ୍ରଛାତ୍ରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି ଲାଭ କରିପାରିବେ।

**ଧନୁ** – ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ସୁସ୍ଥ ରହିପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ।

**ମକର** – ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ବିବାହ ଆଶାୟୀମାନେ ସଫଳତା ପାଇବେ। ବ୍ୟବସାୟରେ ଆଶାନୁରୂପ ଫଳ ମିଳିବ। ଜମିଜମା ବିବାଦର ସମାଧାନ ହେବ। ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ।

**କୁମ୍ଭ** – ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସିତ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ଆର୍ଥିକ ଅସବୁିଧା ଲାଗି ରହିବ। ଯାନବାହନ ପ୍ରତି ସତର୍କତା ଅବଲମ୍ବନ କରିବେ।

**ମୀନ** – ପାରିବାରିକ ଅଶାନ୍ତି ଦୂର ହେବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। ବିବାହ ଆଶାୟୀମାନଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଆତଙ୍କବାଦୀଙ୍କ ନୂଆ ଚାଲ

## ବାଇକ୍ ଦ୍ୱାରା ଆକ୍ରମଣ କରିବାକୁ ଯୋଜନା



**ନୂଆଦିଲ୍ଲୀ:** ଜାମ୍ମୁ-କାଶ୍ମୀରର ପୁଲଓ୍ୱାମା ଆତଙ୍କବାଦୀ ଭଳି ଆକ୍ରମଣ କରିବାକୁ ଏବେ ପୁଣିଥରେ ଆତଙ୍କବାଦୀମାନେ ଯୋଜନା ଆରମ୍ଭ କରିଛନ୍ତି। ତେବେ ଏଥର କାର୍ ନୁହେଁ ବରଂ ମୋଟରସାଇକେଲ ଦ୍ୱାରା ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ଆତ୍ମଘାତୀ ହମ୍‌ଲା କରିବାକୁ ଆତଙ୍କବାଦୀମାନେ ବ୍ଲୁ-ପ୍ରିଣ୍ଟ ଜାରି କରିଛନ୍ତି। ଏନେଇ ଆଜି ଗୁଇନ୍ଦା ବିଭାଗ ସୂଚନା ଦେବା ପରେ ସମଗ୍ର ଜାମ୍ମୁ-କାଶ୍ମୀରରେ ହାଇଆଲର୍ଟ ଜାରି କରାଯାଇଛି। ଗୁଇନ୍ଦା ବିଭାଗର ରିପୋର୍ଟ ଅନୁଯାୟୀ, ପୁଲଓ୍ୱାମା ହମ୍‌ଲା ପାଇଁ ଆତଙ୍କବାଦୀମାନେ କାରର ବ୍ୟବହାର କରିଥିଲେ। ଏକ କାରରେ ବିସ୍ଫୋରକ ଖଞ୍ଜି ଆତଙ୍କବାଦୀମାନେ ସିଆରପିଏଫ୍‌ର କନଭୟକୁ ଟାର୍ଗେଟ କରିଥିଲେ। ଏହି ଘଟଣା ପରେ ଏବେ ସୁରକ୍ଷାକର୍ମୀମାନେ କାର ଚଳାଚଳ ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ତେଣୁ କାର ଦ୍ୱାରା ପୁଣିଥରେ ଆକ୍ରମଣ କରିବା ସହଜ ନୁହେଁ ବୋଲି ଆତଙ୍କବାଦୀମାନେ ଆଶଙ୍କା କରିଛନ୍ତି। ତେଣୁ ସେମାନେ ବାଇକ୍‌ର ଉଭୟ ପାର୍ଶ୍ୱରେ ବିସ୍ଫୋରକ ଖଞ୍ଜି ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବାକୁ ମସୁଧା କରିଛନ୍ତି। କାରଣ ବାଇକ୍ ଦ୍ୱାରା ସହଜରେ ଏକ ଟାର୍ଗେଟରେ ପହଞ୍ଚି ହେବ ଏବଂ ସହଜରେ ବିସ୍ଫୋରଣ କରିହେବ ବୋଲି ଆତଙ୍କୀମାନେ ଆକଳନ କରିଛନ୍ତି। ଏଥିପାଇଁ ଆତଙ୍କୀ ସଂଗଠନ ପକ୍ଷରୁ ଶ୍ରୀନଗର ଓ କୁପଓ୍ୱାଡାରେ ଥିବା ସଦସ୍ୟମାନଙ୍କୁ ଆଲର୍ଟ କରାଯାଇଛି। ସେମାନଙ୍କୁ ଆକ୍ରମଣ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି। ଖାଲି ସୁରକ୍ଷାକର୍ମୀ ନୁହନ୍ତି ସାଧାରଣ ଲୋକ ଓ ଜାମ୍ମୁ-କାଶ୍ମୀର ନିର୍ବାଚନ ବେଳେ ପୋଲିଂ ଅଧିକାରୀମାନେ ମଧ୍ୟ ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛନ୍ତି। ଫେବୃଆରୀ ୧୪ରେ ପୁଲଓ୍ୱାମାଠାରେ ଆଦିଲ ଦାର ନାମକ ଜଣେ ଆତଙ୍କବାଦୀ ଜଣଙ୍କ ସିଆରପିଏଫ୍ କନଭୟ ନିକଟରେ କାର ବୋମା ବିସ୍ଫୋରଣ କରିଥିଲା। ଏଥିରେ ୪୦ଜଣ ଯବାନ ସହିଦ ହୋଇଥିଲେ। ଏହି ଆକ୍ରମଣ ପଛରେ ପାକିସ୍ତାନରେ ସକ୍ରିୟ ଜୈଶ ଆତଙ୍କୀ ସଂଗଠନର ହାତ ରହିଥିଲା।

## ସୀମାପାର ବାଣିଜ୍ୟ କାରବାର ରଦ୍ଦ କଲା ଭାରତ



ନୂଆଦିଲ୍ଲୀ : ଜମ୍ମୁ ଓ କାଶ୍ମୀରର ନିୟନ୍ତ୍ରଣ ରେଖାରେ ଚାଲୁଥିବା ବାଣିଜ୍ୟ କାରବାରକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ରଦ୍ଦ କରାଯାଇଛି। ସୀମାପାର ବାଣିଜ୍ୟ ପଥକୁ ପାକିସ୍ତାନରେ ଥିବା ତତ୍ୱମାନେ ବେଆଇନ ଅସ୍ତ୍ରଶସ୍ତ୍ର, ମାଦକଦ୍ରବ୍ୟ ଏବଂ ଜାଲନୋଟ ଆଦି କାରବାର ସକାଶେ ଅପବ୍ୟବହାର କରୁଛନ୍ତି ରିପୋର୍ଟ ପାଇବା ପରେ ଭାରତ ସରକାରଙ୍କ ପକ୍ଷରୁ ଏଭଳି ବାଣିଜ୍ୟ ମାର୍ଗକୁ ବନ୍ଦ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ ଯେ ନିୟନ୍ତ୍ରଣ ରେଖା ଦେଇ ଜମ୍ମୁ କାଶ୍ମୀର ସୀମାର ଉଭୟ ପାର୍ଶ୍ୱରେ ଥିବା ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସାମଗ୍ରୀ କାରବାରକୁ ସୁବିଧାରେ ଉପଲବ୍ଧ କରିବା ନିମନ୍ତେ ଏଭଳି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଦ୍ରବ୍ୟ କାରବାର ଦୁଇଟି ବାଣିଜ୍ୟ ସୁବିଧା କେନ୍ଦ୍ର ଦେଇ କରାଯାଇଥାଏ। ସେଗୁଡ଼ିକ ହେଲା ବାରମୁଲା ଜିଲ୍ଲାର ଉରିସ୍ଥିତ ସଲାମାବାଦ ଏବଂ ପୁଞ୍ଛ ଜିଲ୍ଲାର ଚକ୍କାନ- ଦା- ବାଗ। ସପ୍ତାହକୁ ଚାରିଦିନ ପାଇଁ ଏହି ମାର୍ଗ ଦେଇ ଉଭୟ ପଟୁ ବାଣିଜ୍ୟ କାରବାର କରାଯାଇଥାଏ। ଏହିସବୁ ଦ୍ରବ୍ୟ ମୁଖ୍ୟତଃ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ସାମଗ୍ରୀର ଦେଣନେଣ ଏବଂ ନିଃଶୁଳ୍କ ଭିତିରେ କରାଯାଇଥାଏ। କିନ୍ତୁ , ସରକାରଙ୍କୁ ସୂଚନା ମିଳିଛି ଯେ ନିୟନ୍ତ୍ରଣ ରେଖାରେ ହେଉଥିବା ଏହି ବାଣିଜ୍ୟ ବ୍ୟବସ୍ଥାକୁ ବ୍ୟାପକ ଭାବେ ଅପବ୍ୟବହାର କରାଯାଉଛି। ଜଣାପଡ଼ିଛି ଯେ ବାଣିଜ୍ୟ ଏହାର ସତା ହରାଇଛି ଏବଂ ଅଧିକତର ଭାବେ ତୃତୀୟ ପକ୍ଷ ବାଣିଜ୍ୟ ଏବଂ ଅପଶକ୍ତି ତଥା ଜାତୀୟତା ବିରୋଧୀ ତତ୍ୱ ମାନଙ୍କ ଦ୍ୱାରା ଏହି ପଥକୁ ମାଧ୍ୟମ ଭାବ ବ୍ୟବହାର କରାଯାଉଛି ଓ ସେମାନେ ଏହି ପଥ ଦେଇ ହଓ୍ୱାଲା ଅର୍ଥ, ମାଦକଦ୍ରବ୍ୟ ଏବଂ ଅସ୍ତ୍ରଶସ୍ତ୍ର କାରବାର କରୁଛନ୍ତି। ବାଣିଜ୍ୟ କାରବାରକୁ ସେମାନେ ବାହାନା ରୂପେ ଉପଯୋଗ କରୁଛନ୍ତି। ଏନଆଇଏ (ଜାତୀୟ ଅନୁସନ୍ଧାନ ଏଜେନ୍ସି)ଙ୍କ ଦ୍ୱାରା ସେଠାରେ ଚାଲିଥିବା ଅନୁସନ୍ଧାନରୁ ଜଣାପଡ଼ିଛି ଯେ ସେଠାରେ କାର୍ଯ୍ୟ କରୁଥିବା ଅଧିକତର ନିୟନ୍ତ୍ରଣ ରେଖାର ବାଣିଜ୍ୟ ସଂସ୍ଥାଙ୍କର ନିଷିଦ୍ଧ ଆତଙ୍କବାଦୀ ସଂଗଠନମାନଙ୍କ ସହ ଘନିଷ୍ଠ ଯୋଗସୂତ୍ର ରହିଛି। ଏହି ସବୁ ସଂଗଠନମାନେ ଆତଙ୍କବାଦ/ ବିଚ୍ଛିନ୍ନତାବାଦ ସହ ସଂପୃକ୍ତ ଅଛନ୍ତି। ଅନୁସନ୍ଧାନରୁ ଆହୁରି ଜଣାପଡ଼ିଛି ଯେ କେତେକ ବ୍ୟକ୍ତିବିଶେଷ, ଯେଉଁମାନେ ପାକିସ୍ତାନକୁ ଯାଇଛନ୍ତି ଏବଂ ସେଠାରେ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇଛନ୍ତି ସେମାନେ ପାକିସ୍ତାନରେ ବାଣିଜ୍ୟ ସଂସ୍ଥାମାନ ଆରମ୍ଭ କରିଛନ୍ତି। ସେହିସବୁ ବାଣିଜ୍ୟ ସଂସ୍ଥାଗୁଡ଼ିକ ଆତଙ୍କବାଦୀ ସଂଗଠନମାନଙ୍କ ନିୟନ୍ତ୍ରଣରେ ରହିଛି ଏବଂ ସେମାନେ ଏବେ ନିୟନ୍ତ୍ରଣ ରେଖାରେ ବାଣିଜ୍ୟ କାରବାରରେ ଲିପ୍ତ ଅଛନ୍ତି। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସରକାର ପାକିସ୍ତାନ ଠାରୁ ସବୁଠାରୁ ଅନୁଗୃହୀତ ରାଷ୍ଟ୍ର (ଏମଏନଏଫ) ମାନ୍ୟତା ଓହରାଇ ନେଇଥିଲା। ସେତେବେଳେ ସୂଚନା ମିଳିଥିଲା ଯେ ପରିଣାମତଃ ଏଭଳି ଉଚ୍ଚତର ଟିକସକୁ ଏଡ଼ାଇବା ସକାଶେ, ନିୟନ୍ତ୍ରଣ ରେଖାରେ ଚାଲିଥିବା ବାଣିଜ୍ୟକୁ ଯଥେଷ୍ଟ ମାତ୍ରାରେ ଅପବ୍ୟବହାର କରିବାର ସମ୍ଭାବନା ରହିଛି। ତେଣୁ ଭାରତ ସରକାର ଜମ୍ମୁ ଓ କାଶ୍ମୀରର ସଲାମାବାଦ ଓ ଚକ୍କାନ-ଦା-ବାଗ ଠାରେ ଚାଲିଥିବା ଏଭଳି ଏଲଓସି ବାଣିଜ୍ୟ କାରବାରକୁ ତୁରନ୍ତ ବନ୍ଦ କରିବାକୁ ନିଷ୍ପତି ଗ୍ରହଣ କରିଛନ୍ତି। ଏ ଦିଗରେ କଠୋର ଏବଂ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ବ୍ୟବସ୍ଥା ଗ୍ରହଣ କରଯାଇଛି ଏବଂ ବିଭିନ୍ନ ଏଜେନ୍ସିମାନଙ୍କ ସହ ପରାମର୍ଶ କରାଯାଇ ତାହାକୁ କାର୍ଯ୍ୟକାରୀ କରାଯିବା ସକାଶେ ନିଷ୍ପତି ହୋଇଛି। ଏହା ପରେ ଏଲଓସି ବାଣିଜ୍ୟ କାରବାର ପୁନଃଆରମ୍ଭ କରାଯିବା ପ୍ରସଙ୍ଗ ସଂଶୋଧନ କରାଯିବ।

## ଦଶବର୍ଷ ପରେ ଦେଶରେ ଅତି ଗରିବ ନଥିବେ: ଜେଟ୍‌ଲୀ



**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ସମସ୍ୟା ମଧ୍ୟରୁ ସବୁଠାରୁ ବଡ଼ ସମସ୍ୟା ହେଲା ଅତିରୁ ଅତି ଦାରିଦ୍ର୍ୟ। ବିଗତ ଦିନମାନଙ୍କରେ ଏହି ସମସ୍ୟାକୁ ଦୂର କରିବା ପାଇଁ ବିଭିନ୍ନ ସରକାରଙ୍କ ସମୟରେ ଭିନ୍ନ ଭିନ୍ନ ନୀତି ଅବଲମ୍ବନ କରାଯାଇଛି। ତେବେ ବର୍ତ୍ତମାନର ସରକାରଙ୍କ ପକ୍ଷରୁ ଏହି ସମସ୍ୟା ଦୂର କରିବା ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଏଦିଗରେ ଲଗାତର ପ୍ରୟାସ ନିଶ୍ଚିତ ଭାବେ ଫଳପ୍ରସୂ ହେବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି। ସରକାର ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ତଦ୍ୱାରା ଅର୍ଥନୈତିକ ସଂପ୍ରସାରଣ ସହିତ ଦେଶକୁ ଅତି ଦାରିଦ୍ର୍ୟରୁ ଦୂରେଇ ଦିଆଯାଇପାରିବ। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଏବଂ ସହରାଞ୍ଚଳ ବିକାଶ ଯୋଗୁଁ ଅତି ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ୨୦୨୧ ସୁଦ୍ଧା ଯଥେଷ୍ଟ ଭାବେ ହ୍ରାସ ପାଇବା ସହ ଏହାର ୧୦ ବର୍ଷ ପରେ ଦେଶରୁ ଏହି ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇପାରିବ ବୋଲି ସେ କହିଛନ୍ତି। ଦେଶରେ ସହରାଞ୍ଚଳର ଦ୍ରୁତ ବିକାଶ ହେବା ଦ୍ୱାରା ମଧ୍ୟମ ବର୍ଗଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଘଟିବା ସହିତ ଅର୍ଥନୀତି ମଧ୍ୟ ବହୁଗୁଣିତ ହେବ। ଫଳରେ ପର୍ଯ୍ୟାପ୍ତ ପରିମାଣରେ ନିଯୁକ୍ତି ସୃଷ୍ଟି ହେବ ଏବଂ ଏହାର ହାରାହାରି ଫଳ ସମାଜର ସବୁ ବର୍ଗଙ୍କ ପାଇଁ ଫଳପ୍ରସୂ ସାବସ୍ତ୍ୟ ହେବ ବୋଲି ଜେଟ୍‌ଲୀ କହିଛନ୍ତି। ଶିକ୍ଷାର ଅଭାବ, ସ୍ୱାସ୍ଥ୍ୟ, ବିଦ୍ୟୁତ ସେବା, ପରିମଳ ଏବଂ ପାନୀୟଜଳର ଅଭାବକୁ ନେଇ ଆନ୍ତର୍ଜାତୀୟ ରେଟିଂ ସଂସ୍ଥା ବ୍ରୁକିଙ୍ଗସ୍ ପକ୍ଷରୁ ଅତି ଦାରିଦ୍ର୍ୟର ସଂଜ୍ଞା ବହନ କରାଯାଇଥିଲା ବେଳେ ଏହି ସଂସ୍ଥାର ୨୦୧୮ ରିପୋର୍ଟରେ ଏକ୍ଷେତ୍ରରେ ଭାରତ ଅନେକ ଉନ୍ନତି ଆଣିପାରିଥିବା କୁହାଯାଇଛି। ପୂର୍ବରୁ ବିଶ୍ୱ ଦାରିଦ୍ର୍ୟ ତାଲିକାରେ ଭାରତର ସ୍ଥାନ ଯେଭଳି ରହିଥିଲା ବର୍ତ୍ତମାନ ଏଥିରେ ଅନେକ ଉନ୍ନତି ଘଟିଛି ବୋଲି ବ୍ରୁକିଙ୍ଗସ୍ ପକ୍ଷରୁ କୁହାଯାଇଛି। ସେହିପରି ବିଶ୍ୱ ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ ୨୦୧୧ରେ ଭାରତର ୨୧ ପ୍ରତିଶତ ଲୋକଙ୍କ ଦୈନିକ ଆୟ ୨ ଡଲାରରୁ କମ୍ ରହିଥିଲା। ହେଲେ ଆଗାମୀ ତିନି ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ୧୫ ପ୍ରତିଶତ ହ୍ରାସ ଘଟିବା ସହିତ ଏହାର ୧୦ ବର୍ଷ ପରେ ଏହି ଶ୍ରେଣୀର ଲୋକଙ୍କ ସଂଖ୍ୟା ଶୂନରେ ପହଞ୍ଚିବ ବୋଲି ଜେଟଲୀ କହିଛନ୍ତି।

## ପ୍ୟାରିସ୍ ଚର୍ଚ୍ଚର ପୁନରୁଦ୍ଧାର କରିବ ୟୁନେସ୍କୋ

**ମିଳିତ ଜାତିସଂଘ :** ଅଗ୍ନିକାଣ୍ଡରେ ଧ୍ୱଂସପ୍ରାୟ ପ୍ୟାରିସର ବିଶ୍ୱବିଖ୍ୟାତ ଚର୍ଚ୍ଚ 'ନୋତ୍ରେ ଡେମ'ର ପୁନରୁଦ୍ଧାର କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିବାକୁ ୟୁନିସ୍କୋ ରାଜି ହୋଇଛି। ମଧ୍ୟଯୁଗର ଏହି ପୁରୁଣା ଐତିହ୍ୟକୁ ୟୁନିସ୍କୋ ମାନ୍ୟତା ପ୍ରଦାନ କରିଥିଲା। ଏବେ ଏହି ଚର୍ଚ୍ଚର ପୁନରୁଦ୍ଧାର ପ୍ରତି ୟୁନିସ୍କୋର ବିଶ୍ୱ ସଂସ୍କୃତି କେନ୍ଦ୍ର ନିର୍ଦ୍ଦେଶକ ରୋସଲେର ଗୁରୁତ୍ୱାରୋପ କରିଛନ୍ତି। ରୋସଲେର ଚର୍ଚ୍ଚକୁ ପରିଦର୍ଶନ କରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ, ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଥିବା ଚର୍ଚ୍ଚ କେବଳ ଫ୍ରାନ୍ସର ଧାର୍ମିକ କେନ୍ଦ୍ର ନଥିଲା। ବିଶ୍ୱବାସୀଙ୍କ ପାଇଁ ଏକତାର ବାର୍ତ୍ତା ବହନ କରିଥିଲା। ୮୫୦ ବର୍ଷର ଚର୍ଚ୍ଚରେ ନିଆଁ ଲାଗିଯିବାର ଖବର ପାଇ ସାରା ବିଶ୍ୱବାସୀ ମର୍ମାହତ ହୋଇଛନ୍ତି। ରୋସଲେର କହିଛନ୍ତି ଯେ ୟୁନିସ୍କୋର ଗୋଟିଏ ବିଶେଷଜ୍ଞ ମଣ୍ଡଳୀ ପୋଡି ଯାଇଥିବା ଚର୍ଚ୍ଚର ପ୍ରାଚୀନ କାରୁକାର୍ଯ୍ୟ, ନିର୍ମାଣଶୈଳୀ, ପଥରକାମ, ସୁନ୍ଦର କାଚଝରକାର କ୍ଷୟକ୍ଷତି ଆକଳନ କରିବେ। ୟୁନିସ୍କୋ ତତ୍ତ୍ୱାବଧାନରେ ଚର୍ଚ୍ଚର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ। ରୋସଲେରଙ୍କ ମତରେ ନୋତ୍ରେ ଡେମର ପୂର୍ବର ସୌନ୍ଦର୍ଯ୍ୟ ଫେରାଇ ଆଣିବା କଷ୍ଟକର ବ୍ୟାପାର। କିନ୍ତୁ ଏହି ପୁରୁଣା ଐତିହ୍ୟକୁ ବଞ୍ଚାଇ ରଖିବା ଆମର ପରମ କର୍ତ୍ତବ୍ୟ। ୧୯୯୧ରେ ନୋତ୍ରେ ଡେମ୍ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ ହୋଇଥିଲା। ନୋତ୍ରେ ଡେମ କ୍ୟାଥେଡ୍ରାଲ ଚର୍ଚ୍ଚ ଏକାଧାରରେ ଆଧ୍ୟାତ୍ମିକ, ଗଠନଶୈଳୀ ଓ ଗୌରବପୂର୍ଣ୍ଣ ଇତିହାସର ପରିଚୟ ବହନ କରିଥିଲା। ଚର୍ଚ୍ଚରେ ଗଚ୍ଛିତ ବହୁ ପୁରୁଣା ନଥିପତ୍ର ବହୁ ଗବେଷକଙ୍କୁ ଉପାଦେୟ ତଥ୍ୟ ପ୍ରଦାନ କରିଛି। ଚର୍ଚ୍ଚରେ ନିର୍ମିତ ମଧ୍ୟଯୁଗର କଳାକୃତି ଆଧୁନିକ ସ୍ଥପତିଙ୍କ ପାଇଁ ଏକ ଚାଲେଞ୍ଜ ଥିଲା। ସେ ଯୁଗର ସ୍ଥପତିଙ୍କ ସୂକ୍ଷ୍ମ ଚାତୁରୀ ନିକଟରେ ଆଜିର ସ୍ଥପତିମାନେ ଫିକା ମଣୁଥିଲେ। ଶୁଣାଯାଏ, ୧୧୬୦ରେ ଏହି ଚର୍ଚ୍ଚର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

## ମାସୁଦ କ୍ଷେତ୍ରରେ ୧୨୬୭ କମିଟିକୁ ଉପେକ୍ଷା କରାଯାଇଛି: ଚୀନ୍

**ବେଜିଂ :** ପାକ୍ ଆତଙ୍କବାଦୀ ମାସୁଦ ଆଝାର ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଚୀନ ମିଳିତ ଜାତିସଂଘ କମିଟିକୁ ସାନି ପ୍ରସ୍ତାବ ଆଣିବାକୁ ପରାମର୍ଶ ଦେଇଛି। ଏପ୍ରିଲ ୨୩ ସୁଦ୍ଧା ଆଝାର ଉପରେ ଟେକ୍ନିକାଲ ନିଷ୍ପତ୍ତି ନେବାକୁ ଚୀନକୁ ମିଳିତ ଜାତିସଂଘ ଯେଉଁ ନିର୍ଦ୍ଦେଶ ଦେଇଥିଲା, ତାହାକୁ ଚୀନ ପ୍ରତ୍ୟାଖ୍ୟାନ କରିଛି। ଚୀନ କହିଛି, ଭାରତ କଥାରେ ପ୍ରଭାବିତ ହୋଇ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି, ତାହା ସମ୍ପୂର୍ଣ୍ଣ ଏକପାଖିଆ। ମିଳିତ ଜାତିସଂଘ ନିରାପତ୍ତା ପରିଷଦରେ ବିନା ଆଲୋଚନାରେ ଏଭଳି ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ। ମାସୁଦ ଆଝାରକୁ ବିଶ୍ୱ ଆତଙ୍କବାଦୀ ତାଲିକାଭୁକ୍ତ କରିବା ଉପରେ ଚୀନ ପୂର୍ବ ନିଷ୍ପତ୍ତିରେ ଅଟଳ ଅଛି। ଚୀନ ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ଲୁ କାଙ୍ଗ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଛନ୍ତି ଯେ ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ କୌଣସି ପ୍ରସଙ୍ଗ ଆଲୋଚନା ପୂର୍ବରୁ ତାହାକୁ ୧୨୬୭ କମିଟି ଭଲଭାବରେ ଯାଞ୍ଚ କରିଥାଏ। କିନ୍ତୁ ମାସୁଦ କ୍ଷେତ୍ରରେ ୧୨୬୭ କମିଟିକୁ ଉପେକ୍ଷା କରାଯାଇଛି। ମାସୁଦକୁ ଆତଙ୍କବାଦୀ ଘୋଷଣା କରିବା ପୂର୍ବରୁ ବ୍ୟାପକ ଆଲୋଚନାର ଆବଶ୍ୟକତା ରହିଛି। ମିଳିତ ଜାତିସଂଘର ୧୨୬୭ କମିଟି ବୈଠକରେ ଭାରତ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସ ପ୍ରସ୍ତାବ ଆଲୋଚନା କରାଯାଇ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ ହୋଇ ନିରାପତ୍ତା ପରିଷଦରେ ଉପସ୍ଥାପନ କରିବାକୁ ଚୀନ ବିଦେଶ ମନ୍ତ୍ରଣାଳୟ କହିଛି। ଗତ ଫେବୃଆରୀରେ ଭାରତର ପୁଲଓ୍ୱାମାରେ ଆତଙ୍କୀ ହମ୍‌ଲା ପାଇଁ ପାକ୍ ଆତଙ୍କବାଦୀ ସଂଗଠନ ଜୈଶ-ଇ-ସଂଗଠନ ନିଜକୁ ଦାୟୀ କରିବା ପରେ ମିଳିତ ଜାତିସଂଘ ମାସୁଦ ଆଝାର ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିଥିଲା।

## ଏଲ୍‌ଓସିରେ ଜୈଶ୍‌ର ନୂଆ ଲଞ୍ଚ୍‌ପ୍ୟାଡ୍

**ଶ୍ରୀନଗର :** ଜମ୍ମୁ-କଶ୍ମୀରରେ ଜୈଶ୍-ଇ-ମହମ୍ମଦର ବହୁ ଟପ୍ କମାଣ୍ଡର୍ ନିହତ ହେବାପରେ ଏହି ଆତଙ୍କୀ ସଂଗଠନର ସ୍ଥିତି ଦୁର୍ବଳ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଜୈଶ୍ ନିୟନ୍ତ୍ରଣରେଖା (ଏସ୍‌ଓସି)ରେ ନୂଆ ଲଞ୍ଚ୍‌ପ୍ୟାଡ୍ ନିର୍ମାଣ କରିବାକୁ ସକ୍ରିୟ ହୋଇଉଠିଛି। ସୂଚନାଥାଉ କି, ଜମ୍ମୁ-କଶ୍ମୀରରେ ଭାରତୀୟ ସୁରକ୍ଷା ବାହିନୀ ଜୈଶ୍‌ର ବହୁ ପ୍ରମୁଖ କମାଣ୍ଡରଙ୍କୁ ନିପାତ କରିବାରେ ସଫଳ ହୋଇଛି। ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଜୈଶ୍ ମୁଖ୍ୟ ମାସୁଦ୍ ଆଝାର୍‌ର ପୁତୁରା ମହମ୍ମଦ ଉମେର୍‌କୁ ଗତ ଫେବୃଆରୀରେ ପୁଲଓ୍ୱାମାରେ ଦେଖିବାକୁ ମିଳିଥିଲା। ଏହି ସମୟରେ ସେଠାରେ ସିଆର୍‌ପିଏଫ୍ ଯବାନଙ୍କ ଉପରେ ବଡ଼ଧରଣର ଆତଙ୍କୀ ହମ୍‌ଲା ହେବାରୁ ୪୦ ଜଣ ସହିଦ ହୋଇଯାଇଥିଲେ। ଏହି ସମୟରେ ଉମେର୍ ପ୍ରାଣ ହରାଇଛି କିମ୍ବା ପାକିସ୍ତାନକୁ ଫେରିଯାଇଛି ବୋଲି ଏହି ସୂତ୍ରରେ କୁହାଯାଇଥିଲା। ପୁଲଓ୍ୱାମା ହମ୍‌ଲା ପରେ ଜୈଶ୍‌ର ଅନେକ ଆତଙ୍କୀ ନିହତ ହୋଇଥିଲାବେଳେ ଏହି ସଂଗଠନର ଜଣେ ପ୍ରମୁଖ ଆତଙ୍କୀ ସକ୍ରିୟ ରହିଥିବା ସୂଚନା ମିଳିଛି। ଆତଙ୍କୀ ଜଣକ ନାମ ମୁନ୍ନା ବିହାରୀ (ଛଦ୍ମନାମ) ହୋଇଥିବା ବେଳେ ସେ ସୋପିଆନ୍ ଜିଲ୍ଲାରେ ଆତ୍ମଗୋପନ କରିଥିବା କୁହାଯାଉଛି। ପୂର୍ବରୁ ଭାରତୀୟ ସୁରକ୍ଷା ବାହିନୀର ଗୁଳିରେ ମାସୁଦ୍ ଆଝାର୍‌ର ବଡ଼ଭାଇ ଇବ୍ରାହିମ୍ ଅଥର୍, ବଡ଼ପୁଅ ଉସ୍ମାନ୍ ହାଇଦର୍ ଓ ସମ୍ପର୍କୀୟ ଭାଇ ଅବଦୁଲ୍ ରସିଦ୍ କାମରାନ୍‌ର ପୁଅ ତଲ୍‌ହା ରସିଦ୍ ନିହତ ହୋଇଥିଲେ। ପୁଲଓ୍ୱାମା ହମ୍‌ଲା ପରେ ଫେବୃଆରୀ ୧୮ରେ ସୁରକ୍ଷା ବାହିନୀ ଗୁଳିରେ ଜୈଶ୍‌ର ଡିଭିଜନାଲ୍ କମାଣ୍ଡର୍ କାମରାନ୍ ନିହତ ହୋଇଥିଲା। ସଦ୍ୟ ଜାରି ହୋଇଥିବା ଏକ ଅଡିଓ କ୍ଲିପ୍‌ରୁ ଜଣାପଡ଼ିଛି ମହମ୍ମଦ୍ ଉମେର୍ ବୋଧହୁଏ ସୁରକ୍ଷା ବାହିନୀ ଗୁଳିରେ ନିହତ ହୋଇଥିବା ଇବ୍ରାହିମ୍ ଅଥର୍ ସୂଚନା ଦେଇଛି। ଇତିମଧ୍ୟରେ ପାହାଡ଼ରେ ବରଫ ତରଳିବା ଆରମ୍ଭ କରିଥିବାରୁ ଆତଙ୍କୀଙ୍କ ଅନୁପ୍ରବେଶ ଉଦ୍ୟମ ଆରମ୍ଭ ହୋଇଯାଇଛି। ପାକିସ୍ତାନୀ ସେନା ୨୦୧୬ରେ ଭାରତୀୟ ସେନାର ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ସ୍ମରଣ କରି ପୁଣି ସେଭଳି ଆକ୍ରମଣ ହୋଇପାରେ ବୋଲି ଆଶଙ୍କା କରି ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକୁ ଏଲ୍‌ଓସିରୁ ଦୂରକୁ ହଟାଇ ନେଇଥିଲା। ଏବେ ପୁଣି ଏଲ୍‌ଓସି ନିକଟରେ ତାହା ସକ୍ରିୟ କରିବାକୁ ଉଦ୍ୟମ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ ଯେ, ପୁଲଓ୍ୱାମା ହମ୍‌ଲା ପରେ ପରେ ଭାରତୀୟ ବାୟୁସେନା ପାକିସ୍ତାନ ଭିତରେ ପଶି ଏୟାର୍ ଷ୍ଟ୍ରାଇକ୍ କରି ବାଲାକୋଟ୍‌ରେ ଥିବା ଜୈଶ୍‌ର ତାଲିମ ଶିବିର ଧ୍ୱଂସ କରିଦେଇଥିଲା।

## ସର୍ବାଧିକ କ୍ଷତିରେ ଚାଲିଛି ଭାରତୀୟ ଡାକ

**ନୂଆଦିଲ୍ଲୀ :** ସର୍ବାଧିକ କ୍ଷତିରେ ଚାଲୁଛି ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସ୍‌ୟୁ) ଇଣ୍ଡିଆ ପୋଷ୍ଟ ବା ଭାରତୀୟ ଡାକ। ଏହା ଅନ୍ୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଯଥା ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍) ଏବଂ ଏୟାର୍ ଇଣ୍ଡିଆକୁ ପଛରେ ପକାଇଦେଇଛି। ଗତ ତିନିଟି ଆର୍ଥିକ ବର୍ଷ ମଧ୍ୟରେ ଭାରତୀୟ ଡାକ ରୂପେ ବ୍ୟବସାୟ କରୁଥିବା ଡାକ ବିଭାଗର ରାଜସ୍ୱ କ୍ଷତି ଆର୍ଥିକ ବର୍ଷ ୨୦୧୬ରେ ୬,୦୦୭ କୋଟି ଟଙ୍କାରୁ ପ୍ରାୟ ୧୫୦% ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ତେବେ କ୍ଷତି ମାମଲାରେ ଭାରତୀୟ ଡାକ ବର୍ତ୍ତମାନ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର୍ ଇଣ୍ଡିଆକୁ ବହୁ ପଛରେ ପକାଇ ସର୍ବାଧିକ କ୍ଷତି ହେଉଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବା ପିଏସ୍‌ୟୁ ସଂସ୍ଥା ରୂପେ ପରିଚିତି ହାସଲ କରିଛି। ଫାଇନାନ୍‌ସିଆଲ୍ ଏକ୍ସପ୍ରେସ୍‌ର ଏକ ରିପୋର୍ଟ ମୁତାବକ, ଉଚ୍ଚ ମାତ୍ରାର ଦରମା ତଥା ଭତ୍ତା କାରଣରୁ ଭାରତୀୟ ଡାକ'ର ବାର୍ଷିକ କ୍ଷତି ଆର୍ଥିକ ବର୍ଷ ୨୦୧୯-୨୦ରେ ୧୫,୦୦୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ବର୍ତ୍ତମାନ ଏହାର ବାର୍ଷିକ ରାଜସ୍ୱର ୯୦ ପ୍ରତିଶତ ଅଧିକ ବୋଲି ଉଲ୍ଲେଖ କରାଯାଇଛି। ଅପରପକ୍ଷେ ଆର୍ଥିକ ବର୍ଷ ୨୦୧୮-୧୯ରେ ପବ୍ଲିକ୍ ସର୍ଭିସ୍ ଅଣ୍ଡରଟେକିଂ (ପିଏସ୍‌ୟୁ) ବିଏସ୍‌ଏନ୍‌ଏଲ୍ ଏବଂ ଏୟାର୍ ଇଣ୍ଡିଆକୁ ଯଥାକ୍ରମେ ୮୦୦୦ କୋଟି ଏବଂ ୫,୩୪୦ କୋଟି ଟଙ୍କାର କ୍ଷତି ହୋଇଥିଲା। ଅନ୍ୟ ପିଏସ୍‌ୟୁ ଭଳି ଭାରତୀୟ ଡାକକୁ ମଧ୍ୟ




ପରିଚାଳନାଗତ ଖର୍ଚ୍ଚ ଏବଂ କର୍ମଚାରୀମାନଙ୍କୁ କ୍ଷତିପୂରଣ ଭଳି ସମସ୍ୟାକୁ ସାମନା କରିବାକୁ ପଡୁଛି। ଅନେକ ସ୍ଥାନରେ କମିଶନ ରିପୋର୍ଟ ଲାଗୁ ହେବା କାରଣରୁ କର୍ମଚାରୀମାନଙ୍କର ଦରମା କ୍ରମାଗତ ବଢ଼ିବଢ଼ି ଚାଲିଛି। ମାତ୍ର ପୋଷ୍ଟାଲ୍ ସର୍ଭିସେସ୍‌ରୁ ରାଜସ୍ୱ ହ୍ରାସ ହେଉଛି। ଆର୍ଥିକ ବର୍ଷ ୨୦୧୯-୨୦ରେ ଭତ୍ତା ଏବଂ ବେତନର ଖର୍ଚ୍ଚ ପ୍ରାୟ ୧୬,୬୨୦ କୋଟି ଟଙ୍କା ରହିଥିବାବେଳେ ୧୮,୦୦୦ କୋଟି ଟଙ୍କାର ରାଜସ୍ୱ ପ୍ରାପ୍ତି ହୋଇଛି। ତେବେ ଆର୍ଥିକ ବର୍ଷ ୨୦୨୦-୨୧ରେ ଦରମା ଏବଂ ପେନ୍‌ସନ୍ ଖର୍ଚ୍ଚ କ୍ରମଶଃ ୧୭,୪୫୧ କୋଟି ଟଙ୍କା ଏବଂ ୧୦,୨୭୧ କୋଟି ଟଙ୍କା ରହିବ। ସେହିପରି ୧୯,୨୦୩ କୋଟି ଟଙ୍କାର ରାଜସ୍ୱ ପ୍ରାପ୍ତି ହେବ ବୋଲି ପିଏସ୍‌ୟୁ ତରଫରୁ ପୂର୍ବାନୁମାନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ଆର୍ଥିକ ସଙ୍କଟ ମଧ୍ୟରୁ ବାହରକୁ ବାହାରିବା ପାଇଁ କମ୍ପାନୀ କ୍ରମାଗତ ପ୍ରୟାସ ଜାରି ରଖିଛି, କିନ୍ତୁ ପ୍ରଡକ୍ଟ କାଷ୍ଟ ଏବଂ ପାରମ୍ପରିକ ମେଲିଂ ସର୍ଭିସେସ୍‌ରେ ଉପଲବ୍ଧ ହେଉଥିବା ଶସ୍ତା ବିକଳ୍ପ ମଧ୍ୟରେ ଅସମାନତା ରହିଥିବାରୁ କମ୍ପାନୀ ଏଥିରେ ବିଫଳ ରହୁଛି। ଭାରତୀୟ ଡାକରୁ ୪.୩୩ ଲକ୍ଷ କର୍ମଚାରୀଙ୍କ ଓ୍ୱାର୍କ୍‌ଫୋର୍ସ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସ୍‌ର ନେଟ୍‌ଓ୍ୱର୍କ ବଳରେ ଇବାଣିଜ୍ୟ ଏବଂ ଅନ୍ୟ ଭ୍ୟାଲ୍ୟୁ ଆଡେଡ୍ ସର୍ଭିସେସ୍‌ରେ ସମ୍ଭାବନା ସନ୍ଧାନ କରିବାକୁ କୁହାଯାଇପାରେ ବୋଲି ଜଣାପଡ଼ିଛି। ଜନୈକ ଅଧିକାରୀ କହିଛନ୍ତି ଯେ ପୋଷ୍ଟାଲ୍ ସର୍ଭିସ୍ ଭଳି ୟୁନିଭର୍ସାଲ୍ ସର୍ଭିସେସ୍ ଯୋଗୁଁ ମଧ୍ୟ ଏଥିରେ କ୍ଷତି ହେବ। କାରଣ ସମସ୍ତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ମୋଟ ବ୍ୟାଙ୍କ ଶାଖା ତୁଳନାରେ ପୋଷ୍ଟ ଅଫିସ୍‌ର ସଂଖ୍ୟା ଅଧିକ। ଭାରତୀୟ ଡାକ ନିଜର ପ୍ରତିଟି ପୋଷ୍ଟକାର୍ଡ ପିଛା ୧୨.୧୫ ଟଙ୍କା ଲେଖାଏଁ ଖର୍ଚ୍ଚ କରୁଥିବାବେଳେ ଏହାକୁ କେବଳ ୫୦ ପଇସା ଅର୍ଥାତ୍ ଖର୍ଚ୍ଚର ୪% ମିଳେ।



# ଓଡ଼ିଶା ସରକାର ବଦଳିବା ଦରକାର: ରାଜନାଥ

**କରଞ୍ଜିଆ/ନୟାଗଡ/ଭୁବନେଶ୍ୱର:** ଓଡିଆ ଭାଷାର ଏକ ଭିନ୍ନ ପରିଚୟ ରହିଛି । କେନ୍ଦ୍ର ସରକାର ସବୁ ସମୟରେ ଓଡିଆ ଭାଷା ଓ ସଂସ୍କୃତିକୁ ଗୁରୁତ୍ୱ ଦେଇଛନ୍ତି । ମୟୁରଭଞ୍ଜର ଲୋକ ନୃତ୍ୟ ଛଉ ନୃତ୍ୟକୁ କେବଳ ଦେଶ ନୁହେଁ ବରଂ ଦେଶ ବାହାରେ ଏକ ସ୍ୱତନ୍ତ୍ର ପରିଚୟ ଦିଆଯିବ । ଛଉ ନୃତ୍ୟର ପ୍ରଚାର ପ୍ରସାର କରିବା ପାଇଁ କେନ୍ଦ୍ର ସରକାର ଉଦ୍ୟମ କରିବେ । ସେହିପରି ଓଡିଶାରେ ବିଜେପି ସରକାର ଆସିଲେ କରଞ୍ଜିଆ ସମେତ ମୟୁରଭଂଜର ଅନ୍ୟାନ୍ୟ ସ୍ଥାନକୁ ରେଳ ଲାଇନ ସଂଯୋଗ କରାଯିବ । ରାଜ୍ୟରେ ଦୁର୍ନୀତି ଏବଂ ଭଷ୍ଟ୍ରାଚାରରେ ଲିପ୍ତଥିବା ବିଜୁ ଜନତା ଦଳର ସରକାରକୁ ବଦାଳାଇବା ସହ ରାଜ୍ୟ ଏବଂ କେନ୍ଦ୍ରରେ ବିଜେପି ସରକାର ଆଣିବା ପାଇଁ କରଞ୍ଜିଆଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ। ପୁଲଓ୍ୱାମା ଆକ୍ରମଣରେ ପାକିସ୍ତାନର ଆତଙ୍କବାଦକୁ ମୁହଁତୋଡ ଜବାବ ଦିଆଯାଇଛି । ମୋଦୀ ସରକାରଙ୍କ ନେତୃତ୍ୱରେ ଭାରତର ସେନା

## ବିଜେପି ସରକାର ଆସିଲେ କରଞ୍ଜିଆକୁ ସଂଯୋଗ ହେବ ରେଳ ଲାଇନ

ପାକିସ୍ତାନର ଘରେ ପଶି ଆତଙ୍କୀ କ୍ୟାମ୍ପକୁ ଧ୍ୱସଂ କରିଛନ୍ତି । ୧୯୭୧ ମସିହାରେ ପାକିସ୍ତାନକୁ ହରାଇଥିବାରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶଂସା କରାଯାଇଥିଲା । ଆଉ ଏବେ ବାଲକୋଟ ଆକ୍ରମଣ ପାଇଁ ମୋଦିଙ୍କୁ କାହିଁକି ପ୍ରଶଂସା କରାଯିବନି ବୋଲି ଶ୍ରୀ ସିଂହ ପ୍ରଶ୍ନ କରଛନ୍ତି । ୨୦୦୮ ମୁମ୍ବାଇ ଆକ୍ରମଣ ପରେ କେନ୍ଦ୍ରରେ କଂଗ୍ରେସ ସରକାର ଥାଇ ମଧ ପାକିସ୍ତାନ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନିଥିଲା । ହେଲେ ମୋଦି ସରକାର କଂଗ୍ରେସର ଭୁଲକୁ ଆଉ ନଦୋହରାଇ ସେନାକୁ ପୁର୍ଣ୍ଣ ସ୍ୱାତନ୍ତ୍ରତା ଦେବା ସହ ଆତଙ୍କିମାନଙ୍କୁ ଦମନ କରିବାରେ ସଫଳ ହୋଇଛନ୍ତି । ମୋଦି ସରକାରଙ୍କରେ ଦେଶରୁ ଗରିବ ସଂଖ୍ୟା ହ୍ରାସ ପାଇଛି । ୫ ବର୍ଷ ତଳେ ଦେଶରେ ୧୨.୫ କୋଟି ଗରିବ ଥିଲେ । ଏବେ ଏହି ସଂଖ୍ୟା କମ ହୋଇ ୫ କୋଟିକୁ ହ୍ରାସ ପାଇଛି ।ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଓଡିଶା ରାଜ୍ୟ ସରକାର ଚାଷୀମାନଙ୍କ ସଂପୂର୍ଣ୍ଣ ତାଲିକା କେନ୍ଦ୍ରକୁ ପଠାଇ ନାହାଁନ୍ତି । ରାଜ୍ୟରେ ବିଜେପି ସରକାର ଆସିଲେ ସମସ୍ତ ଚାଷୀଙ୍କୁ ୧ ଲକ୍ଷ ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ୫ ବର୍ଷ ପାଇଁ ଯୋଗାଇ ଦିଆଯିବ ବୋଲି ଶ୍ରୀ ସିଂହ କହିଛନ୍ତି । ସେହିପରି ନୟାଗଡଠାରେ ଆୟୋଜିତ ବିଜୟ ସଂକଳ୍ପ ସ ମାବେଶରେ ଯୋଗ ଦେଇ ରାଜନାଥ କହିଛନ୍ତି ଯେ, ପୁରୀ ଲୋକସଭା ପାଇଁ ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ର ହେଉଛନ୍ତି ଓଡିଶା ପାଇଁ ଚମକୁଥିବା ତାରା ଏବଂ ପୂରା ୨୪ କ୍ୟାରେଟ । ୨୦ ବର୍ଷ ଧରି ବିଜେଡି ସରକାର ରହିଥିବା ବେଳେ ମୌଳିକ ସୁବିଧା ଲୋକମାନଙ୍କ ପାଖରେ ପହଂଚାଇ ପାରିନାହିଁ । ଜମିକୁ ଜଳସେଚିତ କରିପାରି ନାହିଁ । ନିର୍ବାଚନ ପରେ କେନ୍ଦ୍ର ସରକାର ପକ୍ଷରୁ ସମସ୍ତ ସାହାଯ୍ୟ ଯୋଗାଇ ଦିଆଯିବ । ବନ୍ଦ ପଡିଥିବା ଚିନି କଳ ଖୋଲିବ ସହ ନୟାଗଡରେ ନୂଆ ଚିନିକଳ ଖୋଲାଯିବ ବୋଲି ଶ୍ରୀ ସିଂହ କହିଛନ୍ତି । ପୂର୍ବରୁ କଂଗ୍ରେସ ସରକାର ତ୍ରୟୋଦଶ ଅର୍ଥ କମିଶନରେ ବିଜେଡି ସରକାରକୁ କେବଳ ୭୯ ହଜାର କୋଟି ଦେବା ସମୟରେ ଏବେ ମୋଦି ସରକାର ଆସିବା ପରେ ରାଜ୍ୟକୁ ୨ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଦେଇଛନ୍ତି । ରାଜ୍ୟରେ ବିଜେପି ସରକାର ଆସିଲେ ପୁରୀକୁ ଦେଶର ଆଧାତ୍ମିକ ରାଜଧାନୀ ଭାବେ ଗଢି ତୋଳାଯିବ ବୋଲି ଶ୍ରୀ ସିଂହ କହିଛନ୍ତି । ପୁରୀ ଲୋକସଭା ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ନୟାଗଡ ବିଧାନସଭା ପ୍ରାର୍ଥୀନୀ ଇରାନୀ ରାୟଙ୍କୁ ବହୁଳ ଭାବରେ ଭୋଟ ଦେଇ ବିଜୟୀ କରିବା ପାଇଁ ଶ୍ରୀ ଅନୁରୋଧ କରିଛନ୍ତି ।

## ଏକ୍‌ଜିଟ୍ ପୋଲ ଉପରେ ଇସିଙ୍କ ନିଷେଧାଦେଶ

**ଭୁବନେଶ୍ୱର :** ଦେଶର ସାଧାରଣ ନିର୍ବାଚନ ଏବଂ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ସିକିମ୍ ସମେତ କେତେକ ରାଜ୍ୟରେ ବିଧାନସଭା ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେଉଥିବା ପରିପ୍ରେକ୍ଷୀରେ ଭାରତର ନିର୍ବାଚନ କମିଶନ ଏକ ନିଷେଧାଦେଶ ଜାରି କରିଛନ୍ତି। ଲୋକପ୍ରତିନିଧି ଆଇନର ଧାରା ୧୨୬ ଅନୁସାରେ ନିର୍ବାଚନ ମତଗଣନା ସମ୍ପର୍କିତ ପୂର୍ବାନୁମାନ ଫଳାଫଳ ବା ଏକ୍‌ଜିଟ୍ ପୋଲ ପ୍ରକାଶିତ କରାଯାଇପାରିବ ନାହିଁ ବୋଲି ନିର୍ବାଚନ କମିଶନ କହିଛନ୍ତି। ଏହି ଆଇନର ଉପଧାରା (କ) ଅନୁସାରେ ନିର୍ବାଚନ କମିଶନଙ୍କ କ୍ଷମତା ପରିସର ଅନୁଯାୟୀ, ବିଜ୍ଞପ୍ତି ମୁତାବକ ଅନୁଷ୍ଠିତ ହେଉଥିବା ରାଜ୍ୟ ଗୁଡ଼ିକରେ ଲୋକସଭା, ବିଧାନସଭା ତଥା ବିଧାନସଭା ଉପନିର୍ବାଚନ ନ ସରିବା ପର୍ଯ୍ୟନ୍ତ କୌଣସି ବୈଦ୍ୟୁତିକ ଗଣମାଧମ କିମ୍ବା ସମ୍ବାଦପତ୍ରରେ ପ୍ରାକ୍ ଫଳାଫଳ ଆକଳନ ପ୍ରକାଶନ ବା ପ୍ରଚାର କରାଯାଇପାରିବ ନାହିଁ। ଏହି ନିଷେଧାଦେଶ ୧୧ ଏପ୍ରିଲ ସକାଳ ୭ଟାରୁ ୧୯ ମେ' ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିରେ ଆହୁରି ସ୍ପଷ୍ଟ କରାଯାଇଛି ଯେ, ଲୋକପ୍ରତିନିଧି ଆଇନଧାରା ୧୨୬-(୧)(ଖ) ଅନୁସାରେ ନିର୍ବାଚନ ମତଦାନ ସମ୍ପର୍କିତ ଯେ କୌଣସି ମତାମତ ଫଳାଫଳ କିମ୍ବା କୌଣସି ପ୍ରକାର ସର୍ଭେ ମତଦାନ ଶେଷ ହେବାର ନିର୍ଦ୍ଧାରିତ ୪୮ ପୂର୍ବରୁ ପ୍ରସାରଣ କରାଯାଇପାରିବ ନାହିଁ।

## ଝାରପଡା ଜେଲକୁ ଆସିଲା ଗ୍ୟାଙ୍ଗଷ୍ଟାର ଟିଟୋ

**ଭୁବନେଶ୍ୱର:** ଗ୍ୟାଙ୍ଗଷ୍ଟାର ଟିଟୋକୁ କେନ୍ଦ୍ରାପଡା ଜେଲରୁ ଝାରପଡା ଜେଲକୁ ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର କଡା ସୁରକ୍ଷା ମଧ୍ୟରେ ଟିଟୋକୁ କେନ୍ଦ୍ରାପଡା ଜେଲରୁ ଭୁବନେଶ୍ୱରର ଝାରପଡା ଜେଲକୁ ଅଣାଯାଇଛି। ଏହା ପଛରେ କଣ କାରଣ ରହିଛି ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ପ୍ରଶାସନିକ ଶୃଂଖଳା ଦୃଷ୍ଟିରୁ ଏହି ସ୍ଥାନାନ୍ତର କରାଯାଇଥିବା କୁହାଯାଇଛି । ସୂଚନାଯୋଗ୍ୟ ଯେ ରାଜକନିକାରେ ନସିରୁଦ୍ଦିନ ଉପରେ ମରଣାନ୍ତକ ଆକ୍ରମଣରେ ଲିଙ୍କ୍ ଥିବା ଅଭିଯୋଗରେ ଗତ ୨୦୧୮ ସେପ୍ଟେମ୍ବର ମାସରେ ସୟଦ୍ ଉସମାନ୍ ଅଲ୍ଲୀ ଓରଫ୍ ଗ୍ୟାଙ୍ଗଷ୍ଟର ଟିଟୋକୁ କେନ୍ଦ୍ରାପଡାରୁ ଗିରଫ କରିଥିଲା ସ୍ପେଶାଲ ଟାସ୍କ ଫୋର୍ସ। କେନ୍ଦ୍ରାପଡାର ଏହି କୁଖ୍ୟାତ ଗ୍ୟାଙ୍ଗଷ୍ଟର ନାଁରେ ଦାଦାବଟି ଆଦାୟ, ବାଲିଘାଟ ଟେଣ୍ଡର ଫିକ୍ସିଂ ଠାରୁ ଆରମ୍ଭ କରି ହତ୍ୟା ପରି ପ୍ରାୟ ୩୮ ଟି ମାମଲା ରହିଛି ।

# +୨ କଲେଜର ଭିତ୍ତିଭୂମି ଯାଞ୍ଚ ହେବ

**ଭୁବନେଶ୍ୱର :** ରାଜ୍ୟର ଥିବା +୨ କଲେଜ ଗୁଡ଼ିକର ଭିତ୍ତିଭୂମି ଯାଞ୍ଚ କରାଯିବ। ଗୁଣାତ୍ମକ ଶିକ୍ଷାଦାନ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମି ରହିଛି କି ନାହିଁ ସେ ସବୁ ତଥ୍ୟ ସଂଗ୍ରହ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ମୋଟ ଜୁନିୟର କଲେଜ ଗୁଡ଼ିକର ସୁବିଧା ବ୍ୟବସ୍ଥା କିପରି ଅଛି ସେ ସବୁର ରିପୋର୍ଟ ସଂଗ୍ରହ କରାଯିବ। ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଲାଗି ଶୈକ୍ଷିକ ପରିବେଶ ନଥିବା ଅଭିଯୋଗ ହେଉଛି। ଉଭୟ ଘରୋଇ ଓ ସରକାରୀ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ମୌଳିକ ସୁବିଧା ମିଳୁନି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ସମସ୍ତ ଜୁନିୟର କଲେଜର ଛାତ୍ରାବାସ ବ୍ୟବସ୍ଥାର ଯାଞ୍ଚ ହେବ। ସମସ୍ତ କଲେଜଗୁଡ଼ିକର ମୋଟ୍ ସିଟ୍ ସଂଖ୍ୟା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସାଙ୍ଗକୁ ସମ୍ପୃକ୍ତ କଲେଜର ମୋଟ୍ କେତେ ପ୍ରତିଶତ ଛାତ୍ରଛାତ୍ରୀ ଛାତ୍ରାବାସ ଉପରେ ନିର୍ଭର କରୁଛନ୍ତି ସେ ସବୁର ତଥ୍ୟ ସଂଗ୍ରହ କରାଯିବ। ରାଜ୍ୟର ସମସ୍ତ ଛାତ୍ରାବାସ ନଥିବା କଲେଜଗୁଡ଼ିକ ତାଲିକାଭୁକ୍ତ କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜଣାପଡ଼ିଛି। ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, କଲେଜରେ ସିଟ୍ ପୂରଣ ଲାଗି ଗୁରୁତ୍ୱ ଦିଆଯାଉଥିବା ବେଳେ ଛାତ୍ରଛାତ୍ରୀଙ୍କ ରହିବା ଲାଗି କୌଣସି ବ୍ୟବସ୍ଥା ଦିଗରେ ନଜର ଦେଉନଥିଲେ। ଅପରପକ୍ଷେ କ୍ୟାମ୍ପସରେ ଛାତ୍ରାବାସ ନଥିବାରୁ ପିଲାମାନଙ୍କ ଉପରେ କୌଣସି କଟକଣା ମଧ ରହିଲା ନାହିଁ। ଏହା ବ୍ୟତୀତ କିଛି ସରକାରୀ ଜୁନିୟର କଲେଜରେ ଛାତ୍ରାବାସ ବ୍ୟବସ୍ଥା ଥିଲେ ହେଁ ତାହା ନଥିବା ସଙ୍ଗେ ସମାନ। ଅନେକ କ୍ୟାମ୍ପସରେ କେବଳ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଲାଗି ବ୍ୟବସ୍ଥା ହୋଇଥିବା ବେଳେ ଆଉକିଛି କ୍ୟାମ୍ପସରେ ନିର୍ଦ୍ଦିଷ୍ଟ କିଛି ସାଧାରଣ ବର୍ଗର ପିଲାଙ୍କ ଲାଗି ଛାତ୍ରାବାସ ସୁବିଧା ହୋଇଛି। ଫଳରେ ସମସ୍ୟାର ସମାଧାନ ହୋଇପାରି ନାହିଁ। ବିଶେଷକରି ରାଜ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ +୨ ନାମଲେଖା ପ୍ରକ୍ରିୟା ହେଉଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳର ପିଲାମାନେ ରାଜଧାନୀର ପ୍ରମୁଖ କଲେଜ ସମେତ ରାଜ୍ୟର ପ୍ରତିଷ୍ଠିତ କଲେଜଗୁଡ଼ିକରେ ପଢ଼ିବାକୁ ପସନ୍ଦ କରିଥାନ୍ତି। ମାତ୍ର ଅନେକ ସମୟରେ ଛାତ୍ରାବାସ ନଥିବାରୁ ପିଲାମାନେ ଘରଠାରୁ ବାହାରେ ପଢ଼ିବାକୁ ପସନ୍ଦ କରୁନାହାନ୍ତି। ତେବେ ରାଜ୍ୟରେ ଉଚ୍ଚଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଛାତ୍ରାବାସ ସମସ୍ୟା ଲାଗି ପିଲାଙ୍କ ପଛ ଘୁଞ୍ଚାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଭାଗର ଜଣେ ଅଧିକାରୀ କହିଛନ୍ତି। ତେଣୁ ଖୁବ୍ ଶୀଘ୍ର ରାଜ୍ୟର ସବୁ କଲେଜରେ ଛାତ୍ରାବାସ ସୁବିଧା ଅଛି କି ନାହିଁ ତା'ର ଯାଞ୍ଚ କରାଯିବା ସହ କେଉଁ କାରଣରୁ ପିଲାଙ୍କ ଲାଗି ଏହି ସୁବିଧା ହୋଇପାରିନି ତା'ର ତଦନ୍ତ ମଧ କରାଯିବ। କିଛି କଲେଜକୁ ଛାତ୍ରାବାସ ଲାଗି ଅନୁଦାନ ପ୍ରଦାନ କରାଯାଇଥିଲେ ହେଁ ଛାତ୍ରାବାସ ହୋଇପାରି ନାହିଁ। ସେ ସବୁ କଲେଜର କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ସେହିପରି ପ୍ରମୁଖ ୧୭ଟି ଜିଲ୍ଲାରେ କେତେ କଲେଜରେ ଛାତ୍ରାବାସ ନାହିଁ ତାହା ପ୍ରଥମେ ଯାଞ୍ଚ କରାଯିବ। ଆଗକୁ +୨ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ। ତେବେ ମେ' ୩୦ସୁଦ୍ଧା ଏହି ଯାଞ୍ଚ ବ୍ୟବସ୍ଥା ଶେଷ ହେବା ସହ ପ୍ରମୁଖ କଲେଜ ତଥା ରାଜ୍ୟର ଯେଉଁ ସବୁ କଲେଜରେ ପିଲାଙ୍କ ଆବେଦନ ଅଧିକ ରହୁଛି ସମ୍ପୃକ୍ତ କଲେଜରେ ନାମଲେଖା ପୂର୍ବରୁ ଛାତ୍ରାବାସ ବ୍ୟବସ୍ଥା କରିବାକୁ କଲେଜ ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ।

## ଅଘୋଷିତ ବିଦ୍ୟୁତ୍ କାଟ ଜନସାଧାରଣ ହନ୍ତସନ୍ତ

**ଖୋରଧା:** ପ୍ରବଳ ଗ୍ରୀଷ୍ମ ଲହରୀ ପ୍ରବାହିତ ହୋଇଥିବା ବେଳେ କୌଣସି ପୂର୍ବ ସୂଚନା ନଥାଇ ବିଦ୍ୟୁତ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତ କାଟ ସମ୍ପର୍କରେ ସ୍ଥାନୀୟ ବିଦ୍ୟୁତ ବିଭାଗକୁ ଯୋଗା ଯୋଗ କରିବାରୁ ଗ୍ରୀଡ୍ ଫେଲ ଯୋଗୁଁ ଏପରି ହେଉଥିବା ପ୍ରକାଶ କରିବା ସହିତ ସେଥିପାଇଁ ଆମେ କିଛି କରିପାରିବୁ ନାହିଁ ବୋଲି କହିଛନ୍ତି। ଘନ ଘନ ବିଦ୍ୟୁତ୍ କାଟ ହୋଇଥିବା ଯୋଗୁଁ ଘର ଭିତରେ ରହିବା ଅସମ୍ଭବ ହୋଇପଡୁଛି। ଏ ସମ୍ପର୍କରେ ବିଦ୍ୟୁତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବା ସହିତ ଏହି ଅଘୋଷିତ ବିଦ୍ୟୁତ କାଟ ସମସ୍ୟାର ସମାଧାନ କରିବା ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାଧାରଣରେ ଦୃଢ ଦାବି ହେଉଛି।

## ଚିଟ୍‌ଫଣ୍ଡ ଓ ଖଣି ଲୁଟେରାଙ୍କୁ ବିଜେପିର ଗିରଫ ଘୋଷଣା ପରେ ଡରରେ ନବୀନ: ଧର୍ମେନ୍ଦ୍ର

**ଭୁବନେଶ୍ୱର:** ରାଜ୍ୟରେ ବିଜେପି ସରକାର ଆସିବାର ୯୦ ଦିନ ମଧ୍ୟରେ ଚିଟ୍‌ଫଣ୍ଡର ଲୁଟେରା ଏବଂ ଖଣି ଦୁର୍ନୀତିର ନାୟକ ଓ ମହାନାୟକମାନେ ଜେଲ ଯିବେ ବୋଲି ବିଜେପିର ଦୃଢ ଘୋଷଣା ପରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀର ବଡ ଇଞ୍ଜିନକୁ ତଳେ ପକାଇଦେବା କହିବା ତାଙ୍କର ହତାଶାର ପ୍ରତିଫଳନ ବୋଲି ସାମାଜିକ ଗଣମାଧ୍ୟମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପିର ଏହି ଘୋଷଣା ପରେ ମୁଖ୍ୟମନ୍ତ୍ରୀଙ୍କୁ ଡର ଘାରିଛି । ଚିଟଫଣ୍ଡ ଓ ଖଣି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ଡର୍ଜନ ଡର୍ଜନ ନେତା ଜେଲ୍ ଯାଇଥିବା ବେଳେ କେସ୍‌ରେ ଫସି ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନାଁ ମଧ୍ୟ ଏଥିରେ ସଂଶ୍ଳିଷ୍ଟ ଥିବାରୁ ସେ ଭୟଭୀତ ହୋଇଯାଇଛନ୍ତି । ଚିଟଫଣ୍ଡ ଓ ଖଣି ଲୁଟେରାଙ୍କ ଜେଲ୍ ଯିବା କଥା ଶୁଣିଲେ ମୁଖ୍ୟମନ୍ତ୍ରୀ ପ୍ରତିହିଂସା ପରାୟଣ ହେବା ସ୍ୱାଭାବିକ । ନିର୍ବାଚନ ଆସିଲେ ଗଣତନ୍ତ୍ରରେ ବିତର୍କ ହେବ । ମୁଖ୍ୟମନ୍ତ୍ରୀ ରାଜନୈତିକ ସମାଲୋଚନା କରିବାରେ କୌଣସି ଆପତି ନାହିଁ । ମାତ୍ର ଏ ପର୍ଯ୍ୟନ୍ତ ନବୀନ ବାବୁ ସରୋଜ ସାହୁଙ୍କ ସହ ତାଙ୍କର କଣ ସମ୍ପର୍କ ସ୍ପଷ୍ଟ କଲେ ନାହିଁ । ସରୋଜ ସାହୁଙ୍କ ସହ ତାଙ୍କର ସମ୍ପର୍କ ନାହିଁ ବୋଲି ତ କୁହନ୍ତୁ । କିନ୍ତୁ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଉଠିଥିବା ପ୍ରଶ୍ନକୁ ଏଡାଇଯିବା ଗଣତାନ୍ତ୍ରିକ ଭାବନା ନୁହେଁ । ଅପରପକ୍ଷରେ ଓଡିଶାରେ ପରିବର୍ତନ ନାଁ ଶୁଣିଲେ ବିଜୁ ଜନତା ଦଳର ବନ୍ଧୁ ମାନଙ୍କ ମନରେ ପୀଡା ହେଉଛି । ଭୁଲରେ ଯଦି କିଏ ପରିବର୍ତନ କଥା ଉଠାଉଛି ଲଙ୍କାରେ ହରିନାମ ଭଳି ତାଙ୍କୁ କଷ୍ଟ ହେଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ ମଇରେ ଦିଲ୍ଲୀରେ ବଡ ଇଞ୍ଜିନକୁ ତଳେ ପକାଇଦେବୁ ଓ ରେଳପଟିରୁ ବାହାର କରିଦେବା କଥା କହିଲେ । ଓଡିଶା ମୁଖ୍ୟମନ୍ତ୍ରୀଙ୍କ ଜାଗୀର ନୁହେଁ, ସେ ଯେଉଁ ଫରମାନ୍ ଜାରୀ କରିଦେବେ ଓଡିଆ ଲୋକମାନେ ତାକୁ ମୁଣ୍ଡପାତି ସ୍ୱୀକାର କରିବେ । ୧୯ ବର୍ଷରେ କଣ କଲେ ଆଗାମୀ ୫ ବର୍ଷରେ କଣ କରିବେ ତାହାର ହିସାବ ମୁଖ୍ୟମନ୍ତ୍ରୀ ଦେଉନାହାନ୍ତି । ନରେନ୍ଦ୍ର ମୋଦି ଓଡିଆ ଲୋକଙ୍କୁ ବିଜେପିକୁ ଥରେ ଦାୟିତ୍ୱ ଦେବାକୁ ନିବେଦନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ଏଥିପାଇଁ ଅସହିଷ୍ଣୁ ହୋଇ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହନ୍ତି । ମୁଖ୍ୟମନ୍ତ୍ରୀ କଣ ଦେଶରେ ଅସ୍ଥିର ସରକାର ଚାହୁଁଛନ୍ତି ? ଅସ୍ଥିର ସରକାର ହେଲେ ସୀମା ଅସୁରକ୍ଷିତ ହେବା ସହ ଅର୍ଥନୀତି ଦୁର୍ବଳ ହେବ, ଭ୍ରଷ୍ଟାଚାର ଦୁର୍ନୀତି ବଢିବ । ମୁଖ୍ୟମନ୍ତ୍ରୀ ମୋଦିଙ୍କ ଆୟୁଷ୍ମାନ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଓଡିଶାରେ ଲାଗୁ କରିନଥିବା ବେଳେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ କରିବାରେ ମୁଖ୍ୟମନ୍ତ୍ରୀ ସହଯୋଗ କରୁନାହାନ୍ତି । ଓଡିଶାର ରେଳବାଇ ଓ ଏନଏଚ ପ୍ରକଳ୍ପରେ ମୁଖ୍ୟମନ୍ତ୍ରୀଙ୍କ ନୀତି ଓଡିଶାର ବିକାଶରେ ବାଧା ସୃଷ୍ଟି କରୁଛି। ସେ କହିଛନ୍ତି ଯେ ଜଣେ ବାସନ ମଜାଳି, ଚା' ବିକାଳିର ପୁଅ ଯିଏ ଚା' ବିକି ଆଗକୁ ବଢିଛି ଓ ଗରିବଙ୍କ ପାଇଁ ଦିନରାତି ପରିଶ୍ରମ କରୁଛି, ସୁନା ଚାମଚ ପାଟିରେ ଧରି ଜନ୍ମ ହୋଇଥିବା ନବୀନ ବାବୁ ଏଥିରେ ଅସହିଷ୍ଣୁ ହୋଇ ମୋଦିଙ୍କୁ ଗାଳି କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ମୁଖ୍ୟମନ୍ତ୍ରୀ ଅସ୍ଥିର ଓ ଅରାଜକତାର ବାର୍ତା ଦେଉଛନ୍ତି । ଦେଶରେ ଏକ ନିର୍ଣ୍ଣାୟକ ଓ ସ୍ଥିର ସରକାର ମୋଦିଙ୍କ ଦ୍ୱାରା ସମ୍ଭବ । ଏଥର ନରେନ୍ଦ୍ର ମୋଦିଙ୍କ ସହ ଓଡିଆ ଲୋକମାନେ ଯିବେ ବୋଲି ପ୍ରସ୍ତୁତ ହୋଇଛନ୍ତି । ଏଥର ଦିଲ୍ଲୀରେ ମୋଦିଙ୍କ ବଡ ଇଞ୍ଜିନ ସରକାର ସହ ଓଡିଶାରେ ମଧ୍ୟ ମୋଦିଙ୍କ ଡବଲ ଇଞ୍ଜିନର ସରକାର ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

**ଦିନକୁ ଦିନ ବଢୁଛି ବିଜେଡିର ରାଜନୈତିକ ହିଂସା**

## ସିଇଓଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେପି

**ଭୁବନେଶ୍ୱର :** ରାଜ୍ୟରେ ଆତଙ୍କରାଜ ଚଳାଇ ଶାସକ ବିଜେଡି ଦଳର ନେତା ଓ ଗୁଣ୍ଡାମାନେ ବିଜେପିର ପ୍ରାର୍ଥୀ ଏବଂ କର୍ମୀମାନଙ୍କୁ ଆକ୍ରମଣ କରୁଛନ୍ତି। ରାଜନୈତିକ ହତ୍ୟା ମଧ୍ୟ ରାଜ୍ୟରେ ହୋଇସାରିଲାଣି। ବିଜେପିର ପାର୍ଥୀମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ମଧ୍ୟ ହୋଇସାରିଲାଣି । କିନ୍ତୁ ମୁଖ୍ୟ ନିର୍ବାଚନ ଅଧିକାର ଏଥିରେ ନିରବଦ୍ରଷ୍ଟା ସାଜି ଶାସକ ଦଳର ଗୁଣ୍ଡାମାନଙ୍କୁ ପ୍ରଶ୍ରୟ ଦେଇ କୌଣସି କାର୍ଯ୍ୟାନୁଷ୍ଠାନ ନନେଉଥିବାରୁ ଏଭଳି ଆତଙ୍କରାଜ ଦିନକୁ ଦିନ ବଢିଚାଲୁଛି । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରି ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ଯାହା ଫଳରେ ସାଧାରଣ ଭୋଟର, ବିଜେପିର କର୍ମୀ ଏବଂ ସମର୍ଥକଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି। ରାଜ୍ୟରେ ରାଜନୈତିକ ହିଂସା ଦମନ ସହ ହିଂସାକାରିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବ କରି ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛି। ସୋରଡାରେ ବିଜେପିର କାର୍ଯ୍ୟକର୍ତ୍ତା ସନ୍ତୋଷ ପତିଙ୍କୁ ନିର୍ବାଚନି ପୋଷ୍ଟର ମରାକୁ ନେଇ ଏକ ଛୋଟିଆ କଥାରେ ବିଜୁ ଜନତା ଦଳର ଗୁଣ୍ଡାମାନେ ହତ୍ୟା କରିଛନ୍ତି। ବିଜୁ ଯୁବ ବାହିନୀର କିଛି ଗୁଣ୍ଡା ମାନେ ପୂର୍ବରୁ ଯୋଜନା କରି ଶ୍ରୀ ପତିଙ୍କୁ ମରଣାତ୍ମକ ଆକ୍ରମଣ କରିଥିବାରୁ କାଲି ହସ୍ପିଟାଲରେ ସେ ମୃତ୍ୟୁ ବରଣ କରିଛନ୍ତି । ଗତକାଲି ରାତିରେ ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଜଗନ୍ନାଥ ପ୍ରଧାନଙ୍କୁ ୪୮ ନମ୍ବର ଓ୍ୱାର୍ଡରେ ଥିବା ନିର୍ବାଚନ କାର୍ଯ୍ୟାଳୟ ଉପରକୁ ୩ଟି ବୋମା ମାଡ କରାଯାଇଥିଲା। ସେହିପରି ଆଜି ବ୍ରଜରାଜ ନଗର ବିଧାନସଭା ମଣ୍ଡଳୀର ବିଜେପି ବିଧାୟିକା ପ୍ରାର୍ଥୀନୀ ଶ୍ରୀମତି ରାଧାରାଣୀ ପଣ୍ଡାଙ୍କୁ ଭୋଟ କେନ୍ଦ୍ର ଭିତରକୁ ଯିବା ସମୟରେ ତାଙ୍କ ଉପରକୁ ଆକ୍ରମଣ ହୋଇଛି । ତାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀଙ୍କ ଉପରକୁ ବିଜେଡିର ଗୁଣ୍ଡା ମାନେ ଠେଙ୍ଗା ମାଡ କରିଥିବାରୁ ତାଙ୍କ ମୁଣ୍ଡ ଫାଟିବା କାରଣରୁ ସେ ହସ୍ପିଟାଲରେ ଭର୍ତି ହୋଇଛନ୍ତି। ଏହି ଘଟଣା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏଥିରେ ସଂପୃକ୍ତ ଥିବା ଅପରାଧି ମାନଙ୍କୁ ଗିରଫ କରିବା କଥା । ହେଲେ ଜିଲ୍ଲାର ଏସିପି ଏବଂ ଜିଲ୍ଲାପାଳ ଏହି ଘଟଣାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବିଜୁ ଯୁବ ବାହିନି ବା ଗୁଣ୍ଡା ବାହିନୀ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପ୍ରକ୍ରିୟା ଚାଲିଥିବା ବେଳେ ଆଜି ସୋରଡା, ଭଞ୍ଜନଗର, ବିଜେପୁର, ବ୍ରଜରାଜନଗର, ଭଟଲି ନିର୍ବାଚନୀ ମଣ୍ଡଳୀର ଅନେକ ବୁଥ୍ ଗୁଡିକରେ ଏଭଳି ଆତଙ୍କରାଜ କରିଛନ୍ତି । ଜିଲ୍ଲା ଏସିପି, ଜିଲ୍ଲାପାଳ ଏବଂ ସାଧାରଣ ପର୍ଯ୍ୟବେକ୍ଷକ ମାନେ ଶାସକ ବିଜୁ ଜନତା ଦଳର ଏହି ଗୁଣ୍ଡାରାଜ ଘଟଣାର ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଏହି ପ୍ରତିନିଧି ଦଳ ଦାବି କରିଛି।

## ନିର୍ବାଚନ ପରିଚାଳନାରେ ତ୍ରୁଟି : ୧୪ ପୋଲିଂ କର୍ମଚାରୀ ନିଲମ୍ବିତ

**ଭୁବନେଶ୍ୱର:** ନିର୍ବାଚନ କାର୍ଯ୍ୟରେ ଅବହେଳା ପାଇଁ ୬ ଜଣ ପୋଲିଂ କର୍ମଚାରୀ ସସପେଣ୍ଡ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୩ ଜଣ ପ୍ରିଜାଇଡିଂ ଅଫିସର ଓ ୩ ଜଣ ସେକ୍ଟର ଅଫିସର ରହିଛନ୍ତି। ବରଗଡ ଜିଲ୍ଲାପାଳ ସମ୍ପୃକ୍ତ କର୍ମଚାରୀ ମାନଙ୍କୁ ସସପେଣ୍ଡ କରିଛନ୍ତି। ସସପେଣ୍ଡ ହୋଇଥିବା କର୍ମଚାରୀ ମାନେ ହେଲେ ୬୮ ନମ୍ବର ବୁଥ୍ ର ପ୍ରିଜାଇଡିଂ ଅଫିସର ଉମା ଶଙ୍କର ପାଣିଗ୍ରାହୀ ଓ ସେକ୍ଟର ଅଫିସର ମନୋରଂଜନ ପାଣିଗ୍ରାହୀ, ୨୩୫ ନମ୍ବର ବୁଥ୍ ର ପ୍ରିଜାଇଡିଂ ଅଫିସର ପ୍ରିୟବ୍ରତ ସାହୁ ଓ ସେକ୍ଟର ଅଫିସର ପ୍ରଶାନ୍ତ ସେଠୀ ଏବଂ ୧୧୬ ନଂ ବୁଥ୍ ର ପ୍ରିଜାଇଡିଂ ଅଫିସର ରାତମ୍ ସେଠୀ ଓ ସେକ୍ଟର ଅଫିସର ପ୍ରଦୀପ ପ୍ରଧାନ। ସୂଚନାଯୋଗ୍ୟ ଯେ ଗତକାଲି ଅତାବିରାର ବୁଥ ନମ୍ବର ୨୩୫ ଓ ବରଗଡ଼ର ବୁଥ ନମ୍ବର ୬୮ ସମେତ ୬ଟି ବୁଥ୍‌ରେ ପୋଲିଂ ଅଫିସରଙ୍କ ତ୍ରୁଟି ଦେଖାଯାଇଥିଲା। ଭିଭିପାଟ୍ ମେସିନ୍ ପରିବର୍ତନ ବେଳେ କ୍ରସ୍ ରିପ୍ଲେସମେଂଟ ହୋଇଯାଇଥିଲା। ପୋଲିଂ କର୍ମଚାରୀଙ୍କ ତ୍ରୁଟି ଯୋଗୁଁ ବିଧାନସଭା ପାଇଁ ଉର୍ଦ୍ଦିଷ୍ଟ ମେସିନ୍ ଲୋକସଭା ପାଇଁ ଉର୍ଦ୍ଦିଷ୍ଟ ମେସିନ୍ ସହ ବଦଳ ହୋଇଯାଇଥିଲା। ତେଣୁ ସମ୍ପୃକ୍ତ ବୁଥ୍ ଗୁଡିକରେ ସାନି ମତଦାନ ପାଇଁ ସୁପାରିଶ କରାଯିବା ସହ ଦାୟୀ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସୂଚନା ଦେଇଥିଲେ। ସେହିପରି ନୟାଗଡ଼ରେ ୮ଜଣ ପୋଲିଂ କର୍ମଚାରୀଙ୍କୁ ଶୁକ୍ରବାର ନିଲମ୍ବନ କରାଯାଇଛି। ମତଦାନ ବିଭ୍ରାଟ ଓ ଅନୁପସ୍ଥିତ ଥିବାରୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନୟାଗଡ଼ ଜିଲ୍ଲାପାଳ ଏନ. ଥିରୁମାଲା ନାଏକ ନିଲମ୍ବିତ କରିଛନ୍ତି। ଏଥିରେ ୨ ପ୍ରିଜାଇଡିଂ ଅଫିସର, ୨ ସେକ୍ଟର ଅଧିକାରୀ ଓ ୪ ପୋଲିଂ ଅଧିକାରୀ ସାମିଲ ଅଛନ୍ତି। ନୟାଗଡ଼ର ୨୧୦ ଓ ୨୨୨ ନମ୍ବର ବୁଥରେ ମତଦାନ ହୋଇ ପାରି ନ ଥିଲା। ଇଭିଏମ୍ ମେସିନ୍ ଅଦଳବଦଳରେ ତ୍ରୁଟି ପାଇଁ ୪ ଅଧିକାରୀ ନିଲମ୍ବିତ ହୋଇଥିବା ବେଳେ କାର୍ଯ୍ୟରେ ଯୋଗ ଦେଇ ନ ଥିବାରୁ ଅନ୍ୟ ଚରିଜଣଙ୍କୁ ନୟାଗଡ଼ ଜିଲ୍ଲାପାଳ ନିଲମ୍ବିତ କରିଛନ୍ତି।

## ଇଭିଏମ୍‌ରେ ବଡ ବଡ ନେତାଙ୍କ ଭାଗ୍ୟ ସିଲ୍

**ଭୁବନେଶ୍ୱର :** ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ୫ଟି ଲୋକସଭା ଓ ୩୫ ବିଧାନସଭା ଆସନ ଲାଗି ଭୋଟର ମାନେ ମତ ସାବ୍ୟସ୍ତ କରିଛନ୍ତି। ଏଥିରେ ୩୫ଜଣ ସାଂସଦ ପ୍ରାର୍ଥୀ ଓ ୨୪୪ଜଣ ବିଧାୟକ ପ୍ରାର୍ଥୀ ଥିଲେ। ତେବେ ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ପ୍ରଦୀପ ଅମାତ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ରାଜ୍ୟର ୪ଜଣ ମନ୍ତ୍ରୀ, ୧୭ଜଣ ବିଧାୟକ ଓ ୪ସାଂସଦଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି ଭୋଟର। ଏହି ନେତାମାନଙ୍କ ମଧ୍ୟରେ ବହୁ ହେଭିଓ୍ୱେଟ୍‌ଙ୍କ ସହ ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକମାନେ ବି ସାମିଲ ଅଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୫ଟି ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଛି। ସୁନ୍ଦରଗଡ଼ ଲୋକସଭା ଆସନରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ତାଙ୍କ ବିପକ୍ଷରେ କଂଗ୍ରେସର ବରିଷ୍ଠ ନେତା ଜର୍ଜ ତିର୍କୀ ଓ ବିଜେଡିର ସୁନୀତା ବିଶ୍ୱାଳ ନିର୍ବାଚନ ଲଢ଼ିଛନ୍ତି। ସେହିପରି ବରଗଡ଼ ଲୋକସଭା କ୍ଷେତ୍ରରେ ବିଜେଡିର ରାଜ୍ୟସଭା ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ବିଜେପିର ସୁରେଶ ପୂଜାରୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବଲାଙ୍ଗିର ଲୋକସଭା ଆସନରେ ସାଂସଦ କଳିକେଶ ନାରାୟଣ ସିଂହଦେଓଙ୍କ ସହ ବିଜେପିର ସଙ୍ଗୀତା ସିଂହଦେଓଙ୍କର ଲଢ଼େଇ ହୋଇଛି। କଂଗ୍ରେସରୁ ସମରେନ୍ଦ୍ର ମିଶ୍ର ଆସନଟିକୁ ହାତେଇବା ଲାଗି ଜୋର୍‌ଦାର ଚେଷ୍ଟା କରିଛନ୍ତି। କନ୍ଧମାଳରେ ବିଜେଡି ରାଜ୍ୟସଭା ସାଂସଦ ଅଚ୍ୟୁତ ସାମନ୍ତ ନିର୍ବାଚନ ଲଢୁଥିବାବେଳେ ତାଙ୍କୁ ସାମନା କରିଛନ୍ତି ବିଜେପିର ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ। ସେପଟେ ଆସ୍କା ଲୋକସଭା ଆସନରେ ବିଜେଡିର ପ୍ରମିଳା ବିଷୋୟୀ, ବିଜେପିର ଅନୀତା ପଟ୍ଟନାୟକ ଓ ସିପିଆଇର ରାମକୃଷ୍ଣ ପଣ୍ଡା ପ୍ରାର୍ଥୀ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥର ପ୍ରଥମ କରି ହିଞ୍ଜିଳି ଓ ବିଜେପୁର ଦୁଇଟି ଆସନରୁ ଲଢୁଛନ୍ତି। ବଲାଙ୍ଗିର ବିଧାନସଭା ଆସନରୁ କଂଗ୍ରେସର ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ନରସିଂହ ମିଶ୍ର। ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ ମଧ ନିର୍ବାଚନ ମଇଦାନରେ। ସେ ପାଟଣାଗଡ଼ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ବାଚସ୍ପତି ପ୍ରଦୀପ ଅମାତ ମଧ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ଦେଇଛନ୍ତି। ସେ ବୌଦ୍ଧ ଆସନରୁ ପୁନର୍ବାର ପ୍ରାର୍ଥୀ ହୋଇଛନ୍ତି। ଏହାବାଦ୍ ଏହି ପର୍ଯ୍ୟାୟରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବିକ୍ରମ କେଶରୀ ଆରୁଖ, ସ୍ନେହାଙ୍ଗିନୀ ଛୁରିଆ ଓ ସୁଶାନ୍ତ ସିଂହଙ୍କ ଭାଗ୍ୟ ଏବେ ଇଭିଏମ୍ ଭିତରେ ସିଲ୍। ଅନ୍ୟମାନଙ୍କ ମଧ୍ୟରେ ପଦ୍ମନାଭ ବେହେରା, ସୁବ୍ରତ ତରାଇ, ମଙ୍ଗଳା କିଷାନ୍, ଟୁକୁନି ସାହୁ, ମହିଧର ରଣା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ନନ୍ଦିନୀ ଦେବୀ, ରାଧାରାଣୀ ପଣ୍ଡା, ନବ ଦାସ, ପ୍ରଫୁଲ୍ଲ ମାଝୀ, ଲକ୍ଷ୍ମଣ ମୁଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରଦୀପ ପୁରୋହିତ, ଜାକବ ପ୍ରଧାନ ଓ ଦେବେଶ ଆଚାର୍ଯ୍ୟ ପ୍ରମୁଖ ବିଧାୟକମାନେ ଅଛନ୍ତି। ସେହିପରି ଏଥର କିଶୋର ମହାନ୍ତି, ବିଜୟ ରଞ୍ଜନ ସିଂ ବରିହା, ସାରଦା ନାୟକ, ସୁରେନ୍ଦ୍ର ସିଂ ଭୋଇ, ସନ୍ତୋଷ ସିଂ ସାଲୁଜା, କରେନ୍ଦ୍ର ମାଝୀ, ଯୋଗେଶ ସିଂହ ଓ ନୀହାର ମହାନନ୍ଦଙ୍କ ଭଳି ପୂର୍ବତନ ବିଧାୟକମାନଙ୍କର ମଧ ଗୁରୁବାର ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇଛି। ଏମାନଙ୍କ ସହ ଏହି ପର୍ଯ୍ୟାୟରେ ପୀତାମ୍ବର ଆଚାର୍ଯ୍ୟ, ଅମିତା ବିଶ୍ୱାଳ, ଲତୀକା ପ୍ରଧାନ, କୁସୁମ ଟେଟେଙ୍କ ପରି ହେଭିଓ୍ୱେଟ୍‌ମାନେ ସାମିଲ ଅଛନ୍ତି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ଏପ୍ରିଲ, ୨୦୧୯

# ପରିବର୍ତ୍ତନର ସମ୍ଭାବନା

**ବି**ଗତ ଦିନ ମାନଙ୍କରେ ଅନୁଷ୍ଠିତ ହୋଇଥିବା ସାଧାରଣ ନିର୍ବାଚନ ଯେତିକି ରୋଚକ ଓ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନଥିଲା ୨୦୧୯ ସାଧାରଣ ନିର୍ବାଚନ ସେତିକି ରୋଚକ ଓ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ହୋଇଛି। ଦୀର୍ଘ ୧୯ବର୍ଷ ଧରି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ଶାସକ ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୟଶୂନ୍ୟ ବାତାବରଣ ଭିତରେ ରାଜ୍ୟ ଶାସନ କରିଥିଲେ ବି ସମ୍ପ୍ରତି ଓଡ଼ିଶାରେ ବିଜେପିର ଉତ୍‌ଥାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ଘନ ଘନ ଗସ୍ତ ବିଜେଡି ପାଇଁ ଭୟ ସଞ୍ଚାର କରିଛି। ଯେଉଁଥିପାଇଁ ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ମାରାଥନ ପ୍ରଚାର ପାଇଁ ଅତ୍ୟାଧୁନିକ ବସ୍ ଯୋଗେ ପ୍ରଚାର ପାଇଁ ଯିବା ଭୋଟରଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ସୃଷ୍ଟି କରିଛି। ପୂର୍ବରୁ ନବୀନ ନିର୍ବାଚନୀ ପ୍ରଚାରରେ କେବେବି ଏଭଳି କୌଶଳ ଅବଲମ୍ବନ କରିଥିବାର ନଜିର ନଥିଲା। ପୂର୍ବେ ମୁଖ୍ୟମନ୍ତ୍ରୀ ନିର୍ବାଚନୀ ସଭା ମଞ୍ଚ ପର୍ଯ୍ୟନ୍ତ ହେଲିକପ୍ଟର ଯୋଗେ ଯାଇ ସେଠାରୁ ମଞ୍ଚ ଉପରେ ସାଧାରଣ ଲୋକଙ୍କୁ ସମ୍ବୋଧିତ କରୁଥିବା ବେଳେ ସମ୍ପ୍ରତି ଏଥିରେ ପରିବର୍ତ୍ତନ ଅଣାଯାଇ ରୋଡ ଶୋ' ବେଳେ ବସ୍ କାଚ ଭିତରୁ ହାତ ହଲାଇ ଲୋକମାନଙ୍କୁ ବିଜେଡି ପ୍ରତି ଆକର୍ଷିତ କରିବା ସହିତ ନିଜର ଆଭିମୁଖ୍ୟ ପ୍ରଦର୍ଶନ କରିବାକୁ ନେଇ ସବୁଠି ଚର୍ଚ୍ଚା ଲାଗିରହିଛି। ଯେଉଁ କାରଣରୁ ହେଉନା କାହିଁକି ମୁଖ୍ୟମନ୍ତ୍ରୀଙ୍କ ଏଭଳି ପ୍ରଚାର ଶୈଳୀ ସାଧାରଣ ଭୋଟରଙ୍କୁ ଆକୃଷ୍ଟ କରିପାରିଛି। ଭାଷଣ ମଞ୍ଚରେ କେନ୍ଦ୍ର ବିରୋଧରେ ନବୀନ ବିଷୋଦଗାର କରୁଥିଲା ବେଳେ ମୋଦି ଓ ଶାହା ଓଡ଼ିଶାରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଚାଲିଥିବା କଥାଟିକୁ ଦୋହରାଉଛନ୍ତି। ଏଭଳି ଆରୋପ ପ୍ରତ୍ୟାରୋପ ଭିତରେ ବିଜେଡି ଓ ବିଜେପି ଏଭଳି ଏକ ସ୍ଥିତି ତିଆରି କରୁଛନ୍ତି ଯେ, ଯେଭଳି ଭୋଟରମାନେ ସତକଥା କ'ଣ ଚିନ୍ତା କରିବାକୁ ବାଧ୍ୟ ହେବେ। ଅତୀତରେ ନବୀନ ନିର୍ବାଚନୀ ସଭାରେ ଲୋକଙ୍କୁ ସମ୍ବୋଧିତ କଲା ବେଳେ କେନ୍ଦ୍ରୀୟ ଅବହେଳା ଓ ସମଦୂରତାର କଥା କହୁଥିଲେ। କିନ୍ତୁ ବର୍ତ୍ତମାନ ଯାହା ଦେଖାଯାଉଛି ଏଥିରେ ସେ ସିଧାସଳଖ କେନ୍ଦ୍ର ସରକାରଙ୍କ ଉପରେ ବର୍ଷୁଛନ୍ତି। ଖୋଲାଖୋଲି ଭାବେ ମୁଖ୍ୟମନ୍ତ୍ରୀ କହୁଛନ୍ତି ଯେ, କେନ୍ଦ୍ରର ବିଜେପି ସରକାର କେବଳ ଚାଷୀ ବିରୋଧୀ ନୁହେଁ ଜନବିରୋଧୀ ମଧ୍ୟ। ବିଜେଡି ସରକାର ପ୍ରଣୟନ କରିଥିବା କାଳିଆ ଯୋଜନାକୁ କେନ୍ଦ୍ର ବନ୍ଦ କରିବା ପାଇଁ ଚକ୍ରାନ୍ତ କରିଛି ବୋଲି ମଧ୍ୟ ବିଜେପିକୁ ଦୋଷାରୋପ କରୁଛନ୍ତି ନବୀନ। ନବୀନଙ୍କ ପୂର୍ବ ଆଭିମୁଖ୍ୟ ଏବଂ ବର୍ତ୍ତମାନର ଆଭିମୁଖ୍ୟକୁ ତୁଳନାତ୍ମକ ଭାବେ ଦେଖିଲେ ଜଣାପଡୁଛି ଯେ, ଏନଡିଏ ସହ ନାହିଁ ବିଜେଡି। ଯଦିଓ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ବିଜେଡି ଏନଡିଏ ସହ ରହିଥିଲା। ସେତେବେଳେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ବିଜେଡି ଅଂଶୀଦାର ଭାବେ ରହିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଉପା ସରକାରର ଶାସନ କାଳରେ ବିଜେଡି ସମଦୂରତାର ଫର୍ମୁଲା ଆପଣାଇବା ସହିତ କେନ୍ଦ୍ର ସହିତ ସୁସମ୍ପର୍କ ରଖି ରାଜ୍ୟରେ ଶାସନ କ୍ଷମତାକୁ ବଜାୟ ରଖି ଚାଲିଥିଲେ। ୨୦୧୪ ସାଧାରଣ ନିର୍ବାଚନରେ ସାରା ଦେଶରେ ମୋଦି ଲହର ଥିଲା ବେଳେ ଓଡ଼ିଶାରେ ଏହାର ପ୍ରଭାବ ପଡି ନଥିଲା। ଯେଉଁଥିପାଇଁ ନବୀନ ଯେ ରାଜ୍ୟ ପାଇଁ ଏକମାତ୍ର ଅପ୍ରତିଦ୍ୱନ୍ଦ୍ୱୀ ନେତା ତାହା ପ୍ରମାଣିତ ହୋଇପାରିଥିଲା। କିନ୍ତୁ ଧିରେ ଧିରେ ଓଡ଼ିଶାର ଶାସନ କ୍ଷମତାକୁ ଅକ୍ତିଆର କରିବା ପାଇଁ ବିଜେପି ଯେବେଠାରୁ ସକ୍ରିୟ ହୋଇଉଠିଲା ସେବେଠାରୁ ବିଜେଡି ନିଜର ଆଭିମୁଖ୍ୟକୁ କଠୋର କରିବା ସହିତ କେନ୍ଦ୍ରୀୟ ଅବହେଳାର ନାରା ଦେବାଠୁ ଆରମ୍ଭ କରି ବିଭିନ୍ନ ସମୟରେ ଆନ୍ଦୋଳନ ଜାରି ରଖିଥିଲା। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ମିଶନ ୧୨୦ ଘୋଷଣା ପରେ ବିଜେଡି ଭିତରେ ଛନକା ଦେଖାଦେଲା। ଏଥିସହ ମୋଦିଙ୍କ ପୂର୍ବ ଭାରତର ବିକାଶ ଘୋଷଣା ଯୋଡି ହୋଇଯିବାରୁ ରାଜ୍ୟ ବିଜେପି ଚଳଚଞ୍ଚଳ ହୋଇଉଠିବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଓଡ଼ିଶାରେ ପରିବର୍ତ୍ତନ ସ୍ୱରକୁ ତୀବ୍ର କରିଥିଲେ। ୨୦୧୪ ପରଠାରୁ ନିଜ ନିଜ ବିପକ୍ଷରେ ଛକାପଞ୍ଝାର ଖେଳ ଖେଳୁଥିବା ବିଜେଡି ଓ ବିଜେପି ଏବେ କ୍ଷମତା ହାସଲ ପାଇଁ ଏଭଳି ସାମ୍ନାସାମ୍ନି ହୋଇଛନ୍ତି ଯେ, ନିର୍ବାଚନ ଏକ ରଣକ୍ଷେତ୍ର ବୋଲି ସ୍ପଷ୍ଟ ଜଣାପଡୁଛି। ଗୋଟିଏପଟେ ବିଜେପି ପରିବର୍ତ୍ତନର ନାରା ଦେଇ ଏହି ଧାରାରେ ଓଡ଼ିଶାର ଜନସାଧାରଣଙ୍କୁ ସାମିଲ କରିବା ପାଇଁ ଉଦ୍ୟମ କରୁଥିଲା ବେଳେ ମୁଖ୍ୟମନ୍ତ୍ରୀ ବିଜେପିକୁ ଜନବିରୋଧୀ କହିବା ସହିତ ରାଜ୍ୟବାସୀଙ୍କ ପାଇଁ ନୂଆ ନୂଆ କଲ୍ୟାଣକାରୀ ଯୋଜନାର ଘୋଷଣା କରୁଛନ୍ତି। ରାଜନୀତିରେ ମହିଳାଙ୍କ ପାଇଁ ସଂରକ୍ଷଣ ପ୍ରସଙ୍ଗ ଉଠାଇ ସମଗ୍ର ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ ନବୀନ। କିନ୍ତୁ ଚଳିତ ନିର୍ବାଚନରେ ଆଉ ଗୋଟିଏ ନୂଆ କଥା ଦେଖିବାକୁ ମିଳିଲା। ନିଜର ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଆଧାରରେ ହିଞ୍ଜିଳି ବିଧାନସଭା ଆସନରୁ ଜିତି ଆସୁଥିବା ନବୀନ ଏଥର ଦୁଇଟି ଜାଗାରୁ ବିଧାୟକ ପ୍ରାର୍ଥୀ ହୋଇଛନ୍ତି। ଏହି ଆସନଟି ହେଉଛି ବହୁଚର୍ଚ୍ଚିତ ବରଗଡ଼ ଜିଲ୍ଲାର ବିଜେପୁର ଆସନ। ଏହି ଆସନଟି ଏଇଥିପାଇଁ ଚର୍ଚ୍ଚିତ ଯେ, ଏଠାରୁ ଉପନିର୍ବାଚନ ବେଳେ ରୀତା ସାହୁ କଂଗ୍ରେସରୁ ଆସି ବିଜେଡିରୁ ଲଢ଼ି ବହୁ ଭୋଟ ବ୍ୟବଧାନରେ ଜିତିଥିଲେ। ସେତେବେଳେ ବିଜେପୁର ନିର୍ବାଚନ ମଣ୍ଡଳୀ କେବଳ ରାଜ୍ୟବାସୀଙ୍କର ନୁହେଁ ଦେଶବାସୀଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲା। ଏହାର ଏକମାତ୍ର କାରଣ ଥିଲା ଯେ, ଏଠାରୁ ଦୀର୍ଘବର୍ଷ ଧରି ରୀତାଙ୍କ ସ୍ୱାମୀ ସୁବଳ ସାହୁ କଂଗ୍ରେସ ବିଧାୟକ ଭାବେ ଜିତି ଆସୁଥିଲେ। ତାଙ୍କର ଦେହାନ୍ତ ପରେ ଉପନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଏହି ଆସନଟି ଉପରେ ବିଜେଡିର ମଧ୍ୟ ନଜର ରହିଥିଲା। କିନ୍ତୁ ଏଠାରେ ବିଜେପିର ପ୍ରଭାବୀ ପ୍ରଦର୍ଶନ ନହେବାରୁ ଦଳକୁ ନିରାଶ ହେବାକୁ ପଡିଥିଲା। ଯେଉଁଥିପାଇଁ ନବୀନ ଯେ ବିଜେପୁର ହିରୋ ତାହା ପ୍ରମାଣ ହୋଇଥିଲା। ଯେଉଁଥିପାଇଁ ବିଜେପୁର ଆସନଟିକୁ ସୁରକ୍ଷିତ ମଣି ନବୀନ ଏଠାରୁ ପ୍ରାର୍ଥୀ ହେବା ସହିତ ପଶ୍ଚିମ ଓଡ଼ିଶା ପ୍ରତି ନିଜର ଦୃଷ୍ଟିଭଙ୍ଗୀ ଦର୍ଶାଇଛନ୍ତି। କିନ୍ତୁ ଏକଥାଟିକୁ ବିଜେପି ସହଜରେ ଗ୍ରହଣ ନକରି ଗୁଇନ୍ଦା ତଥ୍ୟରେ ହିଞ୍ଜିଳିରୁ ନବୀନ ହାରିଯିବାର ଭୟ ଥିବାରୁ ଏଭଳି ହୋଇଥିବା ଆଲୋଚନା ହେଉଛି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶାରେ ନିର୍ବାଚନୀ ମାହୋଲ ଯାହା ଅଛି ସେଥିରେ ପରିବର୍ତ୍ତନର ସ୍ୱର ସ୍ପଷ୍ଟ ନହେଲେ ବି ତୀବ୍ରତର ରହିଥିବା ଜଣାପଡୁଛି। ବିଜେପି ନବୀନଙ୍କ ସରକାରକୁ ଅପାରଗ ସରକାର କହି ଓଡ଼ିଶାବାସୀଙ୍କୁ ପିଏମ୍ କିଷାନ ଯୋଜନା ଓ ଆୟୁଷ୍ମାନ ଭାରତର ଉପକାରିତା ସମ୍ପର୍କରେ ସୂଚୀତ କରୁଛନ୍ତି। ଏଥିସହିତ କେନ୍ଦ୍ର ସରକାର ଗତ ୫ବର୍ଷ ମଧ୍ୟରେ ଓଡ଼ିଶାକୁ ତିନିଲକ୍ଷ କୋଟି ଟଙ୍କା ଅନୁଦାନ ଦେଇଥିବା ସତ୍ତ୍ୱେ ରାଜ୍ୟ ସରକାର ଏଠାରେ ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ବିକାଶ ଧିମେଇ ଯାଇଛି ବୋଲି ବିଜେପିର ନେତାମାନେ କହୁଛନ୍ତି। ଅନ୍ୟପକ୍ଷରେ ବିଜେଡି ସରକାର ଅନେକ ଲୋକପ୍ରିୟ ଯୋଜନା ପ୍ରଣୟନ କରିଥିଲେ ବି ଏହାର ସୁଫଳ ସାଧାରଣ ଲୋକଙ୍କୁ ମିଳିପାରୁ ନାହିଁ ବୋଲି ମଧ୍ୟ ଅଭିଯୋଗ ହେଉଛି। ତେଣୁ ବିଜେଡିର ବିଫଳତାକୁ ଆୟୁଧ କରି ବିଜେପି ଓଡ଼ିଶାରେ ଡବଲ ଇଞ୍ଜିନ୍‌ର କଥା କହି ଭୋଟ ହାତେଇବା ପାଇଁ ଯେଉଁ ଉଦ୍ୟମ କରୁଛି ସେଥିରେ ସଫଳ ହେବାର ସମ୍ଭାବନା ମଧ୍ୟ ଦେଖାଦେଲାଣି।



ତାରକ ମହାନ୍ତି

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଘର ଢିଙ୍କି କୁମ୍ଭୀର



ଇଂ. ବିଦ୍ୟାଧର ପଣ୍ଡା

ଘର ଢିଙ୍କି କୁମ୍ଭୀର। ଏକଥାର ତାତ୍ପର୍ଯ୍ୟ ହେଲା ଯଦି ନିଜଲୋକ ଗୃହଭେଦୀ ବିଭୀଷଣ ପାଲଟି ଶତ୍ରୁତା ଆଚରଣ କରନ୍ତି ତେବେ ଦେଶଦଶର ଅନେକ କ୍ଷତି ଅତି ସହଜରେ ହୋଇଥାଏ। ସାଧାରଣ ଲୋକଙ୍କ ଧନ ଜୀବନ ନଷ୍ଟ ହେବା ସଙ୍ଗେ ସଙ୍ଗେ ଦେଶର ଏକତା ଅଖଣ୍ଡତା ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଥାଏ। ଏବେ ନିର୍ବାଚନ ସମୟ। ପ୍ରଚାରବେଳେ ଶାସକଦଳ ଓ ବିରୋଧୀଦଳ ଉଭୟେ ନିଜନିଜ ଭିତରେ କାଦୁଅ ଫିଙ୍ଗାଫିଙ୍ଗି ହେବାଟା ସ୍ୱାଭାବିକ କଥା। କିନ୍ତୁ ଯେଉଁଭଳି ଭାବେ ସୀମାନ୍ତରେ ପଡ଼ୋଶୀର ଆତଙ୍କ, ଆମଦେଶର ସେନାଦ୍ୱାରା ଗୃହୀତ କିଛି କଠୋର ପଦକ୍ଷେପ ଓ ବାୟୁସେନା ଦ୍ୱାରା ପୁଲଓ୍ୱାମାରେ ସଂନ୍ତ୍ରାସବାଦୀଙ୍କ ଶିବିରଧ୍ୱଂସ ଆଦି ଘଟଣାରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ଯେଉଁଭଳି ଭାବେ ମତାନ୍ତର ଦେଖାଯାଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ। ଭାରତ ଇତିହାସରେ ଆମଦେଶର ସେନାକୁ ଏଭଳି ପୂର୍ବରୁ କେବେ କଟାକ୍ଷ ଶୁଣିବାକୁ ମିଳି ନଥିଲା। ପିଡ଼ିପି ମୁଖ୍ୟ ମେହେବୁବା ମୁଫ୍‌ତିଙ୍କର ନିର୍ବାଚନୀ ଭାଷଣରେ ପୁଲଓ୍ୱାମାରେ ସେନାଦ୍ୱାରା ଉଣିସିଟି ଗଛ ଏବଂ ଗୋଟିଏ କାଉ ମରିଥିବା କଥା କହିବା ପରେ ସେନାର ମନୋବଳକୁ ଧକ୍କା ଲାଗିବା ସହ ତାଙ୍କର ପାକିସ୍ଥାନ ସହ କିଭଳି ଆତ୍ମୀୟତା ରହିଛି ତାହା ସହଜରେ ଅନୁମେୟ। ରଡ଼ନିଆଁରେ କୁଟା ପକାଇଲା ପରି ଜାମ୍ମୁ କାଶ୍ମୀର ନ୍ୟାସ୍‌ନାଲ୍‌ଫ୍ରଂଟର ପ୍ରତିଷ୍ଠାତା ଓ ସଭାପତି ମୁଖ୍ୟ ପୃଷ୍ଠପୋଷକ ବାପାପୁଅ ଯେମିତି କାଶ୍ମୀରର ଅଲଗା ସମ୍ବିଧାନ, ଅଲଗା ରାଷ୍ଟ୍ରପତି, ଅଲଗା ପ୍ରଧାନମନ୍ତ୍ରୀ ସହ ତ୍ରିରଙ୍ଗାଠାରୁ ଅଲଗା ଗୋଟିଏ କାଶ୍ମୀର ଜାତୀୟ ପତାକା ଦରକାର ଅଛି ବୋଲି ପ୍ରଚାର ସଭାରେ ଉପସ୍ଥାପନା ସହ ଭବିଷ୍ୟତରେ ଏହି ସବୁ ସ୍ୱପ୍ନ ସାକାର କରିବାକୁ ଖୋଲାଖୋଲି ଭାବେ ସାଧାରଣସଭାରେ ଭୋଟ ମାଗୁଛନ୍ତି, ତାହା ନିଶ୍ଚିତ ଭାବରେ ଜାତୀୟ ସଂହତି ପ୍ରତି ଏକ ବିପଦପୂର୍ଣ୍ଣ ସାଇରନ୍ ଘଂଟି। ଏ'ଦୁଇ ଦଳର ତିନି ବଡ଼ନେତାଙ୍କର କାର୍ଯ୍ୟକ୍ଷେତ୍ର ଆମଦେଶର ଗୋଟିଏ କୋଣରେ ଏବଂ ଆମର ବଡ଼ଶତ୍ରୁ ପଡ଼ୋଶଦେଶର ସୀମାରେ, ତେଣୁ ସେମାନଙ୍କର ମାନସିକ ଅବସ୍ଥା ବୁଝିହେଉଛି କିନ୍ତୁ ଭାରତର କେନ୍ଦ୍ରରେ ତେଲେଙ୍ଗାଣା ରାଜ୍ୟର ହାଇଦ୍ରାବାଦ୍ ସହରରେ ବିଷୋଦ୍‌ଗାର କରୁଥିବା ଏଆଇଏମ୍‌ଆଇଏମ୍‌ର ନେତା ଅଶାଦୁଦିନ୍ କୋୟାଶି ଓ ତାଙ୍କଭାଇ ଆକ୍‌ବରୁଦିନ୍ କୋୟାଶି ଯେଉଁଭଳି ଭାଷଣ ରଖୁଛନ୍ତି ତାହା ଭାରତର ଧର୍ମ ନିରପେକ୍ଷବାଦୀ ସରଳ ଜନସାଧାରଣଙ୍କ ମନରେ କଷ୍ଟ ଦେଉଛି। ସର୍ବୋପରି ଚିନ୍ତାର ବିଷୟ ହେଲା ଦିଲ୍ଲୀ ସିହାଂସନରେ ବସିବା ପାଇଁ ଆମଦେଶର ସବୁଠାରୁ ପୁରୁଣା ଜାତୀୟ ଦଳ କଂଗ୍ରେସର ସଭାପତି ଏ' ସମସ୍ତ ନେତାମାନଙ୍କ ସହ ମଧୁର ସଂପର୍କ ରଖି ମେଂଟ କାରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି। ଭାରତର ଖୁବି ହେଲା ବିଷମତା ଭିତରେ ସମତା, ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ସଂସ୍କୃତିର ବିଭିନ୍ନତା ଭିତରେ ଏକତା। ଯଦି ଏହି ସବୁ ଜନ ପ୍ରତିନିଧି କ୍ଷମତାଲିପ୍‌ସୁ ହୋଇ ସେନାକୁ ପ୍ରମାଣ ମାଗିବେ, ଅବିଶ୍ୱାସ କରିବେ, ଶତ୍ରୁକଥାକୁ ଗୁରୁତ୍ୱଦେଇ ନିଜ ଦେଶରେ ମିଥ୍ୟା ଅପପ୍ରଚାର କରିବେ ତେବେ କଣ ଆମ ଭାରତର ଅଖଣ୍ଡତା ଓ ସାର୍ବଭୌମତ୍ୱ ସୁରକ୍ଷିତ ରହିପାରିବ!

ପିଡ଼ିପିର ମେହେବୁବା ମୁଫ୍‌ତି ହୁଅନ୍ତୁ କିମ୍ବା ନ୍ୟାସ୍‌ନାଲ୍‌ଫ୍ରଂଟର ଅବଦୁଲା ପରିବାର ହୁଅନ୍ତୁ ସମସ୍ତେ କାଶ୍ମୀରକୁ ବହୁ ସମୟରେ ଶାସନ କରିଛନ୍ତି। ସେତେବେଳେ କେବେ ତାଙ୍କର ସ୍ୱର ଏମିତି ନଥିଲା। ତାଙ୍କର ଶାସନକାଳ ଭିତରେ ସରକାରୀ ପଇସାରେ ବିଦେଶରେ ରହି ଅୟସଆରାମ ଜୀବନ ବିତାଇବା ଛଡ଼ା ରାଜ୍ୟରେ ବିଶେଷ କିଛି ଉନ୍ନତି ମୂଳକ କାମ କରିନାହାନ୍ତି। ଅନେକ ସମସ୍ୟାରେ ପୀଡ଼ିତ ଜାମ୍ମୁକାଶ୍ମୀରର ଭାଇଭଉଣୀମାନେ ଏବେ ବି ବହୁତ ସୁଖସୁବିଧାରୁ ବଂଚିତ ରହୁଛନ୍ତି। ସରଳଲୋକଙ୍କୁ କେମିତି ଭୁଆଁ ବୁଲାଇ ଭୋଟ ହାତେଇବାକୁ ହୁଏ ତାହା ଏମାନଙ୍କୁ ଭଲଭାବରେ ଜଣା। ପାକିସ୍ଥାନର ଅବସ୍ଥା ମଧ୍ୟ ଠିକ୍ ଏହିପରି। ଅଳ୍ପକିଛି ଲୋକ ସତ୍‌ତାଭୋଗକରି ଅତି ଆଡ଼ମ୍ବରପୂର୍ଣ୍ଣ ଜୀବନ ଯାପନ କରୁଥିବା ବେଳେ ନବେ ପ୍ରତିଶତ ଲୋକ ଗରିବସୀମା ରେଖା ତଳେ। ଭଲରେ ଦିନକୁ ତିନିବେଳା ଖାଇବାକୁ ନାହିଁ। ଶିକ୍ଷା ସ୍ୱାସ୍ଥ୍ୟଠାରୁ ବହୁତଦୂରରେ ରହି କାଳାତିପାତ କରୁଛନ୍ତି। ଏପରି ଅବସ୍ଥାରେ ଆମର ପଡ଼ୋଶରେ ଶାସନ କରୁଥିବା ନିର୍ବାଚିତ ସରକାରର ପ୍ରାଥମିକତା ହେଲା ସଂନ୍ତ୍ରାସବାଦୀଙ୍କୁ ପ୍ରୋତ୍ସାହନ ଦେଇ ଭାରତକୁ ଅସ୍ଥିର କରିବା। ପାକିସ୍ଥାନ ଯେମିତି ତା'ଦେଶରେ ପଚାର କରେ ଯେ' ଭାରତ ଯୋଗୁଁ ଆମେ ଏମିତି କଷ୍ଟରେ ଅଛେ, ସେମିତି ପିଡ଼ିପି ଏବଂ ନ୍ୟାସନାଲ୍‌ଫ୍ରଂଟର ନେତା ଏବେ କାଶ୍ମୀରବାସୀଙ୍କୁ ଦିଲ୍ଲୀ ସରକାର ଯୋଗୁଁ ଆମର ଏ ଦୁର୍ଦ୍ଦଶା ବୋଲି ବୁଝାଇବାରେ ସଫଳ ହୋଇ ଭୋଟ ଗୋଟାଇ ନିର୍ବାଚନୀ ବୈତରଣୀ ପାରି ହେବାକୁ ବସିଛନ୍ତି। ଚୁଙ୍ଗୁଡ଼ି ଚିପିଲେ ମୁଣ୍ଡରେ ମଇଳା ପରି ସେମାନଙ୍କର ଏତେ ପ୍ରଭାବ ଭାରତ ପରି ବିଶାଳ ଦେଶରେ ପଡ଼ନ୍ତାନି ଯଦି ଦେଶରେ ଶାସନ କ୍ଷମତା ଭୋଗିବାକୁ ବ୍ୟାକୁଳିତ କଂଗ୍ରେସ ପାର୍ଟି ଏ'ସମସ୍ତଙ୍କର ମଙ୍ଗୁଆଳ ହୋଇ ନ'ଥାନ୍ତା। କଂଗ୍ରେସ ସହ ମେଂଟ ହେବାରୁ ଏମାନେ ପରେ ଆସି ଦିଲ୍ଲୀ ଆସନରେ ବସି ବିଚ୍ଛିନ୍ନତାବାଦୀଙ୍କୁ ପରୋକ୍ଷରେ ସାହାଯ୍ୟ ସହାନୁଭୂତି ଯୋଗାଇ ଦେଶର ଅଜସ୍ର କ୍ଷତି କରୁଛନ୍ତି।

ମିଶେଲ୍ ମାମାଙ୍କର ଅଗଷ୍ଟ୍ୟା ହେଲିକ୍ୟାପ୍ଟର କାଣ୍ଡ ବିଷୟରେ ଏବେ ଯେଉଁ ଖୁଲାସା ହୋଇଛି ସେଥିରେ ଶ୍ରୀମତୀ ସୋନିଆଁ ଗାନ୍ଧୀଙ୍କ ସମ୍ପର୍କ ସହ ଏପି(ଅହମଦ୍ ପଟେଲ୍) ଓ ଇଟଲି ଲେଡ଼ିଙ୍କ ପୁଅ ଯିଏ ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛି, ସେଇ ଆର୍‌ଜିଙ୍କୁ କିଛିକୋଟି ଟଙ୍କା ଦିଆନିଆ କଥା କହିବା ପରେ ଏବେ ଗୃହମନ୍ତ୍ରୀ ରାଜନାଥଙ୍କ କଥା – "ଚୌକିଦାର ଚୋର ନୁହେଁ, ଚୌକିଦାର ପ୍ୟୁଓର, ଜିତିବା ସ୍ୟୁଓର୍" ସତ ହେବାରେ କିଛି ଅସୁବିଧା ନଥିବା ଭଳି ଲାଗୁଛି। ସୁପ୍ରିମ୍‌କୋର୍ଟ ରାଫେଲ କିଣାରେ କିଛି ଅନିୟମିତତା ହୋଇନାହିଁ ବୋଲି କହିଲା ପରେ ବି ରାହୁଲ ଗାନ୍ଧୀ ସବୁ ନିର୍ବାଚନୀ ସାଧାରଣ ସଭାରେ ମୋଦୀଜୀ ସରକାରଙ୍କ ପାଣ୍ଠିରୁ ତିରିଶ ହଜାର କୋଟିଟଙ୍କା ଅମ୍ବାନିପକେଟରେ ପୁରାଇବା କଥା କହି ଚୌକିଦାର ଚୋର ନାରା ଦେବା ଏକ ନୀଚ ମାନସିକତାର ପରିଚାୟକ। ଦେଶବାସୀଙ୍କର ସତ ଜାଣିବାର ଅଧିକାର ଅଛି। ଆଜିକାଲିର ପିଢି ନେହେରୁଙ୍କ ଇତିହାସ ପଢିଲେ ଜାଣିବେ ୧୯୫୦ମସିହାରେ ନେହେରୁଜୀ ଶିଳ୍ପପତି ମୁନ୍ଦ୍ରାଙ୍କଠାରୁ ଦଳପାଇଁ ପାଣ୍ଠି ଆଣିଲେ, ପରେ ମୁନ୍ଦ୍ରାଜୀ ଦେବାଳିଆ ହେବାରୁ ତତ୍କାଳୀନ ଅର୍ଥମନ୍ତ୍ରୀ ଟି ଟି କ୍ରିଷ୍ଣାମାଚାରୀଙ୍କୁ ନିର୍ଦ୍ଦେଶ ଦେଇ ସରକାରୀ ସହାୟତା ଦେଲେ ଏବଂ ପରେ ଏହି ଏଲଆଇସି-ମୁନ୍ଦ୍ରା ଘୋଟାଲାରେ ଅର୍ଥମନ୍ତ୍ରୀ ଟି ଟି କ୍ରିଷ୍ଣାମାଚାରୀ ଦୋଷୀ ହୋଇ ମନ୍ତ୍ରିମଣ୍ଡଳରୁ ବହିଷ୍କାର ହେଲେ। ଦ୍ୱିତୀୟ ପିଢି ଇନ୍ଦିରା ଗାନ୍ଧୀଙ୍କ ସମୟରେ ପ୍ରତିରକ୍ଷା ସାମଗ୍ରୀ କିଣାର ବୁଝାମଣା ଉପରେ କମିସନି ଗ୍ରହଣକରି କଂଗ୍ରେସପାଣ୍ଠିରେ ଜମା କରିବା ନୀତି ଗୁପ୍ତଭାବେ ସ୍ଥିର କରାଯାଇଥିଲା। ୧୯୮୬ ମସିହାରୁ ୧୯୮୯ ପର୍ଯ୍ୟନ୍ତ ଭାରତର କ୍ୟାବିନେଟ୍ ସଚିବ ଶ୍ରୀ ଦେଶମୁଖଙ୍କ କଥା ଯଦି ସତ ହୋଇଥାଏ ତେବେ ସଞ୍ଜୟ ଗାନ୍ଧୀ ହିଁ ବୋଫର୍ସ ଦୁର୍ନୀତିର ମୂଳଦୁଆ ପକାଇଥିଲେ। ରାଜୀବ ଗାନ୍ଧୀ ଓ ସଞ୍ଜୟ ଗାନ୍ଧୀଙ୍କ ମାମୁଁ ବି କେ ନେହେରୁଙ୍କର ଆତ୍ମଜୀବନୀ "ନାଇସ୍ ଗାଏଜ୍ ଫିନିଶ ସେକେଣ୍ଡ", ପୂର୍ବତନ ରାଷ୍ଟ୍ରପତି ଭେଙ୍କଟରମଣଙ୍କ ଆତ୍ମଜୀବନୀ "ମାଇଁ ପ୍ରେସିଡ଼େନ୍‌ସିଆଲ୍ ଇୟର୍ସ" ବହି ଦୁଇଟି ପଢିଲେ ରାଜୀବ ଗାନ୍ଧୀଙ୍କ ସହ ଅନେକ ରାଜନେତାଙ୍କର ଦୁର୍ନ୍ନୀତି ବିଷୟରେ ସୂଚନା ମିଳିବ। ବିଗତ ତିନିପିଢିର ନେତୃବୃନ୍ଦଙ୍କ କାର୍ଯ୍ୟକାଳ ଭିତରେ ଦେଶରେ ଇମରଜେନ୍‌ସି ପରି ଅରାଜକତା, ବୋଫର୍ସପରି ପ୍ରତିରକ୍ଷା ଘୋଟାଲା ପରେ ଡ଼ଃ ମନମୋହନ୍ ସିଂଙ୍କ ପ୍ରଧାନମନ୍ତ୍ରୀତ୍ୱ ଏବଂ ପରୋକ୍ଷ ଶାସିକା ମାନନୀୟା ଶ୍ରୀମତୀ ସୋନିଆ ଓ ଶ୍ରୀମାନ ରାହୁଲ ଗାନ୍ଧୀଙ୍କ ଦଶବର୍ଷ କାଳ ଭିତରେ ଅନେକ ଘୋଟାଲାର ଏବେ ବି ତଦନ୍ତ ଚାଲିଛି। ଅପରପକ୍ଷରେ ଦେଶର ଜନସାଧାରଣ ମୋଦୀଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାର ଦେଖୁଛନ୍ତି ଏବଂ କୌଣସି ଗୋଟିଏ ଘୋଟାଲା ବି ପାଂଚବର୍ଷ ଭିତରେ ହୋଇନାହିଁ। ଯେଉଁ ଖାନାଦାନର କଚ୍ଛାଚିଠା ଏତେ ଲମ୍ବା ସିଏ ଜଣେ କର୍ମଠ ସଚ୍ଚୋଟ ବ୍ୟକ୍ତିର ସିଧାସିଧା ନାଁ ନେଇ ଚୋରଚୋର ଚିତ୍କାର କରିବା କେତେ ଦୂର ଯଥାର୍ଥ! ଖାଲି ସେଇ ଏକାନାରାକୁ କଂଗ୍ରେସର ପ୍ରତ୍ୟେକ ମୁଖ୍ୟପ୍ରଚାରକ ଏବଂ ମହାସଚିବ ବାରମ୍ବାର ଦୋହରାଇ ପ୍ରମାଣ କରୁଛନ୍ତି ଯେ ପ୍ରକୃତରେ ଚୋର ମୁହଁ ଟାଣ। ସତରେ କଣ ଲୋକମାନେ ବାର୍ଷିକ୭୨ହଜାରେ ଟଙ୍କାର ଲଲିପପ୍ ଆଶାରେ ଏଗୁଡ଼ାକୁ ଭୁଲିଯିବେ!

ଏବେ ପୁନେର ଛାତ୍ରସମାବେଶରେ ରାହୁଲ ଗାନ୍ଧୀ ପହଁଚିଲା ପରେ ମୋଦୀ ମୋଦୀ ଶବ୍ଦରେ କାନ ଫାଟି ପଡ଼ିଥିଲା। ଅଧିକାଂଶ ଯୁବ ଭୋଟର୍ ସତକଥା ଜାଣିଛନ୍ତି କିନ୍ତୁ ଅନେକ ଅଶିକ୍ଷିତ ଗରିବ ମଫସଲି ଲୋକଙ୍କ ଭୋଟ କିଣାକିଣି କରି ଅନୈତିକ ଉପାୟରେ ବହୁନେତା ଜିତିଯାଉଛନ୍ତି। ଘୋଷଣାପତ୍ର ଉନ୍ମୋଚନ କଲାବେଳେ କଂଗ୍ରେସ ସଭାପତି ତାଙ୍କର ଦୀର୍ଘ ଭାଷଣରେ ଦେଶର ସମସ୍ୟା ଗୁଡ଼ିକୁ ଭୁଲି ବାରମ୍ବାର ମୋଦୀମୋଦୀ ଚିତ୍କାର କରୁଥିବାରୁ ତାହା ଜନସାଧାରଣଙ୍କ ଶ୍ରୁତିକଟୁ ହେଉଥିଲା। ଭାରତ ଗାନ୍ଧୀ ପରିବାରର ଚାରିପିଢିକୁ ଶାସନ ଗାଦିରେ ଦେଖି ସାରିଛି। ଅପର ପକ୍ଷରେ ମୋଦୀଙ୍କୁ ଚୋର ବୋଲି ଆକ୍ଷେପ କରୁଥିବା ଦଳ ଦେଶରେ ଅନେକ ଦଳ ସହ ଗଠବନ୍ଧନ କରୁଛି ଯେଉଁମାନଙ୍କୁ ନ୍ୟାୟାଳୟ ଚୋର ବୋଲି ପ୍ରମାଣ କରି ସଜା ଶୁଣାଇଛି ଅଥବା ନିଜକୁ ସ୍ୱଚ୍ଛ ପ୍ରମାଣିତ କରିବାକୁ ସେମାନେ ନିଜ ତରଫରୁ କେସ୍ ଲଢୁଛନ୍ତି। ତନ୍ମଧ୍ୟରୁ କିଛି କ୍ଷେତ୍ରୀୟ ଦଳ କଂଗ୍ରେସର ଅତି ପ୍ରିୟ ଯାହାର ମୁଖ୍ୟ ଏବେ ଜେଲ୍‌ରେ ସଜା କାଟୁଛନ୍ତି। କଂଗ୍ରେସ ଦଳପତିଙ୍କ ନିଜ ଭିଣୋଇ ଦୁର୍ନୀତି ଅଭିଯୋଗରେ ଇଡ଼ି ଓ ନ୍ୟାୟଳୟ କୋଠରୀ ଚାରିପଟେ ବୁଲିବୁଲି ନୟାନ୍ତ ହେଉଥିବା ବେଳେ ଭଉଣୀଙ୍କୁ ଆଣି ଦଳର ମହାସଚିବ ଚୌକିରେ ଅଭିଷେକ କରାଇ କଣ ପ୍ରମାଣିତ କରିବାକୁ ଚାହୁଁଛନ୍ତି କିଛି ବୁଝିହେଉନି। ନିକଟ ଅତୀତରେ ରାହୁଲ ଗାନ୍ଧୀ ଗୋଟିଏ ବହୁତ ଗୁରୁତ୍ୱପୂର୍ଣ୍ଣ କଥା କହି ସାରିଲେଣି ଯେ ମୋଦୀଙ୍କୁ ଶାସନରୁ ବେ'ଦଖଲ କରିବାକୁ ନିର୍ବାଚନ ସରିଗଲା ପରେ ଜିତିଥିବା ଯେ କୌଣସି ଦଳର ସଂସଦମାନଙ୍କୁ ନେଇ ଏକ ମହାଗଠବନ୍ଧନର ପରିକଳ୍ପନା କରି ସରକାର ଗଢିବାପାଇଁ ଚେଷ୍ଟା କରାଯିବ। ଏଥିରେ ନୀତି ନୈତିକତା ଆଦର୍ଶ ଗାନ୍ଧୀ ବା ନେହେରୁଙ୍କର ସ୍ୱପ୍ନର ପ୍ରଶ୍ନ ଉଠୁଛି କେଉଁଠି? ଯଦି ଏହି ମହାଠଗବନ୍ଧନ ହୋଇଗଲା ତେବେ ଦେଶର ସଂହତି, ସୁରକ୍ଷା ଓ ଉନ୍ନତି କ'ଣ ସମ୍ଭବ!

ଘର ଢିଙ୍କି କୁମ୍ଭୀରମାନଙ୍କୁ ସଂରକ୍ଷଣ ଦେବାରେ ଆମ ସମ୍ବିଧାନରେ ବି ଭରପୁର ଦୋଶତ୍ରୁଟି ରହିଛି। ଧାରା୩୭୦ ଆମ ସମ୍ବିଧାନର କ୍ୟାନସର୍ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ସତ ଯେ ବ୍ରିଟିଶ୍ ଶାସକ ବାଧ୍ୟରେ ଭାରତକୁ ସ୍ୱାଧୀନତା ଦେବାକୁ ରାଜି ହେଲାବେଳେ ସମ୍ବିଧାନରେ ୩୭୦ଧାରାକୁ ଯୋଡ଼ି ଦେଶର ଅଖଣ୍ଡତାର ମେରୁଦଣ୍ଡ ସଦାସର୍ବଦା ଦୁର୍ବଳକରି ଚାଲିଯାଇଥିଲେ। ନେହେରୁଙ୍କ ପ୍ରିୟମିତ୍ର ଫାରୁକ୍‌ଙ୍କ ପିତା ଶେଖ୍ ଅବଦୁଲ୍ଲାଙ୍କ ପ୍ରବଂଚନାପୂର୍ଣ୍ଣ ଉପଦେଶରେ ଏହି ଧାରା ଅସ୍ଥାୟୀ ରୂପେ ରଖାଗଲା, କିନ୍ତୁ ଏତେ ସରକାର ଗଲେଣି କେହି ଏଥିରେ ହାତ ମାରିଲେନି। ଫଳସ୍ୱରୁପ ପୁରା କାଶ୍ମୀରରୁ ପ୍ରାୟ ଛଅଲକ୍ଷ ହିନ୍ଦୁ ପରିବାରଙ୍କୁ ନିଜନିଜର ଭିଟାମାଟି ଛାଡ଼ି ବିସ୍ଥାପିତ ହେବାକୁ ପଡ଼ିଲା। ଆଜି କାଶ୍ମୀରଘାଟିର ଶୋଚନୀୟ ଅବସ୍ଥା କେବଳ ଆମର ସମ୍ବିଧାନରେ ଥିବା ଧରା୩୭୦ ଏବଂ ୩୫(ଏ)। ଏହି ଧାରା ଯୋଗୁଁ କୌଣସି ଉଦ୍ୟୋଗପତି କାଶ୍ମୀରକୁ ଆସି ପାରୁନାହାନ୍ତି କି କଳକାରଖାନା ବସାଇପାରୁନାହାନ୍ତି। ଭାରତର ସ୍ୱର୍ଗ କୁହାଯାଉଥିବା କାଶ୍ମୀର, ପର୍ଯ୍ୟଟନ ମାନଚିତ୍ରରେ ବହୁତ ପଛରେ ରହିଯାଇଛି। ବେକାରୀ ଯୁବକଙ୍କ ସଂଖ୍ୟା ବଢିବାରୁ ଜିହାଦୀ ଆନ୍ଦୋଳନ ଓ ପଥରମରା ଦଳମାନଙ୍କର ଜନ୍ମ ହେଉଛି। ମହାରାଜା ହରି ସିଂ ତାଙ୍କ ଅଧୀନର କାଶ୍ମୀର ଭାରତକୁ ଦେଇଦେଲାପରେ ଏହା ଅନ୍ୟ ରାଜ୍ୟ ଭଳି ଭାରତ ସଂଘୀୟ ବ୍ୟବାସ୍ଥା ଭିତରେ ଗୋଟିଏ ରାଜ୍ୟର ମାନ୍ୟତା ପାଇ ରହିବା କଥା, କିନ୍ତୁ ନେହେରୁଙ୍କର ଭୂଲ ପାଇଁ ଯେ ଏ ଦେଶ ଦିନେ ଏତେ ହଇରାଣ ହେବ କେହି ସେତେବେଳେ ପରିକଳ୍ପନା କରିପାରିନଥିଲେ। କିଛିଦିନ ତଳେ ମେହେବୁବା ମୁଫତି କହିଲେ ୩୭୦ ଓ ୩୫(ଏ) ଧାରା ଉଚ୍ଛେଦ କଲେ କାଶ୍ମୀରରେ ଭାରତର ଜାତୀୟପତାକା ତ୍ରିରଙ୍ଗାକୁ କାନ୍ଧଦେବା ପାଇଁ କେହି ଜଣେ ହେଲେ ବି ରହିପାରିବେ ନାହିଁ। ଇଏ କି ସ୍ୱାଧୀନତା! ସମ୍ବିଧାନ ବଳରେ ମୁଖ୍ୟମନ୍ତ୍ରୀ ପଦରେ ରହିସାରିଥିବା ଜଣେ ଜନପ୍ରତିନିଧିର ମୁହଁରେ କ'ଣ ଏପରି ଭାଷା ଶୋଭା ପାଉଛି! ଯେଉଁ ସ୍ୱାଧୀନତା ପାଇଁ ଆମକୁ ଅନେକ ମହାପୁରୁଷଙ୍କ ଜୀବନ ବଳିଦେବା ସହ ହଜାରହଜାର ଦେଶପ୍ରେମୀଙ୍କୁ କଳାପାଣି ଭଳି ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିଛି, ତାହାକୁ ଏପରି ବିଡ଼ମ୍ବିତ ହେବାକୁ ଦିଆଯିବା ଅତି କ୍ଷୋଭର ବିଷୟ। ଏବେ କିଛି ବୁଦ୍ଧିଜୀବୀଙ୍କର ବିଶ୍ୱାସ ହେଉଛି ଯେ ରାଫେଲ୍ କମ୍ପାନୀର କମିସନି ଅଙ୍କ କଂଗ୍ରେସଦଲାଲ୍‌ଙ୍କ ଦ୍ୱାରା ନଛିଣ୍ଡିବାରୁ କିମ୍ବା ପାକିସ୍ଥାନସହ କିଛି ଗୁପ୍ତବୁଝାମଣା କି ମାସୁଦ୍ ଅଝାରପରି ବିଚ୍ଛିନ୍ନତାବାଦୀଲୋକଙ୍କ ହିତରେ କଂଗ୍ରେସ ରାଫେଲ୍ କିଣାକୁ ନିଜ ଶାସନକାଳରେ ଡ଼େରି କରିବା ସହ ମୋଦୀସରକାର କାଳରେ ଚଢାଗଲାରେ ପ୍ରଥମରୁ ବିରୋଧ କରି ଆସୁଛି। ଏହାର ପ୍ରକୃତ ଖିଅ ବୋଧହୁଏ ପାକିସ୍ଥାନରେ ମିଳିପାରେ, ସେଥିପାଇଁ ପଞ୍ଜାବରାଜ୍ୟରେ ଶାସନ କରୁଥିବା କଂଗ୍ରେସ ସରକାରଙ୍କ କଳା, ପର୍ଯ୍ୟଟନ ଓ ସଂସ୍କୃତୀମନ୍ତ୍ରୀ ନବଜୋତ୍‌ସିଂ ସିଦ୍ଧୁ ବୋଧହୁଏ ବାରମ୍ବାର ପାକିସ୍ଥାନ ଗସ୍ତରେ ଯାଉଥାଇପାରନ୍ତି! ତେଣୁ ଏ'ସବୁ ପରିପ୍ରେକ୍ଷୀରେ ଗଣମାଧ୍ୟମ ଖୋଳତାଡ଼ କରି ତୀବ୍ର ପ୍ରତିକ୍ରିୟା ପ୍ରକାଶକରିବା ସହ ଭାରତବାସୀଙ୍କୁ ସତକଥା ଜଣାଇ ଟୁକୁଡ଼େଟୁକୁଡ଼େ ଗ୍ୟାଙ୍ଗମାନଙ୍କୁ ସମାଜରୁ ବହିଷ୍କାର କରିବାର ସବୁ ଉପାୟ କରି ସମସ୍ତ ଘରଢିଙ୍କି କୁମ୍ଭୀରମାନଙ୍କୁ ସାବାଡ଼ କରିବାର କ'ଣ ଆବଶ୍ୟକତା ନାହିଁକି!

*ଖ- ୧୭/୧୫, ପଞ୍ଚଶଖା ନଗର,*
*ଡୁମୁଡୁମା, ଖଣ୍ଡଗିରି,ଭୁବନେଶ୍ୱର-୧୯*
*ଦୂରଭାଷ-୯୪୩୯୧୨୮୦୫୦*

# ମାନବ ଜୀବନର ଦଶ ମହାଯଜ୍ଞ

ଯୋଗୀ ଗଣେଶ୍ୱର

ଭାଗ-୦୨

**ଯେ**ଉଁ ମନୁଷ୍ୟ ଭଗବତଦର୍ଶନ ଇଚ୍ଛାରେ ଈଶ୍ୱରଙ୍କୁ ଭକ୍ତି ଚିତ୍ତରେ ଡାକନ୍ତି, ଭିନ୍ନଭିନ୍ନ ପଥରେ ପୂଜା ପ୍ରାର୍ଥନା କରନ୍ତି,ସେମାନଙ୍କ ନିମନ୍ତେ ଦଶମହାଯଜ୍ଞ ଶୁଭ ଫଳଦାୟକ। ଶରୀର ରକ୍ଷଣ ପାଇଁ ଜଳ ଓ ବାୟୁର ଆବଶ୍ୟକତା ପରି ଆତ୍ମଶୁଦ୍ଧି ପାଇଁ ଯଜ୍ଞର ନିତାନ୍ତ ଆବଶ୍ୟକ ରହିଛି। ଜପ, ତପ, ସ୍ୱାଧ୍ୟାୟ ପଥରେ ଗତି କରୁଥିବା ମନୁଷ୍ୟ ସ୍ଥିର ଚିତ୍ତରେ ଭଗବାନଙ୍କର ଯେ କୌଣସି ଏକ ନାମ ଉଚ୍ଚାରଣ କରିବା ବିଧିସଙ୍ଗତ। ଭଗବତ ପଥରେ ଗତି କରିବା ନିମନ୍ତେ କଳିଯୁଗରେ ଜପଯଜ୍ଞ ସର୍ବଶ୍ରେଷ୍ଠ ଉପାୟ। ଏହି ପରିପ୍ରେକ୍ଷୀରେ ଦଶମହାଯଜ୍ଞର ଦ୍ୱିତୀୟ ସୋପାନଟି 'ଜପଯଜ୍ଞ' ଅନ୍ତର୍ଭୂକ୍ତ ଅଟେ। ଏହି ପବିତ୍ର ଯଜ୍ଞ ଦ୍ୱାରା ଭକ୍ତ ରୋଗ,ଶୋକ,ପରିତାପ ଓ କର୍ମବନ୍ଧନରୁ ମୁକ୍ତହୋଇ ଶାନ୍ତ,ସରଳ,ନିରୋଗ ଜୀବନ ଯାପନ କରିଥାନ୍ତି। ଏହି ଯଜ୍ଞ ଏପରି ପ୍ରଭାବଶାଳୀ ଯେ ଜପୁଥିବା ମନୁଷ୍ୟର ଅନ୍ତଃକରଣ ଦ୍ରୁତ ବେଗରେ ବିକଶିତ ହୋଇଥାଏ। ଭଗବାନଙ୍କୁ ପାଇବାର ରାସ୍ତା ଆପଣା ଛାଏଁ ପ୍ରଶସ୍ତ ହୋଇଯାଏ। ସାଂପ୍ରତିକ କଳିକାଳରେ ଜପଯଜ୍ଞର ପ୍ରଭାବ ସର୍ବାଧିକ। ଦୈନନ୍ଦିନ ଏହି ଯଜ୍ଞ କରୁଥିବା ମନୁଷ୍ୟକୁ କୌଣସି ବିପତ୍ତି ଧ୍ୱଂସ କରି ପାରେନାହିଁ। ସୃଷ୍ଟିକର୍ତ୍ତା ବିଷ୍ଣୁ ଭଗବଦ୍‌ଗୀତାରେ କହିଛନ୍ତି 'ମୁଁ ସର୍ବଦା ଜପଯଜ୍ଞରେ ବିଦ୍ୟମାନ ରହିଥାଏ। "ଯଜ୍ଞାନାଂ ଜପ ଯଜ୍ଞୋସ୍ମି ସ୍ଥାବରାଣା ହିମାଳୟଃ"-(ଗୀତା:୧୦/୨୫)।

ସତ୍ୟଯୁଗରେ ଧ୍ରୁବ,ପ୍ରହ୍ଲାଦ ଓ ଅନେକ ମୁନିଋଷି ଜପଯଜ୍ଞ ପ୍ରଭାବରେ ଭଗବାନବିଷ୍ଣୁଙ୍କୁ ଦର୍ଶନର ଭାଗ୍ୟ ପ୍ରାପ୍ତ ହୋଇଛନ୍ତି। ଜପଯଜ୍ଞ କଲ୍ୟାଣ ଦାୟକ,ପାପନାଶକ। ଜପକାରୀର ମନରୁ ହିଂସ୍ର ଆଚରଣ ଛାଡ଼ି ପଳାଏ। କାମ,କ୍ରୋଧ,ଲୋଭଆଦି ବିଗୁଣ ଗୁଡ଼ିକ ଅପସରି ଯାଏ। ଭଗବାନଙ୍କ ନାମ ଜପ ଅମୃତ ସଦୃଶ୍ୟ। ଅମୃତର ଧାରା ବିନ୍ଦୁବିନ୍ଦୁ ହୋଇ ଭକ୍ତି କଳସକୁ ପୂର୍ଣ୍ଣ କରିଥାଏ। ମନୋବାଞ୍ଛା ପୂରଣ କରେ। ସତ୍ୟଯୁଗରେ ରାଜା ଉତ୍ତାନପାଦଙ୍କ ପୁତ୍ର ଧ୍ରୁବ ପିତାଙ୍କ ରାଜ୍ୟ ପ୍ରାପ୍ତି କାମନାରେ ଜପଯଜ୍ଞରେ ବ୍ରତୀ ରହିଲେ। ଘୋର ଅରଣ୍ୟରେ ଏକାକୀ ବସି ନାମଜପ ଆରମ୍ଭିଲେ। ବାଳକ ଧ୍ରୁବଙ୍କୁ ନାରଦମୁନି ଏକାକୀ ଦେଖି ପୁଚ୍ଛା କରିବାରୁ ତାଙ୍କ ମାତା ଯାହା ଶିଖାଇଥିଲେ,ସେ ସେଇ ରାଜ୍ୟପ୍ରାପ୍ତି କଥା କହିଲେ। ନାରଦ ଯେଉଁ ଶକ୍ତିଶାଳୀ ମନ୍ତ୍ର ଦେଲେ ଧ୍ରୁବ ସରଳ ହୃଦୟରେ ସେଇ"ଓଁ ନମୋ ଭଗବତେ ବାସୁଦେବାୟଃ" ମନ୍ତ୍ର ଜପ କଲେ। ଜପ ଏତେ ତୀବ୍ରତର ହେଲା ଯେ ବିଷ୍ଣୁଲୋକରେ କମ୍ପନ ସୃଷ୍ଟି ହେଲା। ଶେଷରେ ମହାବିଷ୍ଣୁ ଦର୍ଶନ ଦେଲେ। ବାଳକର ନାମ ଜପ ଶ୍ରବଣ କରି ପ୍ରଭୁ ବର ଯାଚଞ୍ଚା କଲେ। ଜଗତକୁ ଠିକ୍ ଭାବରେ ବୁଝି ନଥିବା ଧ୍ରୁବ ବାଳୁତ ମନରେ କହିଲେ-ହେ'ପ୍ରଭୁ ! ଆମ୍ଭେ କିଛି ଜାଣି ନାହୁଁ, ଅଜ୍ଞାନ ବାଳୁତ। ମାତା କହିଥିଲେ ରାଜ୍ୟ ମାଗିବୁ। ମାତା ଯେଉଁ ରାଜ୍ୟ କଥା କହିଥିଲେ, ଆମ୍ଭଙ୍କୁ ସେଇ ରାଜ୍ୟଟା ଦେଇଦିଅ।

ପ୍ରଭୁ ସ୍ମିତହସି କହିଲେ-ତୁମ୍ଭେ ମୋର ନାମଜପ କରି ପରମଭକ୍ତ ହୋଇପାରିଛ। ନିଷ୍କପଟ ଚିତ୍ତରେ ତୁମ୍ଭେ ଯେତିକି ଜପ କରିଛ, ତାହାର କଲ୍ୟାଣ ଏଇ ଛୋଟିଆ ରାଜ୍ୟ ଭିତରେ ସୀମିତ ନୁହେଁ। ତୁମ୍ଭେ ନିର୍ମାୟା ବାଳକ। ମାୟା ଜଗତରେ ବାସ କରି କି ଲାଭ ପାଇବ। ତୁମ୍ଭଙ୍କୁ ଏକ ଅତି ମନୋରମ ଲୋକ ପ୍ରଦାନ କରୁଛି। ଆମ୍ଭର କୋଟିକୋଟି ଲୋକ ମଧ୍ୟରେ ତୁମ୍ଭ ଲୋକ 'ଧ୍ରୁବଲୋକ' ନାମରେ ପ୍ରସିଦ୍ଧ ହେବ। ଧ୍ରୁବଙ୍କୁ ସହସା ଏତେ ବଡ଼ ବର ଦେଇ ଭଗବାନ ଜପଯଜ୍ଞର ମହତ୍ୱ ପ୍ରତିପାଦନ କରିଛନ୍ତି। ଅତଏବ ଜପ ନିମନ୍ତେ ଭଗବାନଙ୍କର ଏକ ନିର୍ଦ୍ଦିଷ୍ଟ ନାମ ଚୟନ କରିବା ଆବଶ୍ୟକ। ଅନ୍ତର ଆତ୍ମାର ଆଗ୍ରହକୁ ଭିତ୍ତିକରି ହରେ ରାମ, ହରେ କୃଷ୍ଣ, ଶ୍ରୀରାମ ଜୟଜୟ ରାମ, ଓଁ ନମୋ ଶିବାୟ, ଓଁ ନମୋ ଭଗବତେ ବାସୁଦେବାୟଃ, ନାରାୟଣ ଅଥବା କେବଳ ହେ'ରାମ, ହେ'କୃଷ୍ଣ, ନାମରେ ଜପ କରିବା ବିଧି ସଙ୍ଗତ। କର୍ମମୟ ଜୀବନର ବ୍ୟସ୍ତ ବହୁଳ କାଳରେ ମଧ୍ୟ ଫୁରସତ ମିଳିଲେ ନିଶବ୍ଦରେ ଜପ କରାଯାଇ ପାରିବ। ଅଭ୍ୟାସ ହୋଇଗଲେ ଜପ ଆପଣା ଛାଏଁ ପ୍ରକଟ ହୋଇଥାଏ। ପ୍ରେମର ସହିତ ଈଶ୍ୱରଙ୍କ ରୂପ ଧ୍ୟାୟି ତାଙ୍କ ନାମ ଜପ କଲେ ନିଃସନ୍ଦେହରେ ଆତ୍ମାର ସଦ୍‌ଗତି ହୋଇଥାଏ।

ଶାସ୍ତ୍ରୀୟ ମତରେ ୧୦୮ ସଂଖ୍ୟା ଏକ ଦୈବୀ ସଂଖ୍ୟା। ପ୍ରଜାପତି ବ୍ରହ୍ମାଙ୍କର ପ୍ରଥମ ବଂଶଜଙ୍କ ସଂଖ୍ୟା ଥିଲା ୧୦୮। ଏହି କାରଣରୁ ଦେବ, ଦାନବ, ମାନବ, ସଭିଏଁ ୧୦୮ ସଂଖ୍ୟାକୁ ଶୁଭଦାୟକ ଓ ପ୍ରଭାବଶାଳୀ ସଂଖ୍ୟା ଭାବରେ ଗ୍ରହଣ କରିଛନ୍ତି। ପ୍ରଥମରୁ ୧୦୮ ସଂଖ୍ୟକ ମନ୍ତ୍ର ଜପ କରି କ୍ରମଶଃ ଏହାକୁ ଅଗଣନା ଚକ୍ର ଗତିରେ ବୃଦ୍ଧି କରି ପାରିଲେ ଶୀଘ୍ର ସିଦ୍ଧି ପ୍ରାପ୍ତ ହେବା ସମ୍ଭବ। ପ୍ରାତଃ ଓ ସାୟଂ କାଳରେ ଜପ କଲେ ମନ ପ୍ରଫୁଲ୍ଲ ରହେ। ଦୈନନ୍ଦିନ ଜୀବନରେ ହେଉଥିବା ଅଜାଣତ ପାପ ଖଣ୍ଡନ ହୋଇଯାଏ। ପ୍ରାରବ୍ଧ ପାପମାନ କାଳକ୍ରମେ ଅନ୍ତର୍ହିତ ହୋଇଯାଏ। ଜପ ଯଜ୍ଞରେ ନିମଗ୍ନ ମନୁଷ୍ୟ ସନ୍ନ୍ୟାସୀରେ ରୂପାନ୍ତରିତ ହୋଇ ଅନ୍ତକ୍ଷଣରେ ଭଗବାନଙ୍କ ଦର୍ଶନ ପ୍ରାପ୍ତ ହୋଇଥାନ୍ତି।

**ହରି ଓଁ ତତସତ୍!**

*ଦୂରଭାଷ-୯୬୬୮୬୩୧୨୫୭*

# ଠିକ୍ ପରଦିନ

ପବିତ୍ର ମୋହନ କର



**ସ**ମୟର ସାମିଆନା ତଳେ
ଚାଲାକ ମଣିଷର ଆୟୋଜନ ସର୍ଷପ ସମ
ବେଶ ବୁଝି ହୁଏ, ଠିକ ପରଦିନ

ଦଶହରା, ନୂଆ ବର୍ଷା, ହୋଲି, ଦିବାଲି
କେବେ ଈଶ୍ୱରଙ୍କ ନାଁରେ, ତ ଆଉ କେବେ
ଆନୁମାନିକ ଉନ୍ମାଦନାରେ
ହିଡବାଡ ଭାଙ୍ଗି, ଖାତା ଖତିଆନ ଭୁଲି



ଭୋକ ଓ ଭୂଗୋଳକୁ ପଛ କରି
ମଣିଷ ମାତେ, ମତାଏ, ହସେ, ହସାଏ
ଈର୍ଷାରେ ଅସ୍ଥିର ଈଶ୍ୱର, ସ୍ୱର୍ଗରେ

ଦଶହରା ପରଦିନ
ଛଣର ଛାଞ୍ଚ ସହ ଭାସିଯାଏ
ପାର୍ବଣର ଭବ୍ୟ ଆୟୋଜନ

ଦିବାଲି ପରଦିନ
ଆଲୁଅ ଓ ପ୍ରେମକୁ ଗ୍ରାସ କରେ
ଅନ୍ଧାର ଓ ପ୍ରଦୂଷଣ

ନୂଆ ବର୍ଷ ପରଦିନ
ଦାନ୍ତ ଚିପି ହସୁଥାଏ ବୟସ୍କ ସମୟ

ହୋଲି ପରଦିନ
ଲାଲ ରଙ୍ଗ ରକ୍ତକୁ ବୁଝାଏ
ନାରଙ୍ଗୀର ଅର୍ଥ ବିଭାଜନ

ଉତ୍ସବର ଠିକ ପରଦିନ
ସୂର୍ଯ୍ୟ ସେମିତି, ପବନ ସେମିତି
ଗଛ ସେମିତି, ଆକାଶ ସେମିତି
ମାଟି ବି ଦିଶେ ଠିକ ସେମିତି
ବାଧ୍ୟ, ବଶମ୍ବଦ, ମୌନ, ଯେମିତି ଚିରଦିନ

ନିରବଧି ଉଦ୍‌ଗତ ପ୍ରେମର ପ୍ଲାବନ
ନିରବଧି ମହାର୍ଘ ଜୀବନର ଜୟଗାନ
ସମୟ ନିରପେକ୍ଷ, ନିରାସକ୍ତ
ଯେମିତି ଉତ୍ସବ ଦିନ, ସେମିତି ପରଦିନ।

*ବିଏସ୍‌ଏନ୍‌ଏଲ୍ କଲୋନୀ,*
*ୟୁନିଟ୍-୮, ଭୁବନେଶ୍ୱର-୧୨*
*ଭ୍ରାମ୍ୟଭାଷ-୯୪୩୭୦୬୬୦୯୯*

# ମୋତେ ଭଲ ଲାଗେନା

ମମତା ପଟ୍ଟନାୟକ



**ଫେ**ରି ଆସିବ କି
ପୁଣି ଥରେ ସୁଖର ଉତ୍ସ
ପ୍ରେମର ମହୋତ୍ସବ....
ସତରେ, ମୁଁ ଭଲପାଏନି
ଘୃଣା, ଦ୍ୱେଷ ଓ ଈର୍ଷା
ସମ୍ପର୍କର ପଶାପାଲିରେ ବାଜି ଲାଗୁଥିବା
ମୋ ଦେହ, ମନ ଏବଂ ସ୍ୱାଭିମାନ।

ମୁଁ ଭଲପାଏ ଅନେକ ରଙ୍ଗମଖା
ଗୋଲାପ ଫୁଲ
ଉଜ୍ଜ୍ୱଳ ଭୋରକୁ ହସୁଥାନ୍ତି
ଥିରି ଥିରି ଯେଉଁ ଗୁଡିକ
ବଗିଚାରେ ମୋର।

ମୁଁ ଭଲପାଏ ନିଦାଘରେ
ନାଲି ଟହଟହ ଗଛଭର୍ତ୍ତି ଫୁଲରେ
ହସୁଥିବା କୃଷ୍ଣଚୂଡା ଗଛ
ଝର୍କାରୁ ଦିଶୁଥିବା ପୋଖରୀ
ସ୍ୱଚ୍ଛନ୍ଦରେ ଖେଳୁଥିବା ମାଛ
କ୍ରମଶଃ କଂକ୍ରିଟ ସହରରୁ ଲୁଚୁଥିବା
ଶାନ୍ତ ସବୁଜ ବନାନୀ ଝରଣା ପର୍ବତ।



ମୁଁ ଭଲପାଏନି
ସେଇ ସବୁ କୁତ୍ସିତ ଶବ୍ଦ
ନାରୀ ଦେହର ନଗ୍ନ ବିଜ୍ଞାପନ
ଗୋଲାପି ନିଶାର ରାତି ସହ ରତି
ଫେସବୁକ୍, ହ୍ୱାଟସଆପ୍‌ର ଓ
ମେସେଞ୍ଜର ପଛରେ ଥିବା ଚେହେରା
ପ୍ରେମ ପ୍ରେମ ଲାଗୁଥିବା ଛଳନାରେ
ଜିଉଥିବା ଆମେ।

ସୋସିଆଲ ମିଡିଆରେ
ସମସ୍ତଙ୍କ ସହ ମୋର ମତପାର୍ଥକ୍ୟ
ପ୍ରତ୍ୟକ୍ଷ କି ପରୋକ୍ଷରେ ଶବ୍ଦଙ୍କ
ଯୁଦ୍ଧଂ ଦେହି ଡାକ।

ଖବରକାଗଜ ପୃଷ୍ଠାରେ
ମୋତେ ଭଲଲାଗେନି ଦରିଦ୍ର
ନିପୀଡିତଙ୍କ ଗଳ୍ପ
ନେତା, ରାଜନୀତିର ମଧୁଚନ୍ଦ୍ରିକା
କେବେ ଶାନ୍ତି, କେବେ ଯୁଦ୍ଧ
କେବେ ସିଜ୍ ଫାୟାର
କେବେ ସର୍ଜିକାଲ ଷ୍ଟ୍ରାଇକ୍
ତୋପ ସଲାମିରେ ଫୁଲର
କଫିନ୍‌ରେ ଶହୀଦ ସୈନିକ।

ମୋତେ ଭଲଲାଗେନି
ମୋ ଜାତି ସହ ଶତ୍ରୁତା
ନିଜେ ନିଜକୁ ବିକିଦେବା
ବିଚ୍ ରାସ୍ତାରେ ଉଲଗ୍ନ ଠିଆ ହେବା
ସ୍ୱାଧୀନତା ଆଳରେ ବିଶୃଙ୍ଖଳିବା
ହଁ, ଭଲଲାଗେନି ମୋତେ
ଖବରକାଗଜରେ ଧିତ୍କାର
ମିଡିଆରେ ମହାନଗରର ଛାତି
କମ୍ପାଉଥିବା ଚିତ୍କାର
ଚିରାଫଟା ପୋଷାକରେ ଲହୁଲୁହାଣ
ଚାରିବର୍ଷର ନିଷ୍ପାପ ଶରୀର
ମୃତଯୁବତୀ ପାଇଁ ଶୋଭାଯାତ୍ରା ମହମବତୀର।



*ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର*

# ଅଣାଙ୍କ ଛାଇ

ଡ. ଅଧ୍ୟାପିକା ସ୍ମୃତି ପଟ୍ଟନାୟକ



**ର**ଜ ସଂକ୍ରାନ୍ତି ଦିନ ବୋଉର ଦେହ ଖରାପ କଥା ବାପାଙ୍କ ଠାରୁ ଫୋନ୍‌ରେ ଶୁଣିଲା ପରେ ମୁଁ ମୋର ସବୁ କାର୍ଯ୍ୟକ୍ରମକୁ ବାତିଲ କରି ଘରକୁ ଚାଲିଗଲି । ବୋଉ ଯେମିତି ମୋ ଯିବାକୁ ଅପେକ୍ଷା କରି ରହିଥିଲା । ମୁଁ ପହଞ୍ଚିଲା ପରେ ତା' ବିଛଣାରେ ତା'ରି ପାଖରେ ବସିଲି । ସେ ଶୋଇ ରହିଥିଲା । ମୋତେ ଦେଖି ଉଠିବାକୁ ଚେଷ୍ଟା କଲା । ଆଖି ତା'ର ଛଳଛଳ ହୋଇଗଲା । ମୁଁ ତା'ର ଗୋଡ଼ ଆଉଁସୁଥାଏ । ଡ଼ାକ୍ତର ଆସିଲେ, କହିଲେ, ଫାଷ୍ଟ୍ ଷ୍ଟ୍ରୋକ୍ ବ୍ୟସ୍ତ ହବାର ବେଶୀ କିଛି ନାହିଁ । ଔଷଧ ଲେଖିଦେଲେ, ସପ୍ତାହକ ଭିତରେ ସବୁ ଠିକ୍ ହୋଇଯିବ । ଡ଼ାକ୍ତରଙ୍କୁ ସାଙ୍ଗରେ ନେଇ ବାପା ବାହାରିଗଲେ ବଜାରକୁ । ମୁଁ ସେଇଠି ସେମିତି ବୋଉ ପାଖରେ ବସି ରହିଥାଏ । ସେ କଥା କହିପାରୁ ନଥାଏ; ଆଖିରୁ ଅନବରତ ଲୁହ ଧାର ଗଡ଼ି ଚାଲିଥାଏ । ସେ ମୋତେ କିଛି କହିବ କହିବ ହେଉଥାଏ, ହେଲେ ପାଟି ଖନି ମାରିଯାଇଥାଏ । ମୁଁ ତା'ର କଥା ବୁଝିପାରି ନଥାଏ । ବାପା ଆସିଲେ, ବୋଉକୁ କିଛି ଖୁଆଇ ଔଷଧ ଦବା ପାଇଁ କହିଲେ । ମୁଁ ରୋଷେଇ ଘରକୁ ଗଲି । କ୍ଷୀର ଗରମ କରି ହର୍‌ଲିକସ୍ କଲି; କିଛି ବିସ୍କୁଟ ଓ ହର୍‌ଲିକସ୍ ନେଇଆସିଲି । ମୁଁ ଓ ବାପା ଦୁହେଁ ମିଶି ବୋଉକୁ ଉଠାଇଲୁ । ତାକୁ ଧୀରେ ଧୀରେ ଖୁଆଇବାକୁ ଚେଷ୍ଟା କଲି; ଯେତିକି ଖାଇଲା ସବୁ ବାନ୍ତି କରି ପକାଇଲା । ବହୁ କଷ୍ଟରେ ଔଷଧ ଖୁଆଇଲି । ତା'ପରେ ସେ ଶୋଇପଡ଼ିଲା ପରମ ଶାନ୍ତିରେ, ପରମ ତୃପ୍ତିରେ ସଂସାରଯାକର ସବୁ ଦୁଃଖ କଷ୍ଟକୁ ପଛ କରି ।

ରାତିରେ ରୋଷେଇ ସାରି ବାପାଙ୍କୁ ଖାଇବାକୁ ଦେଲି । ମୁଁ ଖାଇସାରି ବୋଉ ପାଖରେ ଶୋଇବାକୁ ଗଲି । ଆଖିକୁ ନିଦ ଆସୁ ନଥିଲା । ଭାବି ଚାଲିଥିଲି ମୋ ଅତୀତ ଜୀବନର ଘଟଣାବଳୀକୁ । ଦଶ ବର୍ଷ ତଳର...... ସହର ଉପକଣ୍ଠର......... ସେଇ ଦର୍ବିସହ ଯନ୍ତ୍ରଣା ଜର୍ଜରିତ ଜୀବନ-ପୁରାପୂରି ଏକୁଟିଆ......... ଜୀବନକୁ ଜୀଇଁବା ପାଇଁ ଅହରହ ଦିବାନିଶି ସଂଗ୍ରାମ...... ମାଲିକାଣିର ଜୁଲମ୍; କିନ୍ତୁ ସେଦିନ ହଠାତ୍ ମୋର ଭାଗ୍ୟ ବଦଳି ଯାଇଥିଲା ଜଣେ ମହନୀୟା ମହିଳାଙ୍କର ନିସର୍ତ୍ତ ଶ୍ରଦ୍ଧାଏବଂ ମମତ୍ୱବୋଧରେ । ଦୀର୍ଘ ପନ୍ଦରବର୍ଷର ସଂଘର୍ଷମୟ ଜୀବନ ପରେ ମୁଁ ପୁଣିଥରେ ନୂଆଜୀବନ ଫେରି ପାଇଲି । ମାତୃ ସ୍ନେହକୁ ନିଜ ହୃଦୟରେ ଅନୁଭବିଲି । ପିତୃମାତୃ ପରିଚୟ ହୀନ ଝିଅଟି ହଜିଗଲା ପିତାମାତାଙ୍କ ସ୍ନେହରେ । ମାଲିକଙ୍କ ସହିତ ବିଚାରବିମର୍ଷ କଲାପରେ ମୋତେ ସେ ନେଇଆସିଥିଲେ ଘରକୁ, ଯେଉଁଠି ମୋ ପାଇଁ ଅପେକ୍ଷା କରି ରହିଥିଲେ ମୋର ଦୁଇ କୁନି କୁନି ଭାଇଭଉଣୀ ପ୍ରିୟାଂଶୁ ଓ ପ୍ରିୟା । ସେମାନେ ମୋତେ ଦେଖି ଆନ୍ଦରେ ଉଚ୍ଛୁଳି ପଡ଼ିଲେ । ସତେ ଯେମିତି ମୁଁ ସ୍ୱର୍ଗ ପାଇଗଲି । ପ୍ରିୟାଂଶୁ ସେତେବେଳେ ଦଶବର୍ଷର ହୋଇଥିଲା, ସେ ପଞ୍ଚମ ଶ୍ରେଣୀରେ ପଢୁଥିଲା । ପ୍ରିୟାକୁ ଜମାରୁ ଦୁଇବର୍ଷ, ମୋ ପାଇଁ ଏତେ ସୁଖ ଥିଲା ବୋଲି ମୁଁ ଜମାରୁ ବିଶ୍ୱାସ କରିପାରୁନଥିଲି । ମୁଁ ବାପା ବୋଉ ବୋଲି ଡ଼ାକିବା ଆରମ୍ଭ କଲି । ବାପା ଗାଁ ମାଇନର ସ୍କୁଲରେ ଶିକ୍ଷକତା କରୁଥିଲେ । ସୀମିତ ରୋଜଗାର ମଧ୍ୟରେ ବୋଉ ସମସ୍ତଙ୍କୁ ହସ ଖୁସିରେ ରଖିଥିଲା । ହସି ହସି ସବୁ କଷ୍ଟକୁ ସହି ଯାଉଥିଲା । ବେଳେବେଳେ ବୋଉ ପାଖରେ ଶୋଇଥିଲାବେଳେ ମୁଁ ନିଦରେ ବାଉଳି ହୋଇ ପାଟିକରି ଉଠିବସି ପଡୁଥିଲି; ଅତୀତ ଜୀବନର କାହାଣୀକୁ ଭୁଲିପାରୁ ନଥିଲି । ବୋଉ ମୋ ମୁଣ୍ଡକୁ ଆଉଁସି ଦେଉଥିଲା । ତା' କୋଳରେ ପୂରାଇ ମୋତେ ପଣତକାନିରେ ଘୋଡ଼ାଇ ଦେଉଥିଲା । ବିଭିନ୍ନ ଗପ ଛଳରେ ମୋତେ ଅନେକ ଉପଦେଶ ଦେଉଥିଲା । ମୋତେ ସାହାସୀ ଏବଂ ନିର୍ଭୀକ ହେବାପାଇଁ ପ୍ରେରଣା ଦେଉଥିଲା । ଏକ ପଙ୍କିଳ ଦୁନିଆରୁ ମୋତେ ଉଦ୍ଧାର କରି ପ୍ରକୃତ ଆଲୋକ ଦେଖାଇବାରେ ସେ ମୋର ଏକାଧାରରେ ଫ୍ରେଣ୍ଡ, ଫିଲୋସଫର୍ ଏବଂ ଗାଇଡ୍ ହୋଇଯାଇଥିଲା । ମୁଁ ପୁର୍ନଜନ୍ମ ଲାଭ କରିଥିଲି ।

ବାପା ଚାହୁଁଥିଲେ ମୁଁ ବେଶୀ ପାଠ ପଢ଼ି ଦୁନିଆକୁ କିଛି ଗୋଟାଏ କରି ଦେଖାଇବା ପାଇଁ । ବୋଉର ବାପାଙ୍କ କଥାରେ ପୂର୍ଣ୍ଣ ସହମତି ଥିଲା । ମୁଁ ସ୍କୁଲ ଗଲି; ସେ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଫାଷ୍ଟ୍ ଡିଭିଜନ୍‌ରେ ପାସ୍ କଲି । ବୋଉର ଖୁସି କହିଲେ ନ ସରେ । ସେଦିନ ଠାରୁ ମୋ ପାଇଁ ଜୀବନଟା ଗୋଟେ ଚ୍ୟାଲେଞ୍ଜ୍ ହୋଇଯାଇଥିଲା । ଆଖିରେ ଅସୁମାରୀ ସ୍ୱପ୍ନ; ଆଉ ସ୍ୱପ୍ନ ସବୁକୁ ସାକାର କରିବା ପାଇଁ ଅସମ୍ଭବ ଦୃଢତା । କିନ୍ତୁ ଅତୀତର ପଙ୍କ କାଦୁଅ ମିଶା, ଅନ୍ଧାର ଦୁନିଆରୁ ଉଦ୍ଧାର କରିଥିବା ମୋ ଦେବୀପ୍ରତିମା ପରି ବୋଉକୁ ମୁଁ କଳ୍ପନା କରିପାରୁ ନଥିଲି । ତ୍ୟାଗ ଓ ମମତାର ମୂର୍ତ୍ତିମନ୍ତ ପ୍ରତିକ ସେ । ମୁଁ ନିଜେ ଅନୁଭବ କରି ପାରୁଥିଲି ତ'ାର ନିଃସ୍ୱର୍ତ୍ତ ସ୍ନେହ ଏବଂ ଅଙ୍ଗୀକାରବଦ୍ଧତାକୁ ମୋ ମନ ଏବଂ ହୃଦୟରେ ସାଇତି ରଖିଥିଲି ।

ମୁଁ କଲେଜରେ ନାଁ ଲେଖାଇଲି । ପାଠପଢ଼ା ସାଙ୍ଗକୁ ଗୀତ ମଧ୍ୟ ଶିଖୁଥିଲି । ଧୀରେ ଧୀରେ ଭଲ ଗୀତ ଗାଉଥିଲି । ବୋଉର ଭାରି ଇଚ୍ଛା ଥିଲା ମୁଁ ଜଣେ ପ୍ରତିଷ୍ଠିତ ଗାୟିକା ହିସାବରେ ସମାଜରେ ସ୍ୱୀକୃତି ଲାଭ କରେ । ତା'ର ଇଚ୍ଛା ପୂରଣ ହୋଇଥିଲା, ଯେଉଁଦିନ ମୁଁ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲି । ରାଜ୍ୟ ବାହାରକୁ ଗଲି । ତା'ର ଆଶୀର୍ବାଦ ଯୋଗୁ ମୁଁ ପାହାଚ ପରେ ପାହାଚ ଅତିକ୍ରମ କରି ଚାଲିଲି । ବୋଉର ହସିଲା ମୁହଁ ଦେଖି ମୁଁ ମୋର ସମସ୍ତ ଶକ୍ତି ପାଇଯାଉଥିଲି । ରାଜ୍ୟ ତଥା ରାଜ୍ୟ ବାହାରେ ଜଣେ ସୁନାମଧନ୍ୟା ଗାୟିକା ଭାବରେ ପ୍ରତିଷ୍ଠା ଲାଭ କଲି । ପ୍ରିୟାଂଶୁ ଯୁକ୍ତ ଦୁଇ ବିଜ୍ଞାନ ଶେଷ କଲାପରେ ଇଣ୍ଟିଗ୍ରେଟେଡ଼ ଏମ୍.ବି.ଏ କଲା । ଏକ ପୁରନ୍ତା ପରିବାରକୁ ନେଇ ବୋଉ ଆତ୍ମସନ୍ତୋଷ ଲାଭ କରୁଥିଲା । ଅଚାନକ ସବୁ ଓଲଟପାଲଟ ହୋଇଯାଇଥିଲା ।

ସେ ବର୍ଷ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ପୋଲିସ ବାପାଙ୍କୁ ଗିରଫ କରିଥିଲା । ମିଥ୍ୟା ଆରୋପରେ ଆରେଷ୍ଟ ହୋଇ ଜେଲ୍ ଗଲାବେଳେ ବାପା ଖୁବ୍ ଭାଙ୍ଗିପଡିଥିଲେ । ବୋଉ ଭୋ ଭୋ ହୋଇ କାନ୍ଦୁଥିଲା । ତା'ର ଆତ୍ମବଳ ଭାଙ୍ଗିରୁଜି ଚୁର୍‌ମାର ହୋଇଯାଇଥିଲା । ପଥର ମୂର୍ତ୍ତିଟିଏ ପରି ସେ ଠିଆ ହୋଇଥିଲା । ଠାକୁରଙ୍କ ଉପରେ ଅଭିମାନ କରିଥିଲା । ମନେ ମନେ ଲକ୍ଷେ ଦେବଦେବୀଙ୍କୁ ମାନସିକ କରିଥିଲା ବାପାଙ୍କର ମୁକ୍ତି ପାଇଁ । ପ୍ରମାଣ ଅଭାବରୁ ହାଇକୋର୍ଟ ବାପାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲା । ବାପା ଘରକୁ ଫେରିଥିଲେ । ହେଲେ ତା' ପରଠାରୁ ପୂରା ଗମ୍ଭୀର ହୋଇଯାଇଥିଲେ । ବାପାଙ୍କର ଶୁଖିଲା ମୁହଁ ଦେଖି ବୋଉ ଭିତରେ ଭିତରେ ପୂରାପୂରି ଭାଙ୍ଗିପଡ଼ିଥିଲା । ମୁଁ କଟକରେ ଭଡ଼ାଘରେ ରହୁଥିଲି ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଛୁଟି ଦିନରେ ପର୍ବପର୍ବାଣି ମାନଙ୍କରେ ଗାଁକୁ ଯାଉଥିଲି । ମୋତେ ଦେଖି ବୋଉର ଗୋଡ଼ ତଳେ ଲାଗୁ ନଥିଲା । ବାପା ବି ଭାରି ଖୁସି ହୋଇଯାଉଥିଲେ ।

ଘର ଗହଳି ଲାଗୁଥିଲା । ବୋଉ ନାନାପ୍ରକାରର ପିଠା କରୁଥିଲା । ମୁଁ ପୋଡ଼ପିଠା ଭଲ ପାଏ ବୋଲି କାଠ ଚୂଲିରେ ଘଷି ଜାଳ ଦେଇ ପିଠା କରୁଥିଲା । ଆସିଲାବେଳକୁ ମୋ ସାଙ୍ଗରେ ସବୁ ଜିନିଷ ଏକାଠି କରି ଦେଉଥିଲା । ବାପା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସୁଥିଲେ । ମୁଁ ବସରେ ଚଢ଼ିଗଲା ପରେ ବାପାଙ୍କ ଆଖି ଦୁଇଟି ଛଳଛଳ ହୋଇଯାଏ । ମୁଁ ବସରେ ବସି ଭାବେ କେବଳ ରକ୍ତ ସଂପର୍କଟା ପ୍ରକୃତ ପରିବାରର ବନ୍ଧନ ନୁହେଁ ବରଂ ପରସ୍ପରକୁ ସ୍ନେହ ଶ୍ରଦ୍ଧା ଏବଂ ନିଜ ଜୀବନଠାରୁ ଅଧିକ ଭଲ ପାଉଥିବା ଲୋକମାନେ ହେଉଛନ୍ତି ଜଣେ ମଣିଷର ଏଇ ଦୁନିଆରେ ଅସଲ ପରିବାର । ସତରେ କେଉଁ



ଜନ୍ମର ପୁଣ୍ୟ ଫଳରୁ ଆଜି ମୁଁ ଏମିତି ଏକ ପରିବାର ପାଇଲି ଯେଉଁଠି ଖାଲି ସ୍ନେହ ଆଉ ସ୍ନେହ । ମନଟା କୋହରେ ଭରିଯାଏ ବୋଉକୁ ଏକାକରି ମୋ' କର୍ମକ୍ଷେତ୍ରକୁ ଯାଉଥିବାରୁ ; ତଥାପି ବୋଉର ଇଚ୍ଛାକୁ ପୂରଣ କରିଥିବାରୁ ମୁଁ ନିଜକୁ ଭାଗ୍ୟବତୀ ମଣେ । ହୃଦୟର କୋଣ ଅନୁକୋଣରୁ ଉଜ୍ଜୀବିତ ହୁଏ ମନଖୋଲା ସଙ୍ଗୀତ । ସେଇ ମଧୁର ସୁରରେ ତାଳେ ତାଳେ ମୁଁ ସ୍ୱଷ୍ଟ ଦେଖିପାରେ ମୋ' ବୋଉର ପ୍ରତିଛବିକୁ, ଆଗକୁ ଆଗକୁ ଯିବାର ସ୍ୱପ୍ନ ଏବଂ ଆକାଙ୍କ୍ଷା ।

ପ୍ରିୟାଂଶୁ ଭଲ ପାଠ ପଢୁଥିଲା । ବୋଉର ଇଚ୍ଛା ଥିଲା ସେ ଭଲ ମଣିଷଟିଏ ହେଉ । ସେ ତା'ର ପଢ଼ାରେ ବ୍ୟସ୍ତ ରହି ଗାଁକୁ ଆସିପାରୁ ନଥିଲା । ଥରେ ତା'ର ସାଙ୍ଗ ହାତରେ ଖବର ପଠାଇଲା ବାପାଙ୍କ ପାଖକୁ ସେ ତା'ର ବାନ୍ଧବୀ ସମୃଦ୍ଧି ସାଙ୍ଗରେ ବମ୍ବେ ଯାଉଛି ବୁଲିବା ପାଇଁ । ସମୃଦ୍ଧିର ବାପା ମା' ମଧ୍ୟ ଯାଉଛନ୍ତି । ବାପା ବୋଉକୁ ଏ ଖବର ଜଣାଇଥିଲେ, ସେ ଚୁପ୍ ରହିଥିଲା । ଧୀରେ ଧୀରେ ପ୍ରିୟାଂଶୁର ଘରକୁ ଆସିବା ବନ୍ଦ ହୋଇଯାଇଥିଲା । ଫୋନ୍ ମଧ୍ୟ କରୁ ନଥିଲା । ବୋଉ ହୃଦୟର କୋହକୁ ଚାପି ରଖୁଥିଲା । ସରସ୍ୱତୀ ପୂଜା ଦିନ ପ୍ରିୟାଂଶୁର ଜନ୍ମଦିନ ଥିଲା । ଘରେ ପୂଜାର ସମସ୍ତ ଆୟୋଜନ ବାପା କରିଥିଲେ । ପୂଜା ସରିଲା ବେଳକୁ ପ୍ରିୟାଂଶୁ ଆସି ପହଞ୍ଚିଲା । ସମୃଦ୍ଧିକୁ ସାଙ୍ଗରେ ନେଇ କିଛି ସମୟ ରହି ଚାଲିଯାଇଥିଲା । ବୋଉ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଥିଲା । ସେ କିନ୍ତୁ ସମସ୍ତଙ୍କର ଶୁଭ ମନାସୁଥିଲା । ଯିଏ ଯେଉଁଠି ଥା'ନ୍ତୁ ଭଲରେ ଥା'ନ୍ତୁ । ତା' ଭିତରର କଲ୍ୟାଣମୟୀ ସତ୍ତାଟି ବ୍ୟାପି ଯାଇଥିଲା ଦୂରକୁ ବହୁ ଦୂରକୁ....... ରାଗ ରୋଷ ନଥିଲା । ବାପା ବୋଉକୁ ବେଳେବେଳେ ଚିଡ଼ାଇବାକୁ କୁହନ୍ତି ସେ କେଉଁ ଉପାଦାନରେ ଗଢ଼ା ବୋଲି । ବୋଉ ପାଖରେ ଶୋଇ ରହି ଭାବି ଚାଲିଥିଲି କେତେ କ'ଣ ଅସୀମ, ଅନ୍ତହୀନ ଘଟଣା, ସବୁ ରାତି ପାହିଯାଇଥିଲା । ବାପା ଆରପଟ ଘରେ ଶୋଇଥିଲେ । ପ୍ରିୟା ତାଙ୍କ ପାଖରେ ଥିଲା । ବୋଉ ଆଖି ବୁଜି ଶୋଇପଡ଼ିଥିଲା । ତା'ର ଛୋଟ ମୁହଁଟି ଶୁଖିଯାଇଥାଏ । ମୋ ଆଖି ଜକେଇ ଆସିଲା । ନିଶ୍ଚିନ୍ତରେ ଶୋଇଯାଇଛି ସେ । ବାହାରେ ପ୍ରବଳ ବର୍ଷା । ତାକୁ ଚାଦର ଗୋଟେ ଘୋଡ଼େଇ ଦେଇ ମୁଁ ବାହାରକୁ ଆସିଲି । ମନେ ମନେ ଠାକୁରଙ୍କୁ ପ୍ରଣାମ ଜଣାଇଲି । ବାପାଙ୍କ ପାଇଁ ଚା' କଲି । ବାପା ଚା ପିଉ ପିଉ ପଚାରିଲେ ବୋଉ ଦେହ କେମିତି ଅଛି ?

ଟିକିଏ ଭଲ ଅଛି ।

ବାପା ଟିକେ ଆଶ୍ୱସ୍ତ ହେଲେ ।

ସବୁକାମ ସାରି ବୋଉକୁ ଉଠାଇବାକୁ ଗଲି । ସେ ଉଠି ବସିଲା, ହଠାତ୍ ଜଳନ୍ତା ଦୀପଟିଏ ଜୋର୍‌ରେ ଜଳିବା ପରି ସେ ମୋ' ହାତକୁ ଜୋର୍‌ରେ ଚାପି ଧରିଲା । ତା'ପରେ ଠାରରେ ମୋତେ ଆଲମାରୀରୁ ଆଲବମ ଆଣିବା ପାଇଁ କହିଲା । ତା'ର ରୁଗଣ ଶିରାଳ ହାତରେ ଆଲବମକୁ ଓଲଟାଇ ଦେଖିବାକୁ ଲାଗିଲା, ଖୁବ୍ ନିରିଖେଇ ନିଠେଇ ନିଠେଇ । ମୁହଁରେ ହସର ଝଲକ ଫୁଟି ଉଠୁଥିଲା । ବାପା ଓ ପ୍ରିୟା ଆସି କେତେବେଳୁ ଛିଡ଼ା ହୋଇଥିଲେ ମୋର ଲକ୍ଷ୍ୟ ନଥିଲା ।

ବୋଉ ବାପାଙ୍କୁ ଇଶାରାରେ ବସିବା ପାଇଁ କହିଲା । ତାଙ୍କୁ ମୁହଁରେ ଭାବରେ ଅନୁରୋଧ କଲା ପ୍ରିୟାଂଶୁକୁ ଭୁଲ ନ ବୁଝିବା ପାଇଁ । ପିଲାଲୋକ କିଛି ଜାଣିନି ତାକୁ କ୍ଷମା କରିଦେବ । ମୋ ହାତ ଏବଂ ପ୍ରିୟା ହାତକୁ ଜାବୁଡ଼ି ଧରିଲା ତା'ପରେ ସବୁଶେଷ ହୋଇଗଲା ଖାଲି ଘଡ଼ଘଡ଼ ହୋଇ ନିଶ୍ୱାସ । ଆମେ ସମସ୍ତେ ବୋଉ ଉପରେ ମୁଣ୍ଡ ରଖି କାନ୍ଦୁଥିଲୁ କାହାରିକୁ ଜଣାପଡୁ ନଥିଲା । ବୋଉ ଆଉ ଆମ ଗହଣରେ ନାହିଁ ବୋଲି । ସବୁ କିଛି ଅତି ଆକସ୍ମିକ ଭାବେ ଘଟିଗଲା । ବାପା ବସି ରହିଥାନ୍ତି କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ।

ହଠାତ୍ ଦାଣ୍ଡରେ କାର ରହିବାର ଶବ୍ଦ ଶୁଭିଲା । ପ୍ରିୟାଂଶୁ ଓ ସମୃଦ୍ଧି ଘର ଭିତରକୁ ଆସିଲେ । ସେମାନେ ବୋଉକୁ ଏ ଅବସ୍ଥାରେ ଦେଖି ସ୍ଥାଣୁ ହୋଇଯାଉଥିଲେ । ନିଜର ବ୍ୟସ୍ତ ଜୀବନ ଭିତରୁ ବାହାର କରି ପ୍ରିୟାଂଶୁ ଆସିଥିଲା ଗାଁକୁ ବୋଉ ସାଙ୍ଗରେ କିଛି ଦିନ କଟାଇବ ବୋଲି । ହେଲେ ବିଧିର ବିଧାନ କାହାକୁ ବା ଜଣା ? ସତରେ କ'ଣ ବୋଉ ନାହିଁ । ସେ ଥିଲା ମୋ ପାଇଁ ଆଶା, ଭରସା ଏବଂ ବିଶ୍ୱାସର ପ୍ରତିଶ୍ରୁତିପୂର୍ଣ୍ଣ ବଳୟ ।

ବୋଉର ଅନ୍ତିମ ସତ୍କାର କରାଯିବାର ବ୍ୟବସ୍ଥା କରାଗଲା । ନୂଆ ରୂପରେ ସେ ସଜ ହେଲା ଠିକ୍ କଣ୍ଢେଇଟିଏ ପରି । ହଳଦିଆ ଶାଢ଼ି, ଦେହରେ ହଳଦୀ ବୋଳା ହେଲା, ସୁନ୍ଥାରେ ସନ୍ଦୁର, ତା'ର ସୋରିଷ ଫୁଲିଆ ନାକରେ ନାକ ଫୁଲଟି ବେଶ୍ ମାନୁଥିଲା । ସତେଯେମିତି ଦେବୀ ପ୍ରତିମାଟିଏ । ମୁଁ ନିଜକୁ ସମ୍ଭାଳି ପାରୁନଥିଲି । ସତରେ କ'ଣ ସବୁ ଘଟିଗଲା ? ଆକାଶରେ କଳାହାଣ୍ଡିଆ ମେଘ; ଯେମିତି ସତରେ ବର୍ଷିଯିବ । ସତକୁ ସତ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା । ସତରେ ଯେମିତି ଆକାଶ କାନ୍ଦୁଛି । ତା'ର ଲୁହକୁ ରୋକିପାରୁନି । ବର୍ଷା କମିଲା ପରେ ଗାଁ ଶ୍ମଶାନରେ ତା'ର ଦାହ ସଂସ୍କାର କାର୍ଯ୍ୟ କରାଗଲା । ମୁଁ ଆଉ ନିଜକୁ ବୁଝାଇପାରୁ ନଥିଲି । ଆମେ ତିନି ଭାଇଭଉଣୀ ବିକଳ ହୋଇ କାନ୍ଦୁଥିଲୁ- "ହେ ପ୍ରଭୁ ! କାହିଁକି ଏମିତି କଲ ?"

ପୂରା ଶରୀରରେ ନିଆଁ ଲାଗିଗଲା । ଆମେ ସମସ୍ତେ ଚାହିଁଥିଲୁ ନିଆଁର କୁଣ୍ଡଳୀଆଡ଼େ । ଯେମିତି ଲାଗୁଥିଲା ବୋଉର ମୁହଁ ସ୍ୱଷ୍ଟ ଦେଖାଯାଉଛି ଅଗ୍ନିଶିଖା ଭିତରୁ । ସେ ତା'ର ପଣତ କାନିରେ ଆମ ସମସ୍ତଙ୍କୁ ଘୋଡ଼ାଇ ରଖିଛି। ହସି ହସି କହୁଛି, ଆରେ ମୁଁ ତୁମ ମାନଙ୍କ ପାଖରେ ସବୁବେଳେ ଅଛି । ମୋର ପଣତକାନି ତୁମମାନଙ୍କ ମୁଣ୍ଡ ଉପରେ ସବୁବେଳେ ରହିଛି । ମା"ର ପଣତକାନିରୁ ତା'ର ପିଲାମାନଙ୍କୁ କେହି ଅଲଗା କରିପାରିବେନି । ସତରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ, କେତେ କଠୋର ଏବଂ ନିଷ୍ଠୁର ଏଇ ସମୟର ପରିଣତି । ଚାହୁଁ ଚାହିଁ ବୋଉର ପାର୍ଥିବ ଶରୀର ମହାଶୂନ୍ୟରେ ଲୀନ ହୋଇଗଲା । ଆମେ ସମସ୍ତେ ଘରକୁ ଫେରିଲୁ । ରାତି ଗୋଟାଏ ବାଜି ଯାଇଥିଲା । ପ୍ରିୟାଂଶୁ ବିକଳ ହୋଇ କାନ୍ଦୁଥିଲା । ତା'ର ଭୁଲ ପାଇଁ ବୋଉ ଚାଲିଗଲା ବୋଲି ବାରମ୍ବାର କହୁଥିଲା । ବାପା ପୂରାପୂରି ନିର୍ବିକାର ଥିଲେ । ପ୍ରିୟା କାନ୍ଦି କାନ୍ଦି ଶୋଇପଡ଼ିଲା । ମୁଁ ବୋଉର ଶୋଇବା ଘରେ ବସି ରହିଥିଲି । ଝରକା ଖୋଲା ଥିଲା । ସେ ପାଖେ ଅନ୍ଧାର । ଆକାଶରେ ଜହ୍ନ ନଥିଲା; ମେଘୁଆ ଆକାଶ । ଦୂରରୁ କିଏ ଯେମିତି କ୍ଷୀଣସ୍ୱରରେ ଡ଼ାକୁଥିଲା ରହି ରହି ମୋ ନାଁ ଧରି ଲୀନା, ଲୀନା........ । ଗଛପତ୍ରର ଫାଙ୍କ ଦେଇ ବୋହିଯାଉଥିଲା ପରସ୍ତେ ପରସ୍ତେ ପବନ । ମୁଁ ଭାବୁଥିଲି ବସି; ଏତେ ଆକସ୍ମିକ ଭାବେ ବୋଉ କାହିଁକି ସମସ୍ତଙ୍କୁ ଛାଡ଼ି ଚିରଦିନ ପାଇଁ ଚାଲିଗଲା । ତ' ଉପରେ ଅଭିମାନ ଆସୁଥିଲା । ଏତେ ବଡ଼ ସଂସାରର ରହସ୍ୟ ଓ ମାୟାକୁ ଆଦୌ ବୁଝିପାରୁ ନଥିଲି ମୁଁ । ଆଖିପତା ଟିକେ ଲାଗିଯାଇଥିଲା । ମୁଁ ଦେଖୁଥିଲି । ହଠାତ୍ ମୋ' ଆଖି ସାମ୍ନାରେ ଗୋଟିଏ ସ୍ତ୍ରୀ ଲୋକର ମୁହଁ ଭାସିଉଠିଲା । ସେ ମୁହଁରେ କେବଳ ବୋଉର ଆଖିଯୋଡ଼ିକ ଥିଲା, ସେ ମୋତେ ଅପଲକ ନୟନରେ ଚାହିଁ ରହିଛି ଏବଂ ମୋତେ ଲାଗୁଥିଲା ସେ ଯେମିତି ମୋତେ କହୁଛି, 'ଏ ମା' ମୋ ପରେ ଘରର ସମସ୍ତ ଦାୟିତ୍ୱ ତୋର । ମୁଁ ଯାହା କହିବି କହିବି ବୋଲି ଭାବୁଥିଲି, କହିପାରୁ ନଥିଲଇ । ମୋ ଶୋଇବା ଘର ଟ୍ରଙ୍କ ଭିତରେ ଗୋଟିଏ ବଡ଼ ବାକ୍ସ ଅଛି । ତା' ଭିତରେ ମୋର ସବୁ ଗହଣା ଅଛି । ତାକୁ ସବୁ ଦେଖିବୁ । ତୁ ସବୁବେଳେ କହୁଥିଲୁ ନା ମୋ ପଣତକାନି ତୋ ମୁଣ୍ଡ ଉପରେ ଥିଲେ ତତେ ଜମା ଡ଼ର ଲାଗେନି । ମୁଁ ତୁମ ମାନଙ୍କ ପାଖରେ ଅଛି । ପ୍ରିୟା ଓ ପ୍ରିୟାଂଶୁର ଯତ୍ନ ନେବୁ । ବାପାଙ୍କ କଥା ବୁଝିବୁ । ତୋ' ବାହାଘର ପାଇଁ ମୁଁ ଭଲ ପିଲାଟିଏ ଦେଖିଥିଲି । ବାପାଙ୍କୁ ତା' ବିଷୟରେ ସବୁ କହିଛି । ତୋ' ବାପା ତା' କଥା ଶୁଣି ଭାରି ଖୁସି ହୋଇଥିଲେ । ତା'ର ଗୋଟିଏ ଫଟୋ ମୁଁ ବାକ୍ସ ଭିତରେ ରଖିଛି । ସେ ତୋ ବାପାଙ୍କର ସାଙ୍ଗ ସୁଶାନ୍ତ ବାବଙ୍କ ପୁଅ । ତୁ ଦେଖିବୁ, ତୋର ପସନ୍ଦ ହେଲେ ବାପାଙ୍କୁ କହିବୁ । ତମେ ଦୁହେଁ କେମିତି ଖୁସିରେ ଘର ସଂସାର କରି ରହିବ ମୋର ଶେଷ ଇଚ୍ଛା ଥିଲା ? ମୋ ଇଚ୍ଛାକୁ ତୁ ନିଶ୍ଚୟ ପୂରଣ କରିବୁ । ମୋ ଦେହ ଥରୁଥାଏ, ମୋର ନିଭୃତ ଅଭ୍ୟନ୍ତରରୁ ପଦେମାତ୍ର ସ୍ୱର ଉଚ୍ଚାରିତ ହେଉଥିଲା – 'ବୋଉ, ବୋଉ.......... ତୁ ଆମ ପାଖକୁ ଫେରି ଆ...... ।

*ୟୁ.ଏନ୍.(ଅଟୋ) କଲେଜ୍*
*ଅଡଶପୁର, କଟକ*
*ଦୂରଭାଷ : ୯୯୩୮୪୪୦୯୪୯*






ସାଇ ସାନ୍‌ଭି
ଷ୍ଟାଣ୍ଡାର୍ଡ-୨, ଫ୍ୟୁଚର ଭୁବନେଶ୍ୱର ସ୍କୁଲ





ଶ୍ରେୟା ରାଉତ
ଷ୍ଟାଣ୍ଡାର୍ଡ-୬
ଡିଏଭି ସ୍କୁଲ
ଭୁବନେଶ୍ୱର

# ମହାନଦୀ କୂଳରେ ତୃଷାର୍ତ୍ତ ସୋନପୁର ବାସୀ

**ସୋନପୁର :** ମହାନଦୀ ସୁବର୍ଣ୍ଣପୁର ଜିଲ୍ଲାର ଅନ୍ୟତମ ପରିଚୟ । ସହର ର ଏକ ପରିଚୟ ହେଉଛି ମହାନଦୀ ଓ ତେଲନଦୀ ସୋନପୁର ଜିଲାରେ ମହାନଦୀ ଓ ତେଲନଦୀ ପ୍ରବାହିତ ହେଉଛି । ମହାନଦୀ ଉପରେ ପାନୀୟଜଳ ଠାରୁ ଆରମ୍ଭ କରି କୃଷିରେ ନଦୀଜଳକୁ ବ୍ୟବହାର କରିବା ଓ ମହାନଦୀ ଜଳରୁ ମାଛ ମାରି ପରିବାର ପ୍ରତିପୋଷଣ କରି ଦୈନନ୍ଦିନ ଜୀବନରେ ଲକ୍ଷାଧିକ ଲୋକ ନିର୍ଭରଶୀଳ । ଏବେ ମହାନଦୀର ଶୁଷ୍କ ଶରୀର ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଛି । ମହାନଦୀ କୂଳରେ ରହିବି ସୁବର୍ଣ୍ଣପୁର ବାସୀ ଏବେ ତୃଷାର୍ତ୍ତ । ଏଥର ନିର୍ବାଚନରେ ଏହା ସ୍ଥାନୀୟ ପ୍ରାର୍ଥୀମାନଙ୍କ ପାଇଁ ମଧ୍ୟ ବଡ ମୁଦ୍ଦା ହୋଇଥିବା ଦେଖାଯାଇଛି । ମହାନଦୀର ଜଳକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ରାଜନୀତି କରିବାରେ ବ୍ୟସ୍ତ । କିନ୍ତୁ ସାଧାରଣଲୋକଙ୍କ ସମସ୍ୟା ବୁଝିବାକୁ କାହାର ବେଳ ନାହିଁ । ସୁବର୍ଣ୍ଣପୁର ଜିଲାରେ ଯେଉଁ ସ୍ଥାନରେ ମହାନଦୀର ଅଗାଧ ଜଳରାଶି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲା, ବର୍ତ୍ତମାନ ତାହା ବୁଲା ପଶୁଙ୍କ ଚାରଣ ଭୂମି ପାଲଟିଛି । ମହାନଦୀରେ ଜଳାଭାବ ଯୋଗୁଁ ଜିଲାବାସୀଙ୍କ ପାଇଁ ଏବେ ପାନୀୟଜଳ ସଙ୍କଟ ଦେଖାଦେଇଛି । ପ୍ରଶାସନ ପକ୍ଷରୁ ସହରବାସୀଙ୍କୁ ପାନୀୟଜଳ ଯୋଗାଇବା ଉଦ୍ୟମ କରାଯାଇଥିଲେ ମଧ୍ୟ ଆଗକୁ ଜଳଧାର ସଂପୂର୍ଣ୍ଣ ବନ୍ଦ ହେବା ଆଶଙ୍କା ଦେଖାଦେଇଛି । ସହରର ଆବର୍ଜନା ଜଳ ସବୁ ମହାନଦୀକୁ ନିଷ୍କାସିତ ହେଉଥିବା ବେଳେ ଜଳାଧାର ଶୁଖିଯିବା ଯୋଗୁଁ ବଡ ସମସ୍ୟା ଦେଖାଦେଇଛି । ପାନୀୟଜଳ ପାଇଁ ନଦୀ ବାଲିରେ ଖୋଳା ଯାଇଥିବା ନାଳ ଓ ଗୁଆଁରେ ବୁଲା ପଶୁଙ୍କ ବ୍ୟବହାର ଠାରୁ ଆରମ୍ଭ କରି ଲୋକମାନେ ଶୌଚ ହେବାକୁ ବ୍ୟବହାର କରୁଥିବା ଯୋଗୁଁ ଏହି ଜଳ ପ୍ରଦୂଷିତ ହେବାରେ ଲାଗିଛି । ତେବେ ଜିଲାରେ ବହୁ ସଂଖ୍ୟାରେ ପାନୀୟଜଳ ପ୍ରକଳ୍ପ ଓ ଉଠାଜଳସେଚନ ପ୍ରକଳ୍ପର ଭବିଷ୍ୟତ ମହାନଦୀର ଜଳଧାର ଉପରେ ନିର୍ଭର କରୁଥିବାରୁ ଅନେକ ଗ୍ରାମବାସୀ ଏବେ ଚିନ୍ତାରେ ରହିଥିବା ଜଣାଯାଇଛି । ମହାନଦୀ ଶୁଖା ପଡିବା ଯୋଗୁଁ ଏହାର ପ୍ରଭାବରେ ଭୂତଳ ଜଳ ପ୍ରତିବର୍ଷ ତଳକୁ ଖସିବାରେ ଲାଗିଛି । ଫଳରେ ସରକାରୀ ରେକର୍ଡ ତ୍ରରେ ନାମକୁମାତ୍ର ସଚଳ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇବା ଆଦୌ ସମ୍ଭବପର ନୁହେଁ । ସେହିରି ଭୂତଳ ଜଳ ଖସିଯିବା ଯୋଗୁଁ ଗ୍ରାମ ଗୁଡିକରେ ରହିଥିବା ବନ୍ଧ କଟା ଗୁଡିକ ମଧ୍ୟ ଶୁଖିବାକୁ ବସିଲାଣି । ବିଭାଗୀୟ ସର୍ବେକ୍ଷଣ ଅନୁଯାୟୀ ସୁବର୍ଣ୍ଣପୁର ଜିଲାରେ ଭୂତଳ ଜଳ ପ୍ରତିବର୍ଷ ଏକ ମିଟର ତଳକୁ ଖସିବାରେ ଲାଗିଛି । ତେଣୁ ଚେକଡେମ ଜରିଆରେ ମହାନଦୀର ପ୍ରବାହିତ ଜଳକୁ ସଂରକ୍ଷଣ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ମଧ୍ୟ ଏଯାବତ୍ ସେ ଦିଗରେ କୌଣସି ଉଦ୍ୟମ ହୋଇପାରିନାହିଁ । କେବଳ ପାନୀୟଜଳ ନୁହେଁ ମହାନଦୀ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ହଜାର ହଜାର କୃଷକ, ମତ୍ସ୍ୟଜୀବୀ ଓ ନାଉରିଆ ପରିବାର ପାଇଁ ଏବେ ମହାନଦୀର ଶୁଷ୍କ ଶରୀର ଚିନ୍ତାର କାରଣ ପାଲଟିଛି । ତେଣୁ ସରକାର ମହାନଦୀ ଜଳ ସଂରକ୍ଷଣ ପାଇଁ କୌଣସି ଦୃଢ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ମହାନଦୀ ମରୁଭୂମି ପାଲଟିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ବିଷ୍ଣୁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତାରେ ତିର୍ତ୍ତୋଲ ଭୋଟର

## ସତ୍ୟାସତ୍ୟ ପ୍ରମାଣ ହେବ ୨୯ରେ



**ଜଗତସିଂହପୁର/ରଘୁନାଥପୁର:** ସମଗ୍ର ରାଜ୍ୟରେ ଜଗତସିଂହପୁର ଜିଲ୍ଲା ରାଜନୀତି ସର୍ବଦା ଚର୍ଚ୍ଚିତ ହୋଇରହିଛି । ଚଳିତ ସାଧାରଣ ନିର୍ବାଚନରେ ଜଗତସିଂହପୁର ଜିଲ୍ଲାରେ ଶେଷ ପର୍ଯ୍ୟାୟ ତଥା ଏପ୍ରିଲ ୨୯ତାରିଖରେ ଭୋଟ ଗ୍ରହଣ କରାଯିବ । ଆଜି ସୁଦ୍ଧା ଏହି ଜିଲ୍ଲାରେ ଥିବା ୪ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ଗୋଟି ପ୍ରମୁଖ ଦଳର ପ୍ରାର୍ଥୀମାନେ ନିଜର ପ୍ରଚାର ଯୋରଦାର କରିଛନ୍ତି । ସେହିପରି ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ବିଜେପିର ବିଧାୟକ ପ୍ରାର୍ଥୀ ରମାକାନ୍ତ ଭୋଇଙ୍କ ସହିତ ବିଜେଡି ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ଜୋରଦାର ଲଢେଇର ସମ୍ଭାବନା ରହିଥିଲା । ମାତ୍ର ଗତ କିଛି ଦିନ ହେବ ଶ୍ରୀ ଦାସଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମଶଃ ଅବନତି ଘଟିଚାଲିଛି । ଦିନେ ଛାଡି ଦିନେ ଶ୍ରୀ ଦାସ ମେଡିକାଲର ଜରୁରୀ ସେବା ବ୍ୟବସ୍ଥାରେ ସମୟ ବିତାଉଛନ୍ତି । ଏହି ସୁଯୋଗରେ ରଘୁନାଥପୁର ଅଞ୍ଚଳରେ ତାଙ୍କର ପ୍ରମୁଖ ଅନୁଗତ ଭାବେ ନିଜର ପରିଚୟ ଦେଉଥିବା ଜନୈକ ବ୍ୟକ୍ତି ତାଙ୍କ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଅର୍ଥକୁ ହେଫ କରିସାରିଲେଣି ବୋଲି ଚର୍ଚ୍ଚା ହେଉଛି । ଯେହେତୁ ଏହି ଛାମୁଆ ବିଜେଡି ନେତା (ରାଜଶ୍ରୀଙ୍କ ବିଦ୍ରୋହୀ ଗୋଷ୍ଠୀର ମୁଖ୍ୟ ବୋଲାଉଥାନ୍ତି) ତେଣୁ ଏଠାରେ ବିଜେଡିର ସମର୍ଥକମାନେ ଶ୍ରୀ ଦାସଙ୍କ ପାଖକୁ ସର୍ବଦା ଯାଇଥାନ୍ତି । ଅନ୍ୟପକ୍ଷରେ ଏହି କୁକିନେତା ଜଣକ ବିଷ୍ଣୁ ଭାଇଙ୍କ ଅବସ୍ଥା ବହୁତ ଖରାପ । ମୁଁ ତାଙ୍କ ପାଖକୁ ଯାଉଛି । ତୁମ୍ଭେମାନେ ହାତରୁ ପଇସା ଖର୍ଚ୍ଚ କରି କାମ ଚଳାଇଦିଅ ପରେ ଭାଇ ଆସିଲେ ବୁଝିବେ ବୋଲି ସବୁଠି କହୁଛନ୍ତି । ସେହିପରି ଏହି ରଘୁନାଥପୁର ବ୍ଲକର କିଛିଦିନ ସଭାପତି ଦାୟିତ୍ୱ ତୁଲେଇ ଥିବା ବ୍ୟକ୍ତି ବଡମୁଣ୍ଡାରେ ବସି କହୁଛନ୍ତି ଯେ ବିଷ୍ଣୁ ଦାସଙ୍କ ଅବସ୍ଥା ବହୁ ଖରାପ । ଆମେ ଶଙ୍ଖ ଦଳିଆ ଯେତେକ ଅଛୁ ବିଜେପିକୁ ସମର୍ଥନ କରିବା ଆମ ପାଇଁ ଭଲ ହେବ । ଏହିପରି ଭାବରେ ଏକ ନିର୍ଦ୍ଦିଷ୍ଟ ବିଜେଡି ଗୋଷ୍ଠୀ ମତାମତ ପ୍ରଦାନ କରୁଥିଲା ବେଳେ ଏମାନଙ୍କୁ ଅନୁସରଣ କରୁଥିବା କିଛି ଅନ୍ୟ ବିଜେଡି କର୍ମୀମାନେ ଧୀରେ ଧୀରେ ହତୋତ୍ସାହିତ ହୋଇ ପଡୁଥିବା ଦେଖିବାକୁ ମିଳିଛି । ଆହୁରି ମଧ୍ୟ ଏହି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ମଧ୍ୟରେ ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡି ବ୍ଲକରେ ଥିବା ବିଜେଡି କର୍ମୀମାନେ ପୂର୍ବରୁ ୨ଭାଗରେ ବିରକ୍ତ ହୋଇ ପରସ୍ପରକୁ ବିରୋଧ କରୁଥିଲେ । ମାତ୍ର ଏବେ ଶ୍ରୀ ଦାସଙ୍କୁ ତିର୍ତ୍ତୋଲରେ ଟିକେଟ ମିଳିବା ପରେ ତାଙ୍କ ଅନୁଗତ ଗୋଷ୍ଠୀ ସବୁ ବ୍ଲକରେ ପୁଣି ୨ଭାଗ ହୋଇଯାଇଛନ୍ତି । ଏହି ୨ଭାଗ ପାଇଁ ରଘୁନାଥପୁର ଅଞ୍ଚଳରେ ଥିବା ବିଷ୍ଣୁଙ୍କ ଅତି ଘନିଷ୍ଠ ବୋଲାଉଥିବା ୨ ବ୍ୟକ୍ତିଙ୍କ ଚକ୍ରାନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ଆସନ୍ତା ଏପ୍ରିଲ ୨୯ ହିଁ ଏହାର ସତ୍ୟାସତ୍ୟ ପ୍ରମାଣ ଦେବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେତାଙ୍କୁ ...

କରିବା କଥା କହୁଥିବା ରାଜ୍ୟ କଂଗ୍ରେସ ଟିକଟ ଘୋଷଣାରେ ପଛୁଆ ରହିବା ସହିତ ଅନେକ ବାଦବିବାଦର ସମ୍ମୁଖୀନ ହେଲା । ଯେଉଁଥିପାଇଁ ଦଳର ତୁଙ୍ଗ ନେତାମାନେ ଦଳ ଛାଡ଼ିବା ସହିତ କେହି କେହି ବିଜେଡି ସହ ସମ୍ପର୍କ ବାନ୍ଧିଲେ ତ ଆଉ କେହି ବିଜେପି ସହ । ବିଜେଡି, ବିଜେପି କରୁଥିବା ହାଇଟେକ୍ ପ୍ରଚାର ତୁଳନାରେ କଂଗ୍ରେସର ନିର୍ବାଚନ ପ୍ରଚାର ଅତି ପୁରୁଣାକାଳିଆ ମନେହେଉଛି । ଆଖିଦୃଶିଆ ସଭାସମିତି ବା ରୋଡ ଶୋ' ନାହିଁ । କେବଳ ଅଳ୍ପ ବ୍ୟାନର, ପୋଷ୍ଟର ଓ ମାଇକ୍ ପ୍ରଚାରରେ ଏହା ସୀମିତ ରହିଛି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଭଳି ଘନ ଘନ ଗସ୍ତ କରି ରାଜ୍ୟର ସବୁ ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ରରେ ସଭାସମିତି ଓ ରୋଡ ଶୋ' କରୁଛନ୍ତି ତାହା ଆଖିଝଲସା । ହାଇଟେକ୍ ପ୍ରଚାର ମାଧ୍ୟମରେ ବିଜେଡି ଭୋଟରଙ୍କ ମନ ଜିଣିବା ପାଇଁ ସବୁପ୍ରକାର ଉଦ୍ୟମ ଚଳାଇଥିବା ବେଳେ ବିଜେପି ଓଡ଼ିଶାକୁ ନିଜର ନିର୍ବାଚନୀ ପରୀକ୍ଷାଗାର କରିଦେଇଛି । ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବହୁ ତୁଙ୍ଗ ରାଷ୍ଟ୍ରୀୟ ନେତା ଓଡ଼ିଶାକୁ ଘନ ଘନ ଗସ୍ତ କରି ନିର୍ବାଚନ ପ୍ରଚାର ଚଳାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆକ୍ରମଣାତ୍ମକ ଢଙ୍ଗରେ ଶାସକ ବିଜୁ ଜନତା ଦଳକୁ ଖୋଲା ଆହ୍ୱାନ ଦେବା ସହିତ ଓଡ଼ିଶାବାସୀ ପରିବର୍ତ୍ତନ ଚାହୁଁଛନ୍ତି ବୋଲି ଦାବି କରୁଛନ୍ତି । ବିଜେପିର ପରିବର୍ତ୍ତନ ସଂକଳ୍ପ ସଭା ଗୁଡିକରେ ମୋଦି ଓ ଶାହା ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିବା ସହିତ କାଳିଆ ଯୋଜନାର ପୋଲ୍ ଖୋଲୁଛନ୍ତି । ନବୀନ ସରକାରଙ୍କୁ କଡା ସମାଲୋଚନା କରି ଶାହା କହୁଛନ୍ତି ଯେ, ଭାଜପା ସରକାର ଆସିଲେ ଚିଟ୍‌ଫଣ୍ଡ ଓ ଖଣି ମାଫିଆଙ୍କୁ ତିନି ମାସରେ ଜେଲ୍ ପଠାଯିବ ଏବଂ ଏଥିସହିତ ଓଡ଼ିଶାରେ ଅଫିସର ରାଜ ଶେଷ କରାଯିବ । ଉଭୟ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାରକୁ ଆଣିବା ପାଇଁ ମୋଦି ପୂର୍ବରୁ ଡବଲ ଇଞ୍ଜିନ୍ କଥା କହିଥିଲା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଡବଲ ଇଞ୍ଜିନ୍ ଶବ୍ଦର ପରିଭାଷାକୁ ବଦଳାଇ ଦେଇଛନ୍ତି । ବିଜେଡି ନାରୀ ଶକ୍ତିକୁ ଅଧିକ ପ୍ରାଧାନ୍ୟ ଦେବା ସହିତ କାଳିଆ ଯୋଜନା ମାଧ୍ୟମରେ ରାଜ୍ୟର ହଜାର ହଜାର ଗରିବ କୃଷକଙ୍କୁ ସହାୟତା ଯୋଗାଇ ଦେବା ପ୍ରତିଶ୍ରୁତି ଦେଉଛନ୍ତି । ଏଥିସହିତ ବିଜେପି କାଳିଆ ଯୋଜନା ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛି ବୋଲି ଅଭିଯୋଗ କରିଛନ୍ତି ନବୀନ । ରୋଡ ଶୋ' ବେଳେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ଆପଣମାନେ ଖୁସି ତ ବୋଲି ପଚାରିବା ସହିତ ବିଜେଡିକୁ ଆଶୀର୍ବାଦ କରନ୍ତୁ ବୋଲି ନିବେଦନ କରୁଛନ୍ତି । ପଥପ୍ରାନ୍ତ ସଭା ଜରିଆରେ ବିଜେଡି ଓଡ଼ିଶାର ଭୋଟରମାନଙ୍କୁ ପୂର୍ବପରି ନିଜ ସପକ୍ଷରେ ଭୋଟ ଦେବାକୁ କହୁଥିଲା ବେଳେ ବିଜେପି ଭ୍ରଷ୍ଟାଚାର ମୁକ୍ତ ସରକାର ଗଠନ ଓ ଆତଙ୍କବାଦ ଉପରେ କଠୋର ପ୍ରହାର ସମ୍ପର୍କରେ ପ୍ରତିଶ୍ରୁତି ଦେଉଛନ୍ତି । କେବଳ ସେତିକି ନୁହେଁ ବିଜେପି ଶାସନ କ୍ଷମତାକୁ ଆସିଲେ କୃଷକମାନଙ୍କ ସମୃଦ୍ଧି, ଉନ୍ନତ ସ୍ୱାସ୍ଥ୍ୟସେବା ଓ ମୌଳିକ ସେବା ଗୁଡିକ ପାଇଁ ଏକ ମଜବୁତ୍ ସରକାରର ଆବଶ୍ୟକତା ସମ୍ପର୍କରେ ଭୋଟରମାନଙ୍କୁ ଅବଗତ କରାଉଛନ୍ତି । ଘରେ ଘରେ ଚୌକିଦାର ନାରା ଦେଉଥିବା ବିଜେପି ଦୁର୍ନୀତିଗ୍ରସ୍ତ ମାନଙ୍କୁ ହୁସିଆର କରିଦେବା ସହିତ ଦେଶ ଓ ରାଜ୍ୟରେ ଏକାଭଳି ଇଞ୍ଜିନ୍ କାର୍ଯ୍ୟ କରିବାର ଗୁରୁତ୍ୱ ଦର୍ଶାଉଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ବିଜେପିକୁ ଜୁମ୍‌ଲାବାଜି ଦଳ ବୋଲି ଅଭିହିତ କରିବା ସହ କାଳିଆ ଅର୍ଥ ପ୍ରଦାନ କ୍ଷେତ୍ରରେ ବିଜେପି ବାଧକ ସାଜିଛି ବୋଲି କହୁଛନ୍ତି । ଶେଷ ଜୀବନ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବା ପ୍ରତିଶ୍ରୁତି ଦେବା ସହିତ ନବୀନ ରାଜ୍ୟବାସୀଙ୍କୁ ନିଜ ପରିବାରର ସଦସ୍ୟ ବୋଲି ଅଭିହିତ କରୁଛନ୍ତି । ଏଭଳି ଆରୋପ ପ୍ରତ୍ୟାରୋପ ରାଜନୀତି ଭିତରେ ବିଜେଡି ନିଜର ସ୍ଥିତି ବଜାୟ ରଖିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିଲା ବେଳେ ବିଜେପି ଓଡ଼ିଶାରେ ମିଶନ ୧୨୦କୁ ସଫଳ କରାଇବା ପାଇଁ ସବୁ ପ୍ରକାର ଚେଷ୍ଟା କରୁଛି । ତେଣୁ ବର୍ତ୍ତମାନ ପରିସ୍ଥିତିରେ ଭୋଟରମାନେ ହିଁ ବିଚାର କରିବେ ରାଜ୍ୟରେ କେଉଁ ଦଳ କ୍ଷମତାରେ ରହିଲେ ସାଧାରଣ ଲୋକଙ୍କର ଉପକାର ହୋଇପାରବ । ଭୋଟର ଯେଉଁ ଆଡକୁ ମୁହାଁଇବେ ସେହି ଦଳ ନିଶ୍ଚୟ ଶାସନ ଗାଦି ଅକ୍ତିଆର କରିବ । ଚାରିଆଡେ ଏବେ ଯେଉଁ ବାତାବରଣ ଦେଖିବାକୁ ମିଳୁଛି ସେଥିରେ ପରିବର୍ତ୍ତନର ସ୍ୱର ଅଧିକ ଥିଲେ ବି ବିଜେଡି ପ୍ରତି ଲୋକଙ୍କର ଆସ୍ଥା ସେଭଳି କିଛି ତ୍ରୁଟି ନଥିବା ମନେ ହେଉଛି ।

### ଚିଲିକା ହ୍ରଦ ...

ହୋଇସାରିଛି ବୋଲି କଟାକ୍ଷ କରିଥିଲେ । ଏବେ ବିଜେପି ଚିଲିକାକୁ ବିକ୍ରୀ କରିବାକୁ ଉଦ୍ୟମ କରୁଥିଲା ବୋଲି ନୂଆ ଅଭିଯୋଗ ଉଠାଇଛନ୍ତି । ରାଜ୍ୟରେ ନିର୍ବାଚନ ପ୍ରଚାର ଏବେ ଜୋରଦାର ଚାଲିଛି । ମୁଖ୍ୟତଃ ବିଜେପି, ବିଜେଡି ଭିତରେ ଆରୋପ ପ୍ରତ୍ୟାରୋପ ସବୁଠୁ ଅଧିକ ଚାଲିଥିବା ଦେଖାଯାଇଛି । ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭିତରେ ପରସ୍ପରକୁ ଆକ୍ଷେପ କରିବା ଦେଖାଯାଉଛି । ହେଲେ ନବୀନ କାହା ନାଁ ନ ନେଇ ଆକ୍ଷେପ କରୁଥିଲା ବେଳେ ଧର୍ମେନ୍ଦ୍ର ପ୍ରଧାନ ସିଧା ନବୀନଙ୍କୁ ଟାର୍ଗେଟ କରୁଛନ୍ତି । ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ର ରଣପୁର ଓ ଚିଲିକା ନିର୍ବାଚନ ମଣ୍ଡଳୀରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବିଜେପି ବିରୋଧରେ ନୂଆ ଅଭିଯୋଗ ଆଣିଛନ୍ତି । ଚିଲିକାରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇ ନବୀନ କହିଛନ୍ତି ଯେ, କେନ୍ଦ୍ର ସରକାର ଚିଲିକାକୁ ବିକ୍ରୀ କରିଦେବାକୁ ଉଦ୍ରମ କରୁଥିଲେ । କିନ୍ତୁ କେନ୍ଦ୍ରର ଏହି ଚକ୍ରାନ୍ତକୁ ବିଜେଡି ଅଟକାଇବାରେ ସଫଳ ହୋଇଛି । ସେମାନେ ମତ୍ସ୍ୟଜୀବୀଙ୍କ ଦାନାରେ ଧୂଳି ଦେବାକୁ ବସିଥିଲେ । ଚିଲିକା ହେଉଛି ଆମର ମା' ଓ ଓଡ଼ିଶାର ଗୌରବ । ହେଲେ ସେ ଥିବା ପର୍ଯ୍ୟନ୍ତ ଚିଲିକାରେ କୌଣସି କ୍ଷତି ହେବାକୁ ଦେବେ ନାହିଁ ବୋଲି ନବୀନ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଲୋକମାନଙ୍କ ସ୍ୱାର୍ଥ ସହିତ ସେ ସବୁବେଳେ ଅଛନ୍ତି ଓ ରହିବେ ବୋଲି ମଧ୍ୟ ଭରସା ଦେଇଛନ୍ତି । ଏଥିସହ କାଳିଆ ଯୋଜନା ପ୍ରସଙ୍ଗ ମଧ୍ୟ ନବୀନ ଉଠାଇଥିଲେ । କେନ୍ଦ୍ର ସରକାର କାଳିଆ ଯୋଜନାକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି । ହେଲେ ସେ ଏହା କରାଇ ଦେବେନାହିଁ । ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ । ୪୦ଲକ୍ଷ ଚାଷୀ ଏହି ଯୋଜନାରେ ଉପକୃତ ହୋଇସାରିଲେଣି । ଆଉ ୨୫ଲକ୍ଷ ଚାଷୀଙ୍କୁ ବିଜେଡି ସରକାର ଗଠନ କରିବାର ପ୍ରଥମ ଦିନରେ ଏକାଥରେ ୨ କିସ୍ତିର ଅର୍ଥ ଦିଆଯିବ । ସେ କହିଛନ୍ତି ବିଜେଡି ମହିଳାମାନଙ୍କୁ ସେମାନଙ୍କର ହକ ଦେଇଛି । କେନ୍ଦ୍ର ଯୋଜନା ତୁଳନାରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାମାନେ ଦୁଇଗୁଣ ଟଙ୍କା ପାଉଛନ୍ତି । ଏହି ଯୋଜନାରେ ମହିଳାମାନଙ୍କ ବୀମା ରାଶି ୭ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ସେ କହିଥିଲେ । ନବୀନ ଆଜି ରୋଡ ଶୋ'ରେ ଯାଇ ବିଭିନ୍ନ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ । ରୋଡ ଶୋ'ରେ ଯିବା ସମୟରେ ମଧ୍ୟ ବିଭିନ୍ନ ସ୍ଥାନରେ ରହି ଉଦ୍‌ବୋଧନ ଦେଇଥିଲେ ।

### ସାବଧାନ ...

ତାଙ୍କ ଦଳ ଅଧିକ ଗୁରୁତ୍ୱ ଦେଉଛି ବୋଲି କହିବା ସହିତ ବସ୍ତିବାସିନ୍ଦାଙ୍କ ଭବିଷ୍ୟତ ପାଇଁ ଯେଉଁସବୁ ଯୋଜନାର ଆବଶ୍ୟକତା ରହିଛି ତାହା ଦର୍ଶାଇଥିଲେ । ଗତ ନିର୍ବାଚନ ତୁଳନାରେ ଓଡ଼ିଶାରେ ବିଜେପି ନିଜର ପ୍ରଭାବ ବିସ୍ତାର କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି । ଏହି ଲୋକସଭା ଅନ୍ତର୍ଗତ ସହର ଓ ଗ୍ରାମାଞ୍ଚଳରେ ବିଜେଡି, ବିଜେପି ଓ କଂଗ୍ରେସ ଜୋରଦାର ପ୍ରଚାର କରୁଥିଲେ ବି ଶାସକ ଦଳର ଲୋକପ୍ରିୟ ଯୋଜନା ଗୁଡିକର ସୁଫଳ ପାଇଥିବା ଭୋଟରମାନେ ପୁଣିଥରେ ବିଜେଡି ପ୍ରତି ଆସ୍ଥା ପ୍ରକଟ କରିବେ ବୋଲି ସୂଚନା ମିଳୁଥିଲେ ହେଁ ଗୁପ୍ତ ସୂଚନା ଅନୁସାରେ ଟଙ୍କାଖିଆ ଭୋଟରମାନେ ଅଡୁଆ ସୃଷ୍ଟି କରିବେ । କାରଣ ଏହି ଭୋଟରମାନେ ଦଳ ପ୍ରତି ଆନୁଗତ୍ୟ ରଖିଥିଲେ ବି ଭୋଟ ବେଳେ ଲାଞ୍ଚ ଖାଇବାର ମାନସିକତା ଯୋଗୁ କୌଣସି ନିର୍ଦ୍ଦିଷ୍ଟ ଦଳର ଭୋଟର ଭାବେ ଗଣା ହୋଇପାରନ୍ତି ନାହିଁ । ଏମାନଙ୍କୁ ଭରସା କରୁଥିବା ରାଜନୈତିକ ଦଳମାନେ ସତର୍କତାର ସହିତ କାର୍ଯ୍ୟକ୍ରମ ନ କଲେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ମଧ୍ୟ ଜଣାପଡିଛି । କିଛି ରାଜନୈତିକ ଦଳ ପୁରୁଣା କର୍ପୋରେଟରଙ୍କ ଜରିଆରେ ସ୍ଥାନୀୟ ଅଞ୍ଚଳର ଭୋଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବା ପାଇଁ ଯାହା କିଛିବି ଦେଉଛନ୍ତି ତାହା ଭୋଟରଙ୍କ ନିକଟରେ ପହଞ୍ଚୁଛି କି ନାହିଁ ସେ ତଥ୍ୟ ରଖିବାର ଆବଶ୍ୟକତା ରହିଛି । କାରଣ ଦଳ ତରଫରୁ ଭୋଟରଙ୍କ ପାଇଁ ମିଳୁଥିବା ସାହାଯ୍ୟ ସେମାନଙ୍କ ନିକଟରେ ପହଞ୍ଚିବା ବଦଳରେ ଏମାନଙ୍କ ତହବିଲକୁ ଯାଉଛି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ଏମିତି ହେଲେ ଭୋଟରମାନେ ଯେ ମତଦାନ ପର୍ଯ୍ୟନ୍ତ ନିଜର ନିଷ୍ପତ୍ତିକୁ କାଏମ ରଖିପାରିବେ ଏଥିରେ ସନ୍ଦେହ ରହିଛି । ଯାହା ଜଣାପଡିଛି ଏହି ଟଙ୍କାଖିଆ ଭୋଟରମାନେ ଟଙ୍କା ନ ପାଇଲେ ଶେଷ ମୁହୂର୍ତ୍ତରେ ଚିନ୍ତାଧାରାରେ ପରିବର୍ତ୍ତନ ଆଣି ତାଙ୍କୁ ଲାଭବାନ କରିଥିବା ଦଳକୁ ଭୋଟ ଦେବେ । ନିର୍ବାଚନରେ ସ୍ୱଚ୍ଛତାର କଥା ଯେତେ କୁହାଯାଉଥିଲେ ବି ଲାଞ୍ଚୁଆ ଭୋଟରମାନେ ଯେ ନିର୍ଣ୍ଣାୟକ ଭୂମିକା ନିଅନ୍ତି ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ତେଣୁ ବେଳ ହୁଁ ସାବଧାନ । କାରଣ ଏହି ଲାଞ୍ଚୁଆ ଭୋଟରଙ୍କୁ ଭୋଜିଭାତ ଓ ଉପହାର ଯେତେ ଦେଲେ ବି ଏମାନେ ଲାଞ୍ଚ ଟଙ୍କାକୁ ଅପେକ୍ଷା କରି ରହିଥାନ୍ତି । ଯେଉଁମାନେ କି ଗଣତନ୍ତ୍ର ପ୍ରତି ବିପଦ ସଦୃଶ ।

### ଝୁଲି ରହିଲା ...

ହେବେ ତାହା ଏବେଠାରୁ କହି ନହେଲେ ବି ତାଙ୍କ ପରିବାରର ସଦସ୍ୟ କିମ୍ବା ବାହାରର କେହି ପ୍ରାର୍ଥୀ ହେବେ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ଏହି ନିର୍ବାଚନ ମଣ୍ଡଳୀରୁ ତାଙ୍କ ବିପକ୍ଷରେ ଲଢୁଥିବା ବିଜେପିର ହେଭିୱେଟ୍ ନେତା ବିଜୟ ମହାପାତ୍ରଙ୍କ ପାଇଁ ଭାଗ୍ୟର ବିଡମ୍ବନା ଦେଖାଦେଲା । କାରଣ ଯେଉଁ ସମୟରେ ବିଜେଡି ବିଜୟଙ୍କ ଟିକଟ ବାତିଲ କରିଥିଲା ସେବେଠାରୁ ତାଙ୍କ ରାଜନୈତିକ ବାଟରେ କଣ୍ଟା ପଡିଲା ଭଳିଆ ଜଣାପଡୁଛି । କାରଣ ବିଜେଡି ପରେ ଓଡ଼ିଶା ଗଣ ପରିଷଦ ଗଠନ କରି ବିଜୟ ସେଥିରୁ ମଧ୍ୟ କିଛି ଲାଭବାନ ହୋଇପାରି ନଥିଲେ । ପରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ଦଳ ପାଇଁ କିଛି କରିବେ ବୋଲି ଯାହା ଜଣାପଡୁଥିଲା ତାହା ମଧ୍ୟ ହୋଇପାରି ନଥିଲା । ବରଂ ବିଜେପିରେ ସେ ଜଣେ ବିତର୍କିତ ନେତା ଭାବେ ସବୁବେଳେ ଚର୍ଚ୍ଚାରେ ରହି ପରବର୍ତ୍ତୀ ସମୟରେ ବିଜେପିରୁ ଇସ୍ତଫା ଦେଇଥିଲେ । ବିଜୟଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ସବୁବେଳେ କଳ୍ପନାଜଳ୍ପନା ଜାରି ରହିଥିଲା ବେଳେ ୨୦୧୯ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସେ ପୁଣିଥରେ ବିଜେପିକୁ ଫେରି ପାଟକୁରାରୁ ପ୍ରାର୍ଥୀ ହୋଇଥିଲେ । ପାଟକୁରାବାସୀ ଆଶା ରଖିଥିଲେ ଯେ, ବିଜୟଙ୍କ ବିଜୟ ହେଲେ ସେ ପୁଣିଥରେ ବିଧାନସଭାରେ ନିଜର ପ୍ରଭାବ ବିସ୍ତାର କରିପାରିବେ । ହେଲେ ଭାଗ୍ୟର ବିଡମ୍ବନା ଯେ, ପାଟକୁରା ମହାଯୁଦ୍ଧରେ ବେଦପ୍ରକାଶଙ୍କ ଦେହାନ୍ତ ପାଣି ଫିଙ୍ଗିଦେଲା । ସୂଚନା ଅନୁସାରେ ଚଳିତ ଥର ବିଜେଡି ଟିକଟ ନେବା ପୂର୍ବରୁ ବେଦପ୍ରକାଶଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ଅସୁସ୍ଥତା ସମ୍ପର୍କରେ ଜଣାଇଥିଲେ ବି ବିଜେଡି କିନ୍ତୁ ବେଦପ୍ରକାଶଙ୍କୁ ପ୍ରାର୍ଥୀ କରିଥିଲା । ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଖେଇ ଆସୁଥିଲା ବେଳେ ପ୍ରଚାର କାର୍ଯ୍ୟ ଜୋରସୋର ଚାଲିଥିଲା । ଏଠାରେ ବିଜେଡି ଓ ବିଜେପି ମଧ୍ୟରେ କଡା ଟକ୍କର ଚାଲିଥିଲା ବେଳେ ବିଜୟଙ୍କ ବିଜୟ ସମ୍ଭାବନା ଅଧିକ ଥିବା ଦେଖିବାକୁ ମିଳୁଥିଲା । ହେଲେ ଦୀର୍ଘ ବର୍ଷ ହେବ ଓଡ଼ିଶା ରାଜନୀତିରେ ଦୁର୍ଭାଗ୍ୟକୁ ସାମ୍ନା କରୁଥିବା ବିଜୟ ମହାପାତ୍ରଙ୍କୁ ପୁଣି ଏକ ଝଟ୍‌କା ଲାଗିଛି । ବେଦପ୍ରକାଶ ଯେଭଳି ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ଥିଲେ ବିଜୟ ମଧ୍ୟ ସେହିଭଳି ବିଜୁଙ୍କ ଅନୁଗତ ଥିଲେ । ତେଣୁ ପାଟକୁରା ରାଜନୀତିରେ ବିଜୟଙ୍କ ଭବିଷ୍ୟତକୁ ନେଇ ଏବେଠାରୁ କିଛି ସ୍ପଷ୍ଟ କହି ହେବନାହିଁ । କାରଣ ପରବର୍ତ୍ତୀ ସମୟରେ ଏଠାରୁ ସେ ପୁଣିଥରେ ବିଜେପି ବିଧାୟକ ପ୍ରାର୍ଥୀ ହେବେ ଓ ତାଙ୍କ ବିପକ୍ଷରେ ବିଜେଡିର କିଏ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ତାହା ଏକ ପ୍ରଶ୍ନବାଚୀ । କାରଣ ଚଳିତ ଥର ବିଜୟ ଏଠାରୁ ବିଜେପି ପ୍ରାର୍ଥୀ ହେବା ପରେ ଦଳୀୟ କର୍ମୀ ଓ ଭୋଟରଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଦେଖା ଦେଇଥିଲା । ହେଲେ ବିଜୟଙ୍କ ବିଧାନସଭା ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ବିଜେଡି କିନ୍ତୁ ବେଦପ୍ରକାଶଙ୍କ ପାଇଁ ଦୁଃଖ ପ୍ରକାଶ କଲେ ବି ବିଜୟଙ୍କ ଗତିରୋଧ ପାଇଁ ଯେଉଁ ଚକ୍ରାନ୍ତ କରିଥିଲା ସେଥିରେ ସଫଳ ହୋଇଥିବା ଚର୍ଚ୍ଚା ଜୋର ଧରିଛି । ଏହି ମର୍ଯ୍ୟାଦାଜନକ ଆସନଟିରୁ ବିଜୟ ଜିତି ନପାରିବା ପାଇଁ ବିଜେଡି ସବୁ ପ୍ରକାର କଳ ବଳ କୌଶଳ ପ୍ରୟୋଗ କରିଥିଲା ବୋଲି ମଧ୍ୟ ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି । ବେଦପ୍ରକାଶଙ୍କ ଦେହାନ୍ତ ବିଜେଡି ପାଇଁ ଅପୂରଣୀୟ କ୍ଷତି କୁହାଯାଉଥିଲେ ବି ବିଜୟଙ୍କ ବିଧାନସଭା ସ୍ୱପ୍ନ ଯେ ଅଧୁରା ରହିଲା ତାହାକୁ ଅସ୍ୱୀକାର କରିହେବନାହିଁ ।

### ଟଙ୍କିକିଆ ଚାଉଳର ...

ଗୋଟିଏ ସରକାର ଉପରେ ବହୁତ ଭରସା କଲେ, ଓଡିଶା ଏବେ ପରିବର୍ତ୍ତନ ପାଇଁ ମନ ସ୍ଥିର କରିସାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏତଦବ୍ୟତିତ ଓଡିଶା ଆସିବା ମୋ ପାଇଁ ତୀର୍ଥଯାତ୍ରା ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏଠାକାର ସରକାର ଚତୁରତାର ସହ କାମ କରୁଛି । ଯେଉଁ ଚାଉଳ ୧ ଟଙ୍କାରେ ଗରିବଙ୍କୁ ମିଳୁଛି ସେଥିରୁ ୨୯ ଟଙ୍କା କେନ୍ଦ୍ର ଦେଉଥିବା ବେଳେ ରାଜ୍ୟ ମାତ୍ର ୨ ଟଙ୍କା ଦେଉଛି । ଓଡିଶା ସରକାର ମାତ୍ର ୨ ଟଙ୍କା ଦେଇ ଶସ୍ତାରେ ଚାଉଳ ଯୋଗାଉଥିବା କହୁଛନ୍ତି । ଚୌକିଦାର ଚାଉଳ ଦେବାରୁ ସେମାନେ ଶସ୍ତାରେ ଚାଉଳ ଦେଇପାରୁଛନ୍ତି ବୋଲି ମୋଦି କହିଛନ୍ତି । ଏକ ଉଦାହାରଣ ମାଧ୍ୟମରେ ମୋଦି କହିଛନ୍ତି ଯେ ପୁଅ ଯେଉଁ ଟଙ୍କା ଦିଲ୍ଲୀରୁ ପଠାଉଛି ତାହା ପୁଅ ଦେଉଛି ପୋଷ୍ଟମ୍ୟାନ ନୁହେଁ । ଏପରି ରାଜ୍ୟ ସରକାର ଅଧା ଅଧୁରା ମିଛ କହୁଛନ୍ତି । ସ୍ୱାଧୀନତାର ଏତେ ବର୍ଷ ପରେ ଓଡିଶାବାସୀ ଗରିବ ହୋଇ ରହିଗଲେ । ଭେଦଭାବ, ଜାତିପ୍ରଥା କଂଗ୍ରେସ ଏବଂ ବିଜେଡିର ଉପଲବ୍ଧି । ମହାନଦୀ ଏବଂ ହୀରାକୁଦ ଭଳି ଜଳଭଣ୍ଡାର ଥାଇ ମଧ୍ୟ ଟୋପାଏ ପାଣି ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି । ଧାନରେ ପୋକ ଲାଗୁଛି । ସରକାର ଏହା ଉପରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । କେନ୍ଦ୍ର ସରକାର ଧାନ ଉପରେ ଦେଢଗୁଣା ଏମଏସପି କରିଥିବା ବେଳେ ବିଜେଡି ସରକାର ଧାନ କିଣିପାରିଲା ନାହିଁ । ପିଏମ କିଷାନ ଯୋଜନାକୁ ରାଜ୍ୟ ସରକାର ଲାଗୁ କଲେନି । ଓଡିଶା ସରକାର ଅଧା ଚାଷୀଙ୍କ ତାଲିକା ପଠାଇଛି । ଫଳରେ କେବଳ ସାଢେ ୮ଲକ୍ଷ କୃଷକଙ୍କ ପାଖରେ ପିଏମ କିଷାନ ଯୋଜନା ଟଙ୍କା ପହଁଚିଛି । ଏଠାରେ କୃଷକଙ୍କ ପାଇଁ ସରକାର ଯେଉଁ ଯୋଜନା ଆଣିଛନ୍ତି, ସେଥିରେ ଘୋଟାଲା ନଜର ଆସିଛି ବୋଲି ମୋଦି କହିଛନ୍ତି । କୋଲବ୍ଲକ ଘୋଟାଲାରେ ମଧ୍ୟ ଯେପରି ଅଙ୍ଗୁଳି ଉଠିଛି ଓଡିଶାର ଲୋକମାନେ ଭଲ ଭାବରେ ଜାଣିଛନ୍ତି । ଓଡିଶାର ଜଙ୍ଗଲ, ପ୍ରାକୃତିକ ସମ୍ପଦ ଭାରତକୁ ସମୃଦ୍ଧ କରିଛି । ଏହି ଶକ୍ତି ଭାରତକୁ ଉର୍ଜା ଯୋଗାଉଛି କିନ୍ତୁ ଏଠାରେ ଜଙ୍ଗଲ ଆଦିବାସୀଙ୍କ ସହ ଧୋକା ହେଉଛି । ଓଡିଶାରେ ଆଦିବାସୀଙ୍କ ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠି କରାଯାଇଛି । ପାଣ୍ଠିରେ ୬ ହଜାର ଟଙ୍କାରୁ ମାତ୍ର ୧ ହଜାର ଟଙ୍କା ଓଡିଶା ସରକାର ଖର୍ଚ୍ଚ କରିଛି । ଯେଉଁ ସରକାରର ନିୟତ ଏମିତି ତାଙ୍କୁ ପରିବର୍ତ୍ତନ କରିବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ରାଜ୍ୟର ଖଣିଜ ସମ୍ପଦରୁ ଆସୁଥିବା ଲାଭର ଏକ ଅଂଶ ସ୍ଥାନୀୟ ବିକାଶରେ ଲାଗିପାରିବ ବୋଲି ମଧ୍ୟ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ।

### ବିମୁଦ୍ରୀକରଣ ...

ସର୍ଭେର ପିରୟୋଡିକ୍ ଲେବର ଫୋର୍ସ ପକ୍ଷରୁ ଜୁଲାଇ ୨୦୧୭ରୁ ୨୦୧୮ ଜୁନ୍ ପର୍ଯ୍ୟନ୍ତ ସର୍ଭେ କରାଯାଇଥିଲା । ଏଥିରେ ବେକାରୀ ହାର ୬.୧% ରହିଥିବା ଜଣାପଡିଥିଲା । ଏହା ୨୦୦୦ରୁ ୨୦୧୧ ମଧ୍ୟରେ ସର୍ବାଧିକ । ବେକାରି କ୍ଷେତ୍ରରେ ପୁରୁଷଙ୍କ ତୁଳନାରେ ମହିଳା ସର୍ବାଧିକ ପ୍ରଭାବିତ । ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କ ଅଂଶୀଦାରିତା କମ୍ ରହିଥିବା ବେଳେ ମହିଳାଙ୍କ କ୍ଷକ୍ଷତ୍ରରେ ବେକାରି ହାର ସର୍ବାଧିକ ରହିଥିବା ରିପୋର୍ଟରେ କୁହାଯାଇଛି । ଦେଶରେ ଅଧିକାଂଶ ଉଚ୍ଚ ଶିକ୍ଷିତ ଅଧିକ ବେକାରୀ ହୋଇଥିବା ବେଳେ ୨୦ରୁ ୨୪ ବର୍ଷ ବୟସ ବର୍ଗରେ ବେରୋଜଗାରକାରୀଙ୍କ ସଂଖ୍ୟା ସର୍ବାଧିକ ରହିଛି । ପୁରୁଷଙ୍କ ମଧ୍ୟରେ ୨୦ରୁ ୨୪ ବର୍ଷ ବୟସର କର୍ମଜୀବୀ ବର୍ଗରେ ୧୩.୫% ରହିଛି । ଏମାନଙ୍କ ମଧ୍ୟରୁ ୬୦% ବେକାରୀ । ସେହିଭଳି ସହରାଞ୍ଚଳରେ ବସବାସ କରୁଥିବା ମହିଳା ଜନସଂଖ୍ୟାର ୧୦% ହେଉଚନ୍ତି ସ୍ନାତକଧାରୀ ମହିଳା, ଏମାନଙ୍କ ମଧ୍ୟରୁ ୩୪% ବେକାରୀ ବୋଲି ରିପୋର୍ଟରେ ଦର୍ଶାଯାଇଛି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ସ୍ୱଚ୍ଛ ଶିକ୍ଷିତ କର୍ମଜୀବୀମାନେ ୨୦୧୬ ଠାରୁ ଅଧିକ ଚାକିରି ହରାଇଛନ୍ତି । ଅଜ୍‌ମୀ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟର ଏହି ରିପୋର୍ଟ ପ୍ରକାଶ ପାଇବା ପରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ଟୁଇଟ୍ କରି ମୋଦୀ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଚିଦାମ୍ବରମ କହିଛନ୍ତି ଯେ, ଏହି ରିପୋର୍ଟ ନୋଟ୍‌ବନ୍ଦୀ ପରେ ଦେଶରେ ଲକ୍ଷାଧିକ ଲୋକ ଚାକିରି ହରାଇଥିବା ଅଧିକ ସ୍ପଷ୍ଟ କରୁଛି । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ବେକାରି ସ୍ଥିତି ନ ଥିବା କହୁଥିବା ନେଇ ଚିଦାମ୍ବରମ ସମାଲୋଚନା କରିଛନ୍ତି । ଅନ୍ୟପକ୍ଷରେ ଦେଶର କର୍ପୋରେଟ୍ କ୍ଷେତ୍ରରେ ନିଯୁକ୍ତିରେ ହ୍ରାସ ଘଟୁଥିବା ମଧ୍ୟ ସିଏମ୍‌ଇଆଇ କହିଛି । ଏହି ବେକାରି ସମସ୍ୟା ୧୯୭୨-୭୩ ପରେ ସର୍ବାଧିକ ରହିଥିଲା । ଏହି ରିପୋର୍ଟ ସରକାରଙ୍କ ପାଖରେ ପହଞ୍ଚିଥିଲା । କିନ୍ତୁ ଏହାକୁ ସରକାର ଲୁଚାଇ ରଖିଥିଲେ । ପରେ ଏହା ଗୁପ୍ତ ଭାବେ ଗଣମାଧ୍ୟମରେ ପହଞ୍ଚି ଯାଇଥିଲା ।

# ବାରିପଦାରେ ବିଜେଡିର କର୍ମୀ ସମ୍ମିଳନୀ

**ବାରିପଦା:** ବାରିପଦା ସ୍ଥିତ ବିଜୁ ଭବନ ପରିସରରେ ବିଜୁ ମହିଳା ଜନତା ଦଳର କର୍ମୀ ବୈଠକ ଶୁକ୍ରବାର ବାରିପଦା ପୌରପରିଷଦ ପର୍ଯ୍ୟବେକ୍ଷକ ପ୍ରୀୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚଳିତ ନିର୍ବାଚନରେ ପ୍ରାର୍ଥିମାନଙ୍କ ପାଇଁ ପ୍ରଚାର ପାଇଁ ଦଳୀୟ କର୍ମୀମାନେ କିପରି ଭାବେ କାର୍ଯ୍ୟ କରିବେ ଏବଂ ଏହା ସହ ଘରକୁ ଘର ବୁଲି ବାରିପଦା ବିଧାୟିକା ପ୍ରାର୍ଥିନୀ ଏବଂ ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥିଙ୍କ ସପକ୍ଷରେ ଭୋଟ ଭିକ୍ଷା କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ବାରିପଦା ପୌରପରିଷଦ ପାଇଁ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ କମଳା କୁମାରୀ ଭଞ୍ଜଦେଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କର୍ମୀ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଯୁବ ଜନତା ଦଳର ସଭାପତି ଜିତେନ୍ଦ୍ର ମହାନ୍ତି, ଉତର ଓଡ଼ିଶା ଜୋନାଲ ସଭାପତି ସୁବ୍ରମଣ୍ୟ ମହାନ୍ତି, ବିଜୁ ମହିଳା ଦଳର ଜିଲ୍ଲା ସଭାପତି ବୀଣାପାଣି ସାହୁ, କାର୍ଯ୍ୟକାରୀ ସଭାପତି ସବିତା ବେହେରା, ସହର ସଭାପତି ଗୀତା ବେହେରା, ମହିଳା ବିକାଶ ସଭାପତି ଦ୍ରୌପଦୀ ସାହୁ, ଜୟନ୍ତୀ ଦାସ ଗୁପ୍ତା,ତପସ୍ୱନୀ ସାହୁ, ପ୍ରଭାତୀ ପୃଷ୍ଟି., ହେମଲତା ଦାସ, ଫାତିମା ବିବି, ଅମ୍ପିତା ମହାନ୍ତି, ଭାଗ୍ୟଶ୍ରୀ ବେହେରା, ପିଙ୍କି ସାହୁ, ବୈଜୟନ୍ତୀ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ



**ସୋନପୁର :** ସୁବର୍ଣ୍ଣପୁର ଜିଲାର ଉଭୟ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ତେବେ ମତଦାନ ସମୟରେ ବିଭିନ୍ନ କାରଣରୁ ଜିଲାର ଉଭୟ ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦ଟି ବୁଥ୍‌ରେ ରାତି ପର୍ଯ୍ୟନ୍ତ ମତଦାନ ଚାଲିଥିବା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ଜିଲା ନିର୍ବାଚନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ୯ଟା ସୁଦ୍ଧା ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ୧୭ % ହୋଇଥିବା ବେଳେ ଦିନ ୧୧ଟା ସୁଦ୍ଧା ଏହା ସାମାନ୍ୟ ବୃଦ୍ଧି ପାଇ ୨୮% ଓ ଦିନ ଗୋଟାଏ ସୁଦ୍ଧା ମତଦାନ ହାର ୩୪%ରେ ପହଞ୍ଚିଥିଲା । କିନ୍ତୁ ପ୍ରଚଣ୍ଡ ଖରା ସତ୍ତ୍ୱେ ଭୋଟର ମାନେ ବିଭିନ୍ନ ମତଦାନ କେନ୍ଦ୍ରରେ ଧାଡିରେ ଠିଆ ହୋଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିବାରୁ ଏହି ହାର ଅପରାହ୍ନ ୩ଟା ସୁଦ୍ଧା ୪୬ %ରେ ପହଞ୍ଚିଥିବା ବେଳେ ସନ୍ଧ୍ୟା ୫ଟା ସୁଦ୍ଧା ୬୮ % ରହିଥିଲା । ସେହିରି ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ସକାଳ ୯ଟା ସୁଦ୍ଧା ମତଦାନ ହାର ମାତ୍ର ୧୫ % ରହିଥିବା ବେଳେ ଜିଲାର ହାରାହାରି ମତଦାନ ହାର ୧୬% ରହିଥିଲା । ଦିନ ୧୧ଟା ସୁଦ୍ଧା ବୀରମହାରାଜପୁରରେ ଏହି ହାର ବୃଦ୍ଧି ପାଇ ୨୮.୩ % ରହିଥିବା ବେଳେ ଦିନ ଗୋଟାଏ ସୁଦ୍ଧା ୩୫ %ରେ ପହଞ୍ଚିଥିଲା । ସେହି ରି ଅପରାହ୍ନ ୩ଟା ସୁଦ୍ଧା ମତଦାନ ହାର ୪୨% ରହିଥିବା ବେଳେ ସନ୍ଧ୍ୟା ୫ଟା ସୁଦ୍ଧା ୬୨% ରହିଥିଲା । ଏହି ସମୟ ମଧ୍ୟରେ ଜିଲାର ହାରାହାରି ମତଦାନ ହାର ୬୫% ରହିଥିଲା ୭ଟା ସୁଦ୍ଧା ଜିଲାର ହାରାହାରି ମତଦାନ ୭୧.୫% ରହିଥିବା ବେଳେ ଏ ଖବର ଲେଖା ହେବା ପର୍ଯ୍ୟନ୍ତ ଜିଲାର ଅନେକ ମତଦାନ କେନ୍ଦ୍ରରେ ମତଦାନ ଚାଲୁ ରହିଥିବା ଜିଲା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମତଦାନ ଆରମ୍ଭରୁ ଅନେକ ସ୍ଥାନରେ ଇଭିଏମ୍, ଭିଭି ।ଟ ମେସିନରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିବା ସୂଚନା ମିଳିଛି । ଅନ୍ୟ ପକ୍ଷରେ ସାଲେପାଲି, ବାଉଁଶୁଣୀ, ସେଲେଡି, ଜୁଲୁଣ୍ଡା, ସରଗଜ, ସିଲାଟିମୁଣ୍ଡା ଭଳି ଜିଲାର ଉଭୟ ନିର୍ବାଚନ ମଣ୍ଡଳୀର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ମତଦାନ କେନ୍ଦ୍ରରେ ଏ ଖବର ଲେଖା ହେବା ପର୍ଯ୍ୟନ୍ତ ମତଦାନ ଚାଲିଥିବା ସୂଚନା ମିଳିଛି । କିନ୍ତୁ ଆଜି ସନ୍ଧ୍ୟାରେ ଜିଲାର ବିଭିନ୍ନ ଅଞ୍ଚଳରେ କାଳ ବୈଶାଖିର ପ୍ରଭାବ ଦେଖା ଦେବାରୁ ଅନେକ ମତଦାନ କେନ୍ଦ୍ରରେ ବିଦ୍ୟୁତ ବିଭ୍ରାଟ ଫଳରେ ଭୋଟର ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିବା ସୂଚନା ମିଳିଛି । ତେବେ ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ନିର୍ବାଚନ ବିଭାଗ ପକ୍ଷରୁ ଭୋଟ ଗ୍ରହଣ ଚାଲିଥିବା ମତଦାନ କେନ୍ଦ୍ର ଗୁଡିକରେ ଯେପରି ଭୋଟ ଦେବାକୁ ଥିବା ଭୋଟର ମାନେ ନିର୍ଭୟରେ ନିଜର ମତଦାନ ସାବ୍ୟସ୍ତ କରି ପାରିବେ ସେଥି ।ଇଁ କଡା ପୁଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏପରିକି ସେହି ସବୁ ମତଦାନ କେନ୍ଦ୍ରରେ ନିୟୋଜିତ ଥିବା ପୁଲିଂ କର୍ମଚାରୀ ମାନଙ୍କ ସହ ଇଭିଏମ୍ ଓ ଭିଭି ।ଟ୍ ମେସିନ ଗୁଡିକୁ ସୁରକ୍ଷିତ ଅବସ୍ଥାରେ ଫେରାଇ ଅଣାଯିବ ସେଥି ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ମଧୁସୂଦନ ମିଶ୍ର ସୂଚନା ଦେଇଛନ୍ତି ।

ପର୍ଯ୍ୟଟନ

# ଜଳର ରଙ୍ଗ ଦେଖି ଭବିଷ୍ୟତ ସୂଚନା ଦେଉଥିଲେ ବୌଦ୍ଧ ସନ୍ନ୍ୟାସୀ



ଗତ ସ୍ତମ୍ଭରେ ଚାଙ୍ଗୁ ହ୍ରଦ ସମ୍ପର୍କରେ ଆପଣ ମାନଙ୍କୁ ସୂଚନା ଦେଇଥିଲି। ଆମେ ଚାଙ୍ଗୁ ଲେକ୍‌ରେ ପହଞ୍ଚିବା ବେଳକୁ ସମୟ ପ୍ରାୟ ସକାଳ ୧୦ଟା ୩୦ରୁ ୧୧ଟା ମଧ୍ୟରେ ହେବ। ତେବେ ଏହି ଲେକ୍‌ର ନାମକରଣ ସମ୍ପର୍କରେ ସେଠାରୁ ଯାହା ସୂଚନା ପାଇଲି ତାହା ଖୁବ୍ ରୋମାଞ୍ଚକର। ସ୍ଥାନୀୟ ଅଧିବାସୀ ମାନଙ୍କର ସୂଚନା ଅନୁସାରେ ଭୁଟିଆ ଭାଷାରେ ଚାଙ୍ଗୁ ଶବ୍ଦର ଅର୍ଥ ହେଉଛି ଜଳର ଉତ୍ସ। ଆଉ ଏହି ଲେକ୍ ଶୀତ ଦିନରେ ସମ୍ପୂର୍ଣ୍ଣ ବରଫର ଚାଦରରେ ପରିଣତ ହୋଇଯାଏ ଏବଂ ଗ୍ରୀଷ୍ମ ଋତୁରେ ଜଳପୂର୍ଣ୍ଣ ଲେକ୍ ଚାରିପଟେ ବୁଲିବାର ମଜା ଥିଲା ନିଆରା। ପ୍ରକୃତରେ ଏହା ଖୁବ୍ ସୁନ୍ଦର ପରିବେଶ। ଚାରିପଟେ ପାହାଡ ଆଉ ମଝିରେ ଚାଙ୍ଗୁ ଲେକ୍। ବ୍ୟସ୍ତବହୁଳ ଜୀବନରେ ତାଜା ଅନୁଭୂତି ସାଉଁଟିବା ପାଇଁ ଏହା ଏକ ଭଲ ସ୍ଥାନ ଅଟେ। ତେବେ ଏହି ଲେକ୍‌ଟି ବୁଲିବା ଭିତରେ ମୋର କାହିଁ ଅନୁଭବ ହେଲା ଯେ, ଏହି ସ୍ଥାନରେ ନିହାତି କିଛି ବିଶେଷତ୍ୱ ରହିଥିବ ହେଲେ କାହାକୁ ଏହା ବିଷୟରେ ପଚାରିବି ଭାବି ପାରୁନଥିଲି। ତେବେ ଲେକ୍ କୂଳରେ କିଛି ୟାକ୍ (ଲୋମପୂର୍ଣ୍ଣ ବଳଦ ଜାତୀୟ ପ୍ରାଣୀ) ସମ୍ପୂର୍ଣ୍ଣ ସଜ୍ଜିତ ହୋଇ ବୁଲୁଥିବାର ଦେଖିଲି। ସେମାନଙ୍କ ଉପରେ ପର୍ଯ୍ୟଟକମାନେ ବସି ଲେକ୍ ପାଖରେ ବୁଲୁଥିଲେ କେହି କେହି ସେମାନଙ୍କ ଉପରେ ବସି ଫଟୋ ମଧ୍ୟ ଉଠାଉଥିଲେ। ତେବେ ମୋର ମଧ୍ୟ ସେମାନଙ୍କ ଉପରେ ବସି ଚାଙ୍ଗୁ ଲେକ୍ ବୁଲିବାକୁ ଇଚ୍ଛା ହେଲା। ମୁଁ ସେଠାରେ ପହଞ୍ଚି ତା'ର ମାଲିକଙ୍କ ସହ କଥା ହେଲି ଏବଂ ଲେକ୍ ବୁଲିବା ଆରମ୍ଭ କରିଥିଲି। ମୁଁ ଯେଉଁ ୟାକ୍‌ର ଉପରେ ବସି ବୁଲୁଥିଲି ତା'ର ମାଲିକଙ୍କ ନାମ ଥିଲା ସାନୋ। ସେ ସେଠାକାର ସ୍ଥାନୀୟ ବାସିନ୍ଦା ଥିଲେ। ସେ ମୋତେ ୟାକ୍ ପିଠିରେ ବସାଇ ଚାଙ୍ଗୁ ଲେକ୍ ବୁଲାଇବା ଭିତରେ ଏହି ଲେକ୍‌ର ଅନେକ ବିଶେଷତ୍ୱ ବିଷୟରେ ସୂଚନା ଦେଇଥିଲେ। ତାଙ୍କ ସୂଚନା ଅନୁସାରେ ଏହି ଚାଙ୍ଗୁ ଲେକ୍ ହେଉଛି ଖୁବ୍ ପବିତ୍ର। ସିକିମ୍‌ର ଅନେକ ଲୋକକଥା ଏବଂ କିମ୍ବଦନ୍ତୀ ସହ ଚାଙ୍ଗୁ ଲେକ୍‌ର ସମ୍ପର୍କ ରହିଛି। ଏପରିକି ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ପୁରୁଣା କାଳରେ ବୌଦ୍ଧ ସନ୍ନ୍ୟାସୀ ମାନେ ଏହି ଲେକ୍‌ର ଜଳର ରଙ୍ଗ ଦେଖି ଭବିଷ୍ୟତ ସମ୍ପର୍କରେ ସୂଚନା ଦେଇପାରୁଥିଲେ। ଏମିତି ଅନେକ ତଥ୍ୟ ମୋତେ ସାନୋ ସୂଚନା ଦେଇଥିଲେ। ତେବେ ଏହାରି ଭିତରେ ଆମେ ଚାଙ୍ଗୁ ଲେକ୍ ବୁଲି ସାରିଥିଲୁ। ମୋର ବନ୍ଧୁ ଏବଂ ମୁଁ ସେଠାରେ ଅନେକ ଫଟୋ ମ ଧ ଉଠାଇଲୁ। ଗାଡି ଚାଳକ ଆମକୁ ସୂଚନା ଦେଲେ ଯେ, ଯଦି କିଛି ଖାଇବାର ଅଛି ତା'ହେଲେ ଏହି ଚାଙ୍ଗୁ ଲେକ୍ ନିକଟରେ ଭଲ ଫାଷ୍ଟଫୁଡ୍ ଏବଂ ମୋମୋ ମିଳେ, ଆପଣ ଖାଇପାରିବେ। ଆମେ ତା'ପରେ







ଚାଲିଲୁ ଚାଙ୍ଗୁ ଲେକ୍ ନିକଟରେ ଥିବା ଏକ ଛୋଟ ମାର୍କେଟ ଆଡକୁ। ମାର୍କେଟରେ ପହଞ୍ଚିବା ବେଳକୁ ବେଶ୍ କିଛି ପର୍ଯ୍ୟଟକମାନଙ୍କ ଭିଡ ଲାଗି ରହିଥିଲା। କେହି କେହି ସୁରା ପାନର ମଜ୍ଜା ମଧ୍ୟ ନେଉଥିଲେ। ଥଣ୍ଡା ପାଗକୁ ଗରମ ନୁଡୁଲସ୍ ଏବଂ ମୋମୋ ସତରେ ଖୁବ୍ ସ୍ୱାଦିଷ୍ଟ ଥିଲା। ଆମେ ସେହି ମାର୍କେଟରେ କିଛି ସମୟ ବିତାଇଥିଲୁ। ଆପଣମାନେ ମଧ୍ୟ ଯେତେବେଳେ ଚାଙ୍ଗୁ ଲେକ୍ ବୁଲିବା ପାଇଁ ଯିବେ ନିହାତି ସେଠାରେ ଗରମ ମୋମୋ ଖାଇବା ପାଇଁ ଭୁଲିବେ ନାହିଁ। ତେବେ ଖାଇସାରିବା ପରେ ଆମେ ବାହାରିଥିଲୁ ବାବା ମନ୍ଦିର ଦେଖିବା ପାଇଁ। ଚାଙ୍ଗୁ ଲେକ୍‌ରୁ ବାବା ମନ୍ଦିରର ଦୂରତା ପାଖାପାଖି ୧୬ କିଲୋମିଟର। ଅଙ୍କାବଙ୍କା ପାହାଡିଆ ରାସ୍ତା ଦୁଇକଡରେ ବରଫର ଚାଦର ତାରି ଭିତରେ ଆପଣଙ୍କୁ ଯାତ୍ରା କରିବାକୁ ପଡିବ। ଆମେ ରାସ୍ତାରେ ଯିବା ସମୟରେ ଅନେକ ସ୍ଥାନରେ ଗାଡିରୁ ଓହ୍ଲାଇ ଫଟୋ ଉଠାଇଥିଲୁ। କାରଣ ଆମ ପାଇଁ ଏମିତି ଦୃଶ୍ୟ ସତରେ ଖୁବ୍ ନିଆରା ଥିଲା। ଗାଡିରେ ଯିବା ସମୟରେ ଅନେକ ଥର ବାଦଲର ଗଭୀରତାକୁ କାଟି ଆମେ ଆଗକୁ ବଢୁଥିଲୁ। ଏମିତି ବି ଅନେକ ଥର ଗାଡି ଭିତରେ ମଧ୍ୟ ବାଦଲ ପଶି ଆସୁଥିଲା। ଆପଣ ମାନଙ୍କୁ ଆଉ ଏକ ସୂଚନା ମଧ୍ୟ ଦେବି ଯେ, ଆପଣ ଚାଙ୍ଗୁ ଲେକ୍ ବୁଲିବାକୁ ଯିବା ସମୟରେ ନିହାତି ଭଲ ଶୀତବସ୍ତ୍ର ନେଇକି ଯିବେ। କାରଣ ଏଠାରେ ବହୁତ ଥଣ୍ଡା ଅନୁଭୂତ ହୋଇଥାଏ।

*କ୍ରମଶଃ...*






ଉପସ୍ଥାପନା
ଜାହ୍ନବୀସୁତ

# ଓଡିଶାରେ ଚାଲିଛି ବାବୁରାଜ୍: ଶାହା

**ଭୁବନେଶ୍ୱର :** ଓଡିଶାରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦକୁ ଲୁଟ କରାଯାଇଛି । ଏହାର ଯାଞ୍ଚ ପାଇଁ ହୋଇଥିବା ଶାହ କମିଶନଙ୍କ ରିପୋର୍ଟରେ ଓଡିଶାର କୋଟି କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଥିବା କଥା ସ୍ପଷ୍ଟ ହୋଇଛି । ନବୀନ ବାବୁଙ୍କ ସରକାରର ଖଣି ଦୁର୍ନିତିରେ ମହା ଘୋଟାଲାରେ ସମ୍ପୃକ୍ତି କଥା ପଦାକୁ ସାରା ଓଡିଶା ଲୋକେ ଜାଣିଛନ୍ତି । ୨୦୧୯ ନିର୍ବାଚନରେ ଭାରତୀୟ ଜନତା ପାର୍ଟୀର ସରକାର ଓଡିଶାକୁ ଆସିଲେ ଯେତେ ଖଣି ମାଫିଆ ମାନେ ଓଡିଶାକୁ ଲୁଣ୍ଠନ କରିଛନ୍ତି ସମସ୍ତଙ୍କୁ ବାଛି ବାଛି ଜେଲ ପଠାଯିବ । ବିଜୁ ଜନତା ଦଳର ବିଧାୟକ ମନ୍ତ୍ରୀ ମାନଙ୍କ ଛତ୍ରଛାୟା ତଳେ ଚାଲିଥିବା ଚିଟ ଫଣ୍ଡ ଦୁର୍ନୀତିରେ ଓଡିଶାର ଗରିବ ଲୋକମାନେ ନିଜର ସଞ୍ଚିତ ଅର୍ଥ ହରାଇଛନ୍ତି। ଚିଟଫଣ୍ଡ ଦଲାଲ ମାନଙ୍କୁ ବିଜେଡିର ବିଧାୟକ ମନ୍ତ୍ରି ଆଉ ବାବୁମାନେ ମିଶି ସୁରକ୍ଷା ଦେଇ ସେଇ ଘୋଟାଲାରେ ଓଡିଶାଲୋକମାନଙ୍କୁ କଳା କନା ବୁଲାଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ଆସିଲେ ଚିଟଫଣ୍ଡରେ ସାମିଲ ଥିବା ସବୁ ଲୋକମାନଙ୍କୁ ଜେଲର ଚାରିକାନ୍ଥ ଭିତରେ ପୁରାଇ ଦିଆଯିବ ବୋଲି ଢେଙ୍କାନାଳରେ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଉଦବୋଧନ ଦେଇ କହିଛନ୍ତି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା। କେନ୍ଦ୍ରରେ ଓ ରାଜ୍ୟରେ ବିଜେପି ସରକାର ଆସିବାକୁ ହେଲେ ଦୁଇଟା ଯାକ ଭୋଟ ବିଜେପିକୁ ଦେବାକୁ ପଡିବ। ଶ୍ରୀ ଶାହା କହିଛନ୍ତି ଯେ ଓଡିଶାର ଲୋକତନ୍ତ୍ର ଶେଷ ହୋଇଛି। ଓଡିଶାରେ ବାବୁ ରାଜ ଚାଲିଛି। ଲୋକମାନେ ଭୋଟ ଦେଇ ବାଛୁଥିବା ବିଧାୟକ ସାଂସଦ ମାନେ କିଛି ନିଷ୍ପତି ନେଇ ପାରୁ ନାହାନ୍ତି। କିଛି ଅଫିସରମାନେ ନବିନ ବାବୁଙ୍କର ସରକାରରେ ସର୍ବେ ସର୍ବା ପାଲଟିଛନ୍ତି। ଓଡିଶାରୁ ବାବୁ ରାଜକୁ ଶେଷ କରିବାକୁ ପଡିବ। ରାଜ୍ୟରେ ବିଜେପି ସରକାର ଆସିଲେ ହିଁ ଓଡିଶାରୁ ବାବୁ ରାଜ ଶେଷ ହେବା ସହ ଲୋକମାନଙ୍କର ଶାସନ ପ୍ରତିଷ୍ଠା ହେବ। ବିଜେପି ସରକାରକୁ ଆସିଲେ ୧୫ ବର୍ଷରୁ କମ ଝିଅ ମାନଙ୍କୁ ଯଦି କିଏ ଦୁର୍ଷମ କରିବ ତାହେଲେ ତାକୁ ଫାଶି ଦିଆଯିବାର କାନୁନ ଅଣାଯିବ। ମହିଳା ସ୍ୱୟଂ ସହାୟିକ ଗୋଷ୍ଠୀମାନେ ନେଇଥିବା ସମସ୍ତ ବକେୟା ଋଣର ଏକକାଳୀନ ଛାଡ଼ ସୁବିଧା ସହ ୩ ଲକ୍ଷ ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ। କୃଷି ଶ୍ରମିକ, ଭୂମିହୀନ କୃଷକ, ଭାଗଚାଷୀ ମାନଙ୍କୁ ମାସିକ ୩ ହଜାର ଟଙ୍କା ପେନସନ୍ ପଦାନ ପାଇଁ 'ପ୍ରଧାନମନ୍ତ୍ରୀ ଶ୍ରମ ମାନଧନ ଯୋଜନା'କୁ ଲାଗୁ କରାଯିବ। ରାଜ୍ୟର ସମସ୍ତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ବାର୍ଷୀକ ୬୦୦୦ ଟଙ୍କା ଯୋଗାଇ ଦିଆଯିବ ବୋଲି ଅମିତ କହିଛନ୍ତି। ଶ୍ରୀ ଶାହା କହିଛନ୍ତି ଯେ ବିଜୁ ଜନତା ଦଳକୁ ମୋର ପ୍ରଶ୍ନ କଣ ସେମାନେ ଭାବୁଛନ୍ତି ଯେ ଆମକୁ ହତ୍ୟା କଲେ ମାରିଲେ ଆମେ ମଇଦାନ ଛାଡିକି ପଳେଇବୁ? ବିଜେପିର ମଣ୍ଡଳ ସଭାପତି ମଙ୍ଗୁଳି ଜେନାକୁ ସେମାନେ ହତ୍ୟା କରିଛନ୍ତି । ଏବେ ଏବେ ବିଜେପୁରରେ ଆମ ପାର୍ଥୀଙ୍କୁ ଆକ୍ରମଣ କରାଯାଇଛି। ଲୋକତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ଲୋକତନ୍ତ୍ରରେ ଯେ ହିଂସା କରେ ତାର ଜବାବ ଭୋଟର ମାନେ ବାଲାଟରେ ଦିଅନ୍ତି। ଆମର କାର୍ଯ୍ୟକର୍ତ୍ତା ମାନେ ବିଜେଡି କରୁଥିବା ହିଂସାର ଜବାବରେ ବିଜୁ ଜନତା ଦଳକୁ ସରକାରରୁ ହଟାଇ ଦେବେ। ପୁରା ଦେଶ ଏବେ ମୋଦିଙ୍କ ନେତୃତ୍ୱରେ ଆଗକୁ ବଢୁଛି । ଦେଶର ସାଧାରଣ ଲୋକମାନେ ନିର୍ଣ୍ଣୟ କରିସାରିଛନ୍ତି କି ଦେଶରେ ଆଉ ଥରେ ନରେନ୍ଦ୍ର ମୋଦିଙ୍କୁ ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସାଇବା ପାଇଁ। ଦେଶରେ କଂଗ୍ରେସ ସରକାର ଶାସନରେ ଥିବା ୫୫ ବର୍ଷରେ ଗରିବ ଲୋକମାନେ ଆହୁରି ଗରିବ ହୋଇଛନ୍ତି। ମୋଦିଙ୍କର ଏହି ୫ ବର୍ଷ ଶାସନରେ ଦେଶର ୫୫ କୋଟି ଗରିବ ଲୋକମାନଙ୍କ ପାଇଁ ମୋଦି ସରକାର ଯାହା କରିଛନ୍ତି ରାହୁଲ ଗାନ୍ଧୀଙ୍କର ପରିବାର ଶାସନ କରିଥିବା ୫୫ ବର୍ଷର କଂଗ୍ରେସ ସରକାରରେ ତାହା କରିପାରି ନଥିଲେ ବୋଲି ଶ୍ରୀ ଶାହା କହିଛନ୍ତି। ଅମିତ କହିଛନ୍ତି ଯେ ଦେଶରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ପ୍ରଥମେ ଏକ ଉଦ୍ୟୋଗ ପତିଙ୍କର ମନ୍ତ୍ରଣାଳୟ ଭାବେ ମନା ଯାଉଥିଲା। ହେଲେ ଏବେ ପେଟ୍ରୋଲିୟମ ମନ୍ତ୍ରଣାଳୟ ଗରିବ ଲୋକ ମାନଙ୍କର ମନ୍ତ୍ରଣାଳୟ ଭାବେ ପରିଣତ ହୋଇଛି। ଦେଶରେ ୭ କୋଟି ଗରିବ ପରିବାରଙ୍କୁ ଉଜ୍ଜଳା ଯୋଜନାରେ ମାଗଣା ଗ୍ୟାସ ଦିଆଯାଇ ପାରିଛି। ଦେଶରେ ୧୦ କୋଟି ପରିବାରଙ୍କୁ ଶୌଚାଳୟ, ୨ କୋଟି ୬୨ ଲକ୍ଷ ପରିବାରଙ୍କ ପାଖରେ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ ମୋଦି ସରକାରଙ୍କ ଏହି ୫ ବର୍ଷ ସମୟରେ ହୋଇପାରିଛି। ଭାରତୀୟ ଜନତା ପାର୍ଟିର ସରକାର ଦେଶର ୫୦ କୋଟି ଗରିବ ଲୋକଙ୍କ ପାଇଁ ମାଗଣା ଚିକିତ୍ସା ସୁବିଧା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଯୋଜନାରେ କ୍ୟାନସର ହେଉ କି କିଡନି ଟ୍ରାନସପ୍ଲାଣ୍ଟ ହେଉ ସବୁଥିରେ ମାଗଣା ଚିକିତ୍ସା ଲୋକମାନଙ୍କ ପାଇଁ କରାଯାଉଛି। କିନ୍ତୁ ଏଠାରେ ନବିନ ବାବୁ ସେହି ଯୋଜନାକୁ ଓଡିଶାରେ ଲାଗୁ କଲେ ନାହିଁ। ଗୁଜୁରାଟ, କର୍ଣ୍ଣାଟକରେ କାମ କରୁଥିବା ଓଡିଆ ଲୋକମାନେ ଆୟୁଷ୍ମାନ ଯୋଜନାର ଲାଭ ପାଇପାରୁନାହାନ୍ତି। ଏହା ଅତ୍ୟନ୍ତ ଦୁଃଖର କଥା। ନବୀନ ବାବୁ ଆୟୁଷ୍ମାନ ଯୋଜନାକୁ ଓଡିଶାର ଲୋକମାନଙ୍କୁ ବଞ୍ଚିତ କାହିଁକି କଲେ? କାରଣ ନବୀନ ବାବୁଙ୍କୁ ଭୟ ଅଛି ଯେ କାଳେ ଆୟୁଷ୍ମାନ ଯୋଜନାକୁ ଲାଗୁ କଲେ ରାଜ୍ୟରେ ମୋଦି ଲୋକପ୍ରିୟତା ବଢିଯିବ । ଡ୍ରିଷ୍ଟିକ ମିନେରାଲ ଫଣ୍ଡରେ ଭାରତୀୟ ଜନତା ପାର୍ଟିର ସରକାର ୬ ହଜାର କୋଟି ଟଙ୍କା ଦେଇଛନ୍ତି। ଭୁବନେଶ୍ୱରରେ ଆଇଆଇଟି, ଅତ୍ୟାଧୁନିକ ଇଏସଆଇ ହସ୍ପିଟାଲ ଏହି ମୋଦି ସରକାର ସମୟରେ ଓଡିଶାରେ ହୋଇଛି ବୋଲି ଶ୍ରୀ ଶାହା କହିଛନ୍ତି। ଜାତୀୟ ରାଜପଥ, ପୁରୀ-ଭୁବନେଶ୍ୱର ରାସ୍ତାକୁ ୪ ଲାଇନ କରିବା, ହଳଦିଆ-ପାରାଦ୍ୱୀପ ଗ୍ୟାସ ପାଇପ ଲାଇନ, ଝାରସଗୁଡାରେ ବିମାନ ବନ୍ଦର, ପାଇକ ବିଦ୍ରୋହକୁ ବିଶ୍ୱରେ ମାନ୍ୟତା ଦେବାର କାମ ଭାଜପା ସରକାରରେ ହିଁ ହୋଇଛି।



## କେନାଲ ପାଣି ପାଇଁ ରାସ୍ତାରୋକ

**ଜୁନାଗଡ଼:** ଇନ୍ଦ୍ରାବତୀ ରାଇଟ୍ କେନାଲରେ ପାଣି ଆସୁନଥିବା ପ୍ରତିବାଦରେ ଜାରି, ନିଚାଗୋଲା, ଗୁନ୍ଦୁଗୁଡା, ଘଣ୍ଟାବାହିଲି, ଲବଣିପୁର ଅଞ୍ଚଳର ଶତାଧିକ ଚାଷୀ ଗତ ଗୁରୁବାର ଜାରିଂ ଠାରେ ଭବାନୀପାଟଣା-ବୋରିଗୁମ୍ମା ରାସ୍ତା ଜାତୀୟ ରାଜପଥ ୨୬କୁ ଅବରୋଧ କରିଥିଲେ। ବର୍ତ୍ତମାନ ଧାନ ବାହାରିବା ସମୟ ହୋଇଥିବାରୁ ଏହି ସମୟରେ ଜମିକୁ ପାଣି ନ ଆସିଲେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ପାଣି ନ ଆସିବାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରୁଥିଲେ ବି କୌଣସି ପ୍ରତିକାର ନ ହେବାରୁ ବାଧ ହୋଇ ଚାଷୀମାନେ ୬ଘଣ୍ଟା କାଳ ରାସ୍ତା ଅବରୋଧ କରିଥିଲେ। ଅବରୋଧ ପରେ ଇନ୍ଦ୍ରାବତୀ ରାଇଟ୍ କେନାଲର ନିର୍ବାହୀ ଯନ୍ତ୍ରୀ ଜାରିଂକୁ ଆସି ଉତ୍ୟକ୍ତ ଚାଷୀମାନଙ୍କୁ ବୁଝାସୁଝା କରିବା ସହିତ ଦୁଇଦିନ ମଧ୍ୟରେ ପାଣି ଆସିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ରାସ୍ତା ଅବରୋଧ ହଟାଇ ଥିବାର ଦେଖିବାକୁ ମିଳିଥିଲା। ଏହି ରାସ୍ତା ଅବରୋଧ ଘଟଣା ଏବଂ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣି ନ ଆସିବାର ଏକ ଝଲକ ବୋଲି ଜଣାପଡିଛି। ଆଗକୁ ରାଇଟ୍ କେନାଲର ମରାମତି କରାନଗଲେ ତଳମୁଣ୍ଡକୁ ଆଦୌ ପାଣି ଆସି ପାରିବ ନାହିଁ। ତେଣୁ ଆଗକୁ ଏକ ବଡ ଧରଣର ଆନ୍ଦୋଳନ ହେବାର ସମ୍ଭାବନା ଦେଖାଦେଇଛି। ଏଣୁ ତୁରନ୍ତ ମରାମତି ସହ କେନାଲରେ ପାଣି ଛାଡିବାକୁ ନେଇ ସାଧାରଣରେ ଦାବି ହେଉଛି। ଉକ୍ତ କେନାଲ ପାଇଁ ୩ ବର୍ଷ ମଧ୍ୟରେ ୫ଥର ଟେଣ୍ଡର ହୋଇଥିଲେ ବି ତାହା ବାତିଲ ହୋଇଯାଉଛି ଏବଂ ଏହାର ପ୍ରଭାବ ତଳିଆ କର୍ମଚାରୀଙ୍କ ଉପରେ ପଡୁଛି।



# ଖରା ଛୁଟି: ନିୟମ ମାନୁନାହାନ୍ତି ଘରୋଇ ସ୍କୁଲ

**ଭୁବନେଶ୍ୱର :** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାରଠାରୁ ସ୍କୁଲ ଗୁଡ଼ିକରେ ଖରା ଛୁଟି ଘୋଷଣା କରିଛନ୍ତି। ଏହାକୁ କଡ଼ାକଡ଼ା ଭାବେ ପାଳନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ତେବେ ସରକାରଙ୍କ ଏହି ନିର୍ଦ୍ଦେଶକୁ ରାଜଧାନୀର ଅନେକ ଘରୋଇ ସ୍କୁଲ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ସରକାରଙ୍କ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ବୁଧବାର ରାଜଧାନୀର କିଛି ଘରୋଇ ସ୍କୁଲରେ ପାଠପଢ଼ା ହୋଇଥିଲା। ସ୍କୁଲ ବସ୍ ବି ପିଲାମାନଙ୍କୁ ନେବାଆଣିବା କରିଥିଲା। ସରକାରୀ ସ୍କୁଲ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଥିବାବେଳେ ଘରୋଇ ସ୍କୁଲଖୋଲା ରହିବା ସରକାରଙ୍କୁ ଏକ ପ୍ରକାର ଚ୍ୟାଲେଞ୍ଜ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ତେବେ ବିନା ୟୁନିଫର୍ମରେ ଘରୋଇ ସ୍କୁଲରେ ପାଠପଢ଼ା ଚାଲିଥିବା ବେଳେ ଏହାକୁ ନେଇ ରାଜଧାନୀରେ ଚର୍ଚ୍ଚା ହେଉଛି। ଏକ ଘରୋଇ ସ୍କୁଲର କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ ଚଳିତବର୍ଷ ସିବିଏସ୍‌ଇ ପାର୍ଟନରେ ପରିବର୍ତ୍ତନ ହୋଇଛି। ଏହି ଆଧାରରେ ଯଦି ପାଠପଢ଼ା ନହୁଏ ତେବେ ଛାତ୍ରଛାତ୍ରୀମାନେ ସେମାନଙ୍କ ଫାଇନାଲ ପରୀକ୍ଷାରେ ଭଲ ରେଜଲ୍ଟ କରିବେ ନାହିଁ। ସିବିଏସ୍‌ଇର ନୂତନ ନିୟମ ଅନୁଯାୟୀ ପ୍ରତି ମାସରେ ୨୫ ମାର୍କର ୟୁନିଟ୍ ଟେଷ୍ଟ୍ କରିବା ବାଧ୍ୟତାମୂଳକ ହୋଇଛି। ୨୫ମାର୍କରୁ ପିଲାମାନେ ଯେତିକି ନମ୍ବର ରଖିବେ ତାହା ଫାଇନାଲ ପରୀକ୍ଷାରେ ମିଶି ରେଜଲ୍ଟ ପ୍ରକାଶ କରାଯିବ। ଯଦି କୌଣସି ମାସରେ ଏହି ଟେଷ୍ଟ ନହୁଏ, ତେବେ ପିଲାଙ୍କର ରେଜଲ୍ଟ ଖରାପ ହେବା ସୁନିଶ୍ଚିତ। ଏହା ସାଙ୍ଗକୁ ସରକାର ଛୁଟି ବୃଦ୍ଧି କରିଥିବା ବେଳେ ନିର୍ଦ୍ଧାରିତ ସମୟରେ କିପରି କୋର୍ସ ଶେଷ ହେବ ସେ ଦିଗରେ ନଜର ଦେଇନାହାନ୍ତି। କେବଳ ଗୋଟିଏ ଦିଗକୁ ନଜର ଦେଇ ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଉଥିବା ବେଳେ ଶେଷ ବର୍ଷ ରେଜଲ୍ଟକୁ ଅଣଦେଖା କରାଯାଉଛି। ଅପରପକ୍ଷେ ସରକାର ସ୍କୁଲରେ ଗ୍ରୀଷ୍ମ ପ୍ରବାହକୁ ନଜର ଦେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଶ୍ରେଣୀରେ ଏସି ବ୍ୟବସ୍ଥା ରହିଛି। ତେବେ କେବଳ ଅଷ୍ଟମରୁ ଉର୍ଦ୍ଧ୍ୱ ଶ୍ରେଣୀର ପିଲାଙ୍କୁ ଆସିବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ସିବିଏସଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ନିଷ୍ପତ୍ତି ନେବା ଆବଶ୍ୟକ ଥିଲା ବୋଲି ଘରୋଇ ସ୍କୁଲ ସଫେଇ ଦେଇଛନ୍ତି। ତେବେ ରାଜ୍ୟରେ ଶସ୍ତାରେ ଜମି, ପାଣି ନେଇ ଖୋଦ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ନମାନିବା ସମସ୍ତଙ୍କୁ ଚକିତ କରିଛି। ଅପରପକ୍ଷେ ଅନେକ ଘରୋଇ ସ୍କୁଲରେ ବହୁ ନେତା, ଅଫିସରଙ୍କ ପିଲାମାନେ ପଢୁଥିବାରୁ ସେମାନେ ଏକ ପ୍ରକାର ସୁରକ୍ଷିତ ବୋଲି ଭାବି ଏଭଳି ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି। ଅପରପକ୍ଷେ ସରକାରୀ ସ୍କୁଲ ଛୁଟି ଥିବାରୁ ପାଠପଢ଼ାରେ ବ୍ୟାଘାତ ହେଉଛି। ନିର୍ଦ୍ଧାରିତ ସମୟରେ କୋର୍ସ ଶେଷ ନହେବା ମଧ୍ୟ ସୁନିଶ୍ଚିତ ହୋଇଯାଇଛି ବୋଲି କିଛି ଅଭିଭାବକ ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ +୨ ନାମଲେଖାରେ ଅନ୍‌ଲାଇନ ବ୍ୟବସ୍ଥା ସରକାର ଲାଗୁ କରିଛନ୍ତି। ପ୍ରତିବର୍ଷ ଘରୋଇ ବା ଇଂରାଜୀ ମାଧ୍ୟମ ସ୍କୁଲ ପିଲାମାନେ ୯୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଭଲ କଲେଜରେ ନାମଲେଖାଇବାର ସୁଯୋଗ ପାଉଥିବା ବେଳେ ସରକାରୀ ସ୍କୁଲର ପିଲାମାନେ ସେତିକି ମାର୍କ ରଖିବାରେ ସଫଳ ହେଉନାହାନ୍ତି। ଏହା ସାଙ୍ଗକୁ ସ୍କୁଲ କରି ପାଠପଢ଼ା ବନ୍ଦ କରିବା ଚିନ୍ତାର କାରଣ ପାଲଟିଛି। ତେବେ ନବମ ଓ ଦଶମ ଶ୍ରେଣୀ ପାଇଁ ଏପରି ସ୍କୁଲ ବନ୍ଦ କରିବା ଅର୍ଥ ସେମାନଙ୍କ ଭବିଷ୍ୟତ ସହ ଖେଳିବା ସହ ସମାନ। ତେବେ ସ୍କୁଲ ବନନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯିବା ପରେ ଘରୋଇ ସ୍କୁଲରେ ପାଠ ପଢ଼ା ହେବା ଏବଂ ଏହା ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଅର୍ଥ ସଂପୃକ୍ତ ସ୍କୁଲକୁ ପରୋକ୍ଷରେ ସରକାର ସାହାଯ୍ୟ, ସହଯୋଗ କରୁଛନ୍ତି ବୋଲି ଅଭିଯୋଗ ହେଉଛି।

# ବ୍ରହ୍ମେଶ୍ୱର ମନ୍ଦିରରେ ବିଶ୍ୱ ଐତିହ୍ୟ ଦିବସ




**ଭୁବନେଶ୍ୱର :** ଭାରତୀୟ ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ଶାଖା ଓ ସାଂସ୍କୃତିକ ଅନୁଷ୍ଠାନ ଐତିହ୍ୟର ମିଳିତ ଆନୁକୂଲ୍ୟରେ ବ୍ରହ୍ମେଶ୍ୱର ମନ୍ଦିର ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭିକ ଭାବେ ନିକଟସ୍ଥ ବ୍ରହ୍ମେଶ୍ୱର ହାଇସ୍କୁଲ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଦକ୍ଷିଣପୂର୍ବ ନୌବାଣିଜ୍ୟ ପ୍ରତିଷ୍ଠାନର ସମ୍ପାଦକ ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ୍ ଡ. ସୁନୀଲ କୁମାର ପଟ୍ଟନାୟକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱ ଐତିହ୍ୟ ଦିବସର ତାତ୍ପର୍ଯ୍ୟ, ସହର ସଭ୍ୟତାର ସାଂସ୍କୃତିକ କ୍ରମବିକାଶ ତଥା ଏକାମ୍ର ନଗରୀ ଭୁବନେଶ୍ୱରର ପ୍ରାଚୀନ ଐତିହ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ମିରାକ୍‌ଲ ଫ୍ୟାକ୍ଟର - ୨୦୧୯

**ଭୁବନେଶ୍ୱର :** ଆଧୁନିକ ନୃତ୍ୟ ସଙ୍ଗୀତର ମହାକୁମ୍ଭ ମିରାକ୍‌ଲ ଫ୍ୟାକ୍ଟର-୨୦୧୯ (ସିଜିନ୍ ୩) ଅନୁଷ୍ଠିତ ହୋଇଯାଇଛି। ଦି ମିରାକ୍‌ଲ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦୁଇଦିନିଆ ଏହି କାର୍ଯ୍ୟକ୍ରମ ଭଞ୍ଜ କଳାମଣ୍ଡପରେ ପ୍ରଦର୍ଶିତ ହୋଇଥିଲା। ଏଥିରେ ରାଜ୍ୟର ବହୁ ଶିଶୁ କଳାକାର ଯୋଗଦେଇ ନିଜର ପ୍ରତିଭାର ପରିଚୟ ଦେଇଥିଲେ। ସୂଚନାଯୋଗ୍ୟ, ଏହି ସାଂସ୍କୃତିକ ଅନୁଷ୍ଠାନ ଦୀର୍ଘବର୍ଷ ହେବ ଭୁବନେଶ୍ୱରରେ ଏଭଳି କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛି। ଅନୁଷ୍ଠାନର ମୁଖ୍ୟ ପୁଣ୍ୟ ପ୍ରିୟଙ୍କା ନାୟକଙ୍କ ଏ କ୍ଷେତ୍ରରେ ଯଥେଷ୍ଟ ସୁନାମ ରହିଛି। ଅଜୟ ମହାପାତ୍ରଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା ବେଳେ ରାଜଧାନୀର କଳାପ୍ରେମୀ ଦର୍ଶକମାନେ ଏହାକୁ ମନଭରି ଉପଭୋଗ କରିଥିଲେ। ମିଡିଆ ପାର୍ଟନର ମାନଙ୍କ ମଧ୍ୟରେ 'ଏକମାତ୍ର' ସାପ୍ତାହିକ ଖବରକାଗଜ ମିରାକ୍‌ଲ ଫ୍ୟାକ୍ଟର-୨୦୧୯ର ସହଯୋଗୀ ରହିଥିଲା।










# ଗ୍ରୀଷ୍ମରେ ତୃଷା ନିବାରଣ

**ଭୁବନେଶ୍ୱର :** ପ୍ରବଳ ଖରାରେ ଓଁ ସ୍ୱୟଂ ସହାୟକ ସଂଘ ପକ୍ଷରୁ ପୁରୁଣା ଭୁବନେଶ୍ୱର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନିକଟରେ ପଣା ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ, ରାଜଧାନୀର ସଚେତନ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏହି ସଂଘ ଜନକଲ୍ୟାଣ କାର୍ଯ୍ୟ କରିବା ସହିତ ଅସହାୟ ମାନଙ୍କୁ ସହାୟତାର ହାତ ବଢ଼ାଇଥାନ୍ତି। ଅନୁଷ୍ଠିତ ପଣା ବଣ୍ଟନ କାର୍ଯ୍ୟକ୍ରମରେ ସଂଘର ସଭାନେତ୍ରୀ ସସ୍ମିତା ସାହୁ, ସମ୍ପାଦିକା ନିବେଦିତା ଦାସ, ମିନି କୁମାରୀ ମିଶ୍ର, ବାସନ୍ତୀ ପଟ୍ଟନାୟକ, ସଂଯୁକ୍ତା ଦାଶ, ପ୍ରତିଭା ରଥ, ପ୍ରମିଳା ସାହୁ, ଶ୍ରଦ୍ଧାଞ୍ଜଳୀ ସାହୁ, କନିକା ମଲ୍ଲିକ, ଚୁମ୍‌କି ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଗୋଟିଏ ଦିନରେ ପାଖାପାଖି ୧ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟମାନେ ସହଯୋଗ କରିଥିଲେ।




# 'ଦାକ୍ଷିଣାତ୍ୟ ଓଡ଼ିଶାର ରୀତି ସମ୍ପନ୍ନ ଭିତ୍ତିଚିତ୍ର' ପୁସ୍ତକ ଲୋକାର୍ପିତ




**ଭୁବନେଶ୍ୱର :** ବିଶ୍ୱ କଳାଦିବସ-୨୦୧୯ ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟ ପରିସରରେ ଦୁଇଦିନିଆ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟଅତିଥି ରୂପେ ଓଡ଼ିଶା ଲଳିତକଳା ଏକାଡେମୀର ପୂର୍ବତନ ସଭାପତି ତଥା ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ କାନୁନ୍‌ଗୋ ଛାତ୍ରଛାତ୍ରୀମାନଙ୍କର ଚିତ୍ରକଳା ଓ ଭାସ୍କର୍ଯ୍ୟ କଳା ଗୁଡିକୁ ବୁଲି ଦେଖିବା ସହିତ ଉତ୍କଳୀୟ ଚାରୁକଳା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟୀ କାନୁନ୍‌ଗୋ, ଲକ୍ଷ୍ମୀକାନ୍ତ ମହାପାତ୍ର, ମିହିରକାନ୍ତ ପ୍ରହରାଜ ପ୍ରମୁଖ ଯୋଗଦେଇ ଏଭଳି ଏକ ଉତ୍ସବର ଆୟୋଜନ ପାଇଁ ଛାତ୍ରଛାତ୍ରୀ ତଥା ଏହି ମହାବିଦ୍ୟାଳୟର ଉଦ୍ୟମକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରକଳା, ଭାସ୍କର୍ଯ୍ୟ ଓ ବ୍ୟାବହାରିକ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଚିତ୍ରକଳାରେ ମନୀଷା ମହାରଣା, ଭାସ୍କର୍ଯ୍ୟରେ ପଙ୍କଜ କୁମାର ବେହେରା ଓ ଡିଜାଇନ୍‌ରେ ସାରଥୀ ପଲାଇ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ଅତଥିମାନେ ସେମାନଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବରିଷ୍ଠ ଚିତ୍ରଶିଳ୍ପୀ ରବିନ୍ଦ୍ର କୁମାର ମହାରଣାଙ୍କ ଦ୍ୱାରା ଲିଖିତ 'ଦାକ୍ଷିଣାତ୍ୟ ଓଡ଼ିଶାର ରୀତି ସମ୍ପନ୍ନ ଭିତ୍ତିଚିତ୍ର' ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଏହି ପୁସ୍ତକଟିରେ ଓଡ଼ିଶାର ପ୍ରାଚୀନ ମନ୍ଦିର ମାନଙ୍କରେ ଥିବା ପାରିପାର୍ଶ୍ୱିକ ଭିତ୍ତିଚିତ୍ର ଉପରେ ଉପାଦେୟ ତଥା ଗବେଷଣାମୂଳକ ତଥ୍ୟ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ଜୟା ଜେନା, ଚନ୍ଦନ କୁମାର ସାମଲ, ସସ୍ମିତା କାମିଲା, ରାମଶଙ୍କର ସାହୁ, ମାନସ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥି ରହିଥିଲେ।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455



30ft Internal Road
Mouza : Pandiapada
Contact Immediately :
8658607286 / 8917571455

PLOT FOR SALE@BHUBANESWAR

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି